ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଅକ୍ଟୋବର ୧୦/୨୦୨୦ (୧୨ପୃଷ୍ଠା) | Sambalpur, Saturday, October 10/2020 | ★★

୧୬ଶ ଭାଗ ୨୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-



**ଫିଲ୍ମ ଇଣ୍ଡଷ୍ଟ୍ରିକୁ ସନାଙ୍କ ବାଏ ବାଏ**

ଅଭିନେତ୍ରୀ ସନା ଖାନ୍ ଗ୍ଲାମର ଇଣ୍ଡଷ୍ଟ୍ରି ଛାଡ଼ିବାକୁ ଘୋଷଣା କରିଛନ୍ତି। ସୋସିଆଲ ମିଡିଆରେ ଏକ ଲମ୍ବା ପୋଷ୍ଟ ଲେଖି ସେ ଏହି ସୂଚନା ଦେଇଛନ୍ତି। **୦୨**

**୧୦** **ନାଡାଲ ଫାଇନାଲରେ**

ରାଫାଲ ନାଡାଲ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ୍ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।






# ସୁରକ୍ଷା ପ୍ରତି ଧ୍ୟାନ ନାହିଁ

**ଭୁବନେଶ୍ୱର,୯।୧୦(ବ୍ୟୁରୋ)**

ରାଜ୍ୟରେ ଥିବା ପେଟ୍ରୋଲ ପମ୍ପ ତଥା ଗ୍ୟାସ ଫିଲିଂ ଷ୍ଟେଶନଗୁଡ଼ିକର ସୁରକ୍ଷା ପ୍ରତି ପେଟ୍ରୋଲିୟମ ଆଣ୍ଡ୍ ଏକ୍ସପ୍ଲୋସିଭ୍ ସେଫ୍ଟି ଅର୍ଗାନାଇଜେଶନ(ପେସୋ) ଗୁରୁତ୍ୱ ଦେଉନାହିଁ। ଫଳରେ ନିୟମିତ ବ୍ୟବଧାନରେ ପମ୍ପଗୁଡ଼ିକର ଯାଞ୍ଚ ହୋଇପାରୁ ନାହିଁ। ପେଟ୍ରୋଲ ପମ୍ପ୍ ପ୍ରତିଷ୍ଠା ପାଇଁ କେବଳ ଏକ୍ସପ୍ଲୋସିଭ୍ ଲାଇସେନ୍ସ ଦେଇ ତାହାକୁ ତୈଳ କମ୍ପାନୀ ହାତରେ ପେସୋ ଟେକିଦେଉଛି। ଏହାପରେ ତୈଳକମ୍ପାନୀଗୁଡ଼ିକ ସେମାନଙ୍କ ସୁବିଧା ମୁତାବକ ଯାଞ୍ଚ କରୁଛନ୍ତି। ଆଇଓସିଏଲ୍, ଭାରତ ପେଟ୍ରୋଲିୟମ୍, ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ ଭଳି ପ୍ରମୁଖ ତୈଳ କମ୍ପାନୀର ଇଞ୍ଜିନିୟରିଂ ଡିପାର୍ଟମେଣ୍ଟ ନାମକୁ ମାତ୍ର ତ୍ରୈମାସିକ ଯାଞ୍ଚ କରୁଥିବାବେଳେ ପେସୋ ପକ୍ଷରୁ ୨/୪ବର୍ଷରେ ଥରେ ଯାଞ୍ଚ କରାଯାଉଛି। ନିୟମ ଅନୁସାରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରଣାଳୟ ଅଧୀନରେ ଥିବା ପେସୋର ଅଧିକାରୀମାନେ ପେଟ୍ରୋଲ ପମ୍ପର ତୈଳ ଓ ଗ୍ୟାସ ଗଚ୍ଛିତ ପରିମାଣକୁ ନିୟମିତ ବ୍ୟବଧାନରେ ଯାଞ୍ଚ କରିବା ସହ ବିସ୍ଫୋରକ ସାମଗ୍ରୀ, ଦହନଶୀଳ ପଦାର୍ଥ, ଚାପ ପାତ୍ର ଆଦିର ଯାଞ୍ଚ କରି ଏହାର ସୁରକ୍ଷା ପ୍ରତି ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେବା କଥା। ହେଲେ ଏହା କରାଯାଉ ନ ଥିବାରୁ ବିଭିନ୍ନ ସମୟରେ ପେଟ୍ରୋଲ୍ ପମ୍ପରେ ବିସ୍ଫୋରଣ ଭଳି ଘଟଣା ଘଟୁଛି। ଗତ ୨ଦିନ ତଳେ ରାଜଭବନ ନିକଟସ୍ଥ ପେଟ୍ରୋଲ୍ ପମ୍ପରେ ଥିବା ଏଲ୍‌ପିଜି ଟାଙ୍କି ବିସ୍ଫୋରଣ ଘଟଣାରୁ ଏହା ସ୍ପଷ୍ଟ ହୋଇଛି। ଉଚିତ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଇ ନ ଥିବାରୁ ଉକ୍ତ ବିସ୍ଫୋରଣରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ନିଖୋଜ ଏବଂ ଏକାଧିକ ବ୍ୟକ୍ତି ଆହତ ହୋଇ ଜୀବନ ସହ ସଂଗ୍ରାମ କରୁଛନ୍ତି। ବିସ୍ଫୋରଣ ପରେ ପେସୋ ଅଧିକାରୀମାନେ ଘଟଣାର ତଦନ୍ତ ଜାରି ରହିଛି ବୋଲି କହୁଛନ୍ତି।

ଜନବସତି ଅଞ୍ଚଳ, ସ୍କୁଲ୍ ଓ ହସ୍ପିଟାଲଠାରୁ ଫୁଏଲ୍ ଷ୍ଟେଶନଗୁଡ଼ିକ ଅତିକମ୍‌ରେ ୫୦ମିଟର ଦୂରରେ ରହିବାକୁ ଗତ ଜାନୁୟାରୀରେ ସେଣ୍ଟ୍ରାଲ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ(ସିପିସିବି) ସମସ୍ତ ତୈଳ କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ରାଜଧାନୀ ଭୁବନେଶ୍ୱର ସମେତ ସମଗ୍ର ରାଜ୍ୟରେ ଏହି ନିର୍ଦ୍ଦେଶନାମା ପାଳନ ହୋଇପାରୁ ନାହିଁ। ଭୁବନେଶ୍ୱରରେ ଅଧିକାଂଶ ପେଟ୍ରୋଲ ପମ୍ପକୁ ଲାଗି ଅନେକ ଲୋକଙ୍କ ଘର, ବାଣିଜ୍ୟିକ ପ୍ରତିଷ୍ଠାନ ☞ପୃଷ୍ଠା-୪

## ପେଟ୍ରୋଲ ପମ୍ପ ବିସ୍ଫୋରଣ ଘଟଣା



- ୨ବର୍ଷ ତଳେ ପେସୋ କରିଥିଲା ଯାଞ୍ଚ
- ସିପିସିବି ଗାଇଡ୍‌ଲାଇନ ମାନୁ ନାହାନ୍ତି ତୈଳ କମ୍ପାନୀ
- ଜନବସତି ଅଞ୍ଚଳରେ ରହିଛି ଅଧିକାଂଶ ଟାଙ୍କି

# ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମକୁ ନୋବେଲ ଶାନ୍ତି ପୁରସ୍କାର

**ନୂଆଦିଲ୍ଲୀ, ୯।୧୦(ଏ.ପି.)**

ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (ଡବ୍ଲ୍ୟୁଏଫ୍‌ପି) ଚଳିତବର୍ଷର ନୋବେଲ ଶାନ୍ତି ପୁରସ୍କାର ବିଜୟୀ ହୋଇଛି। ସାରା ବିଶ୍ୱରେ କ୍ଷୁଧା ଓ ଖାଦ୍ୟ ଅସୁରକ୍ଷା ବିରୋଧରେ ଲଢ଼େଇ ପାଇଁ ଉକ୍ତ ସଙ୍ଗଠନକୁ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ ନିମନ୍ତେ ଶୁକ୍ରବାର ଘୋଷଣା କରାଯାଇଛି।

୨୦୧୯ରେ ବିଶ୍ୱର ସର୍ବବୃହତ୍ ମାନବହିତୈଷୀ ସଙ୍ଗଠନ ଡବ୍ଲ୍ୟୁଏଫ୍‌ପି ୮୮ ଦେଶର ପ୍ରାୟ ୧୦ କୋଟି ଲୋକଙ୍କୁ ସହାୟତା ଦେଇଥିଲା। ଯୁଦ୍ଧ ଓ ସଂଘର୍ଷ ପ୍ରଭାବିତ ଦେଶର ଦରିଦ୍ର ଜନତାଙ୍କ ମୁହଁରେ ଆହାର ଦେଇ ଶାନ୍ତି ପାଇଁ ସେମାନଙ୍କ ଅବସ୍ଥାରେ ଉନ୍ନତି ଆଣିଥିଲା। ପୁରସ୍କାର ଘୋଷଣା ପରେ ଡବ୍ଲ୍ୟୁଏଫ୍‌ପି ମୁଖ୍ୟ ଡେଭିଡ୍ ବିସ୍‌ଲେ କହିଛନ୍ତି, ସେ ବିସ୍ମିତ ଓ ଚକିତ। ତାଙ୍କ ପାଖରେ ପ୍ରଥମ ଥର ଲାଗି ପ୍ରକାଶ କରିବାକୁ ଭାଷା ନାହିଁ।

ନୋବେଲ କମିଟି ପକ୍ଷରୁ କୁହାଯାଇଛି ଯେ, ସାରା ବିଶ୍ୱର କୋଟି କୋଟି ଲୋକ ଅନାହାରରେ ଥିବାବେଳେ କରୋନା ଭାଇରସ୍ ମହାମାରୀ ସେମାନଙ୍କ ଦୁଃଖଦୁର୍ଦ୍ଦଶାକୁ ବହୁଗୁଣିତ କରିଛି। ବିଭିନ୍ନ ଦେଶର ସରକାର ଡବ୍ଲ୍ୟୁଏଫ୍‌ପି ଏବଂ ଅନ୍ୟ ସହାୟତା ପ୍ରଦାନକାରୀ ସଙ୍ଗଠନଗୁଡ଼ିକୁ ଆର୍ଥିକ ସହଯୋଗ ☞ପୃଷ୍ଠା-୪

## କ୍ଷୁଧା ବିରୋଧରେ ଲଢ଼େଇ ପାଇଁ ଦିଆଯିବ




# ଆଣ୍ଟି-ରାଡିଏଶନ୍ ମିଶାଇଲ 'ରୁଦ୍ରମ୍'ର ସଫଳ ପରୀକ୍ଷଣ



**ବାଲେଶ୍ୱର ଅଫିସ, ୯।୧୦**

ଭାରତର ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆର୍‌ଡିଓ) ଦ୍ୱାରା ବିକଶିତ ଆଣ୍ଟି-ରାଡିଏଶନ ମିଶାଇଲ 'ରୁଦ୍ରମ୍'କୁ ଶୁକ୍ରବାର ପୂର୍ବାହ୍ନ ୧୧ଟା୧୫ମିନିଟ୍‌ରେ ବାଲେଶ୍ୱରର ଚାନ୍ଦିପୁରସ୍ଥିତ ସମନ୍ୱିତ ଉତ୍କ୍ଷେପଣ ରେଞ୍ଜରୁ ସଫଳତାର ସହ ପରୀକ୍ଷା କରାଯାଇଛି। ଏଥିନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆର୍‌ଡିଓର ସମସ୍ତ ବୈଜ୍ଞାନିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୁଖୋଇ-୩୦ଏମ୍‌କେଆଇ ଫାଇଟରରେ ଖଞ୍ଜାଯାଇଥିବା ରୁଦ୍ରମ୍ ଶତ୍ରୁପକ୍ଷର ରାଡାରକୁ ଠାବ କରିବାରେ ସହାୟକ ହେବ। ନୂତନ ଜ୍ଞାନକୌଶଳରେ ନିର୍ମିତ ହୋଇଥିବା ଏହି ଆଣ୍ଟି ରାଡିଏଶନ ମିଶାଇଲ ୧୦୦ରୁ ୨୦୦କିମି ଉଚ୍ଚରୁ ଗୁଳି ବର୍ଷଣ କରିବାର କ୍ଷମତା ରଖିଛି। ଏହାର ବେଗ ଶବ୍ଦର ବେଗଠାରୁ ଦୁଇଗୁଣା। ଏଥିରେ ଆଇଏନ୍‌ଏସ୍-ଜିପିଏସ ☞ପୃଷ୍ଠା-୪

# ଉପନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ଆରମ୍ଭ

- ଅକ୍ଟୋବର ୨୦ ପରେ ବାଲଟ ଧରି ଘର ଘର ବୁଲିବେ ଅଧିକାରୀ
- ସକାଳ ୭ରୁ ସନ୍ଧ୍ୟା ୬ ଯାଏ ମତଦାନ, ନଭେମ୍ବର ୧୨ରେ ନିର୍ବାଚନ ପ୍ରକ୍ରିୟା ଶେଷ
- ୮୦ ବର୍ଷରୁ ଉର୍ଦ୍ଧ୍ୱ, କୋଭିଡ୍ ସଂକ୍ରମିତ ମତଦାତାଙ୍କ ପାଇଁ ବାଲଟ ଭୋଟ

**ଭୁବନେଶ୍ୱର,୯।୧୦(ବ୍ୟୁରୋ)**

ବାଲେଶ୍ୱର-୩୮, ତିର୍ତ୍ତୋଲ-୧୦୨ ବିଧାନସଭା ନିର୍ବାଚନ ମଣ୍ଡଳୀରେ ହେବାକୁ ଥିବା ଉପନିର୍ବାଚନ ପାଇଁ ଶୁକ୍ରବାରରୁ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହୋଇଛି। ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ ଲୋହାନୀ ଏହି ସୂଚନା ଦେଇଛନ୍ତି। କୋଭିଡ୍ ଗାଇଡ୍‌ଲାଇନ୍ ପାଳନ କରି କିପରି ମତଦାନ ହେବ ସେ ନେଇ ମୁଖ୍ୟନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, କୋଭିଡ୍-୧୯ ସମୟରେ ନିର୍ବାଚନ ପରିଚାଳନା କରିବା ଏକ ଆହ୍ୱାନ । ନାମାଙ୍କନପତ୍ର ଦାଖଲ ସମୟରେ ପ୍ରାର୍ଥୀଙ୍କ ସହ ସର୍ବାଧିକ ୨ଜଣ ବ୍ୟକ୍ତି ଯାଇ ପାରିବେ। ୨ଟି ଗାଡ଼ି ବ୍ୟବହାର କରିପାରିବେ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବଦଳି ଦୁଃଖ**




# ୧୨ରୁ ଏକକ ପିଜି ପ୍ରବେଶିକା ପରୀକ୍ଷା

**ଭୁବନେଶ୍ୱର, ୯।୧୦(ବ୍ୟୁରୋ)**

ଚଳିତବର୍ଷ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର ପିଜି ନାମଲେଖା ପାଇଁ ଏକକ ପ୍ରବେଶିକା ପରୀକ୍ଷା ହେବ। ଏହା ଆସନ୍ତା ୧୨ ତାରିଖରୁ ଆରମ୍ଭ ହୋଇ ୨୨ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ମୋଟ ୮୩ଟି ବିଷୟରେ ନାମଲେଖା ହେବ। ୧୪,୭୦୦ ସିଟ୍ ପାଇଁ ୬୨,୨୦୦ ଛାତ୍ରୀଛାତ୍ର ଆବେଦନ କରିଛନ୍ତି। ୨୬ଟି ସେଣ୍ଟରରେ ଛାତ୍ରୀଛାତ୍ରମାନେ ପ୍ରବେଶିକା ପରୀକ୍ଷା ଦେବେ। ନଭେମ୍ବର ୭ରେ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ତେବେ ସବୁଠାରୁ ବଡ଼ କଥା ହେଲା କରୋନା ଆକ୍ରାନ୍ତ ଛାତ୍ରୀଛାତ୍ର ମଧ୍ୟ ଏହି ପରୀକ୍ଷା ଦେଇପାରିବେ। ଆକ୍ରାନ୍ତ ପରୀକ୍ଷାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ଆଇସୋଲେଶନ ରୁମ୍‌ର ବ୍ୟବସ୍ଥା କରାଯାଇଥିବା ଉଚ୍ଚଶିକ୍ଷା ବିଭାଗ ସଚିବ ଶାଶ୍ୱତ ମିଶ୍ର କହିଛନ୍ତି।

ବିଭାଗ ପକ୍ଷରୁ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ ସଚିବ କହିଛନ୍ତି, ପ୍ରତ୍ୟେକ ପରୀକ୍ଷା ୯୦ ମିନିଟ୍ ଅବଧିର ହେବ। ଓ.ଏମ୍.ଆର. ସିଟ୍‌ରେ ୭୦ଟି ମଲ୍ଟିପୁଲ ଚଏସ୍ ପ୍ରଶ୍ନ ରହିବ। ଛାତ୍ରୀଛାତ୍ରଙ୍କ ଅବଗତି ନିମନ୍ତେ କିଛି ମଡେଲ୍ ପ୍ରଶ୍ନ ୱେବ୍‌ସାଇଟରେ ଅପଲୋଡ୍ କରାଯାଇଛି। ଛାତ୍ରୀଛାତ୍ର ନାମଲେଖା ନିମନ୍ତେ ଏକାଧିକ ବିଷୟରେ ପ୍ରବେଶିକା ପରୀକ୍ଷା ଦେବାର ସୁବିଧା ରହିଛି। ୩ଟି ସିଟିଂରେ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରତି ସିଟିଂ ମଧ୍ୟରେ ୧ ଘଣ୍ଟା ବ୍ୟବଧାନ ରଖାଯାଇଛି। ସାମାଜିକ ଦୂରତ୍ୱ ସହିତ କୋଭିଡ୍-୧୯ର ସମସ୍ତ ମାର୍ଗଦର୍ଶିକା ଅନୁପାଳନ କରାଯିବ। ଯେଉଁ ଛାତ୍ରୀଛାତ୍ରମାନେ ଭିନ୍ନ ଭିନ୍ନ ବିଷୟରେ ପରୀକ୍ଷା ପାଇଁ ଆବେଦନ ☞ପୃଷ୍ଠା-୪

- ୩ ସିଟିଂରେ ହେବ, କରୋନା ଆକ୍ରାନ୍ତ ଦେଇପାରିବେ ପରୀକ୍ଷା
- ୨୬ ସେଣ୍ଟରରେ ପରୀକ୍ଷା ଦେବେ ୬୦ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର
- ଏହି ପରୀକ୍ଷା କରାଇବାରେ ଓଡ଼ିଶା ପ୍ରଥମ ରାଜ୍ୟ

# ମିଳିଲା ଦ୍ୱିତୀୟ ପର୍ଯ୍ୟାୟ ସୁଇସ୍ ଆକାଉଣ୍ଟ ତଥ୍ୟ

**ମୁମ୍ବାଇ,୯।୧୦**

ଭାରତ ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ସୁଇସ୍ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ଲାଭ କରିଛି। ଟିକସ ସମ୍ପର୍କିତ ସୂଚନା ଆଦାନପ୍ରଦାନ ଲାଗି ଭାରତ ଏବଂ ସୁଇଜରଲାଣ୍ଡ ସରକାରଙ୍କ ମଧ୍ୟରେ ହୋଇଥିବା ଚୁକ୍ତି ଅନୁସାରେ ଏହି ସୂଚନା ମିଳିଛି। କଳାଟଙ୍କା ବିରୋଧୀ ଲଢ଼େଇରେ ଏହା ଏକ ମାଇଲଖୁଣ୍ଟ ବୋଲି କୁହାଯାଉଛି। ଭାରତ ସମେତ ୮୬ ଦେଶକୁ ସୁଇଜରଲାଣ୍ଡର ଫେଡେରାଲ ଟାକ୍ସ ଆଡମିନିଷ୍ଟ୍ରେଶନ(ଏଫ୍‌ଟିଏ) ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ସୂଚନା ପ୍ରଦାନ କରିଛି। ପ୍ରଥମ ପର୍ଯ୍ୟାୟ ଡାଟା ଭାରତ ସରକାର ୨୦୧୯ ସେପ୍ଟେମ୍ବରରେ ଲାଭ କରିଥିଲେ। ମୋଟ ୮୬ ଦେଶର ୩୧ ଲକ୍ଷ ଫାଇନାନ୍ସିଆଲ ଆକାଉଣ୍ଟ ତଥ୍ୟ ସୁଇସ କର୍ତ୍ତୃପକ୍ଷ ପ୍ରଦାନ କରିଛନ୍ତି। ଗତ ଗୋଟିଏ ବର୍ଷ ମଧ୍ୟରେ ଭାରତ ସରକାରଙ୍କ ଅନୁରୋଧକ୍ରମେ ୧୦୦ ଭାରତୀୟଙ୍କ ସୁଇସ ବ୍ୟାଙ୍କର ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଟିକସ ମାମଲାରେ ଏହି ତଥ୍ୟ ପ୍ରଦାନ କରାଯାଇଥିଲା। ଏହା ପୁରୁଣା ଆକାଉଣ୍ଟ ତଥ୍ୟ ହୋଇଥିବା ବେଳେ ଆକାଉଣ୍ଟଗୁଡିକ ୨୦୧୮ ପୂର୍ବରୁ ବନ୍ଦ ହୋଇସାରିଛି। ନୂଆ ଆଇନ କେବଳ ଚାଲୁ ରହିଥିବା ଆକାଉଣ୍ଟ କିମ୍ବା ୨୦୧୮ ମଧ୍ୟରେ ବନ୍ଦ ହୋଇଥିବା ଆକାଉଣ୍ଟ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଛି। ପାନାମା ପେପର୍ସରେ ମଧ୍ୟ ଭାରତୀୟଙ୍କ ଆକାଉଣ୍ଟ ତଥ୍ୟ ନେଇ ସୂଚନା ସାମ୍ନାକୁ ଆସିଥିଲା। ☞ପୃଷ୍ଠା-୪

# 'ଆର୍ଯ୍ୟ'ର ଆଖି ତାଡ଼ିଦେଲେ

## ଭିକ୍ଷା ବୃତ୍ତି ପାଇଁ ବର୍ବରତା

**ନୂଆଦିଲ୍ଲୀ, ୯।୧୦**

ଭିକ୍ଷା ବୃତ୍ତିରେ ନିୟୋଜିତ କରିବାକୁ ସବୁ ସୀମା ଟପିଗଲା ବର୍ବରତା। ଏକ ହାତୀର ଆଖି ତାଡ଼ି ଅନ୍ଧ କରିଦେଲେ ଏହାକୁ ପାଳିଥିବା ମାଲିକ। ମାନବିକତାକୁ ଲଜ୍ଜିତ କରିବା ଭଳି ଏକ ସ୍ପର୍ଶକାତର ଘଟଣା ଦେଖିବାକୁ ମିଳିଛି ଉତ୍ତରପ୍ରଦେଶର ମଥୁରାରେ। ଯନ୍ତ୍ରଣାରେ କଲବଲ ହେଉଥିବା ଉକ୍ତ ହାତୀକୁ ବନ ବିଭାଗ କର୍ମଚାରୀମାନେ ଉଦ୍ଧାର କରି ଫରାହସ୍ଥିତ ଚୁର୍‌ମୁରା ହସ୍ତୀ ସଂରକ୍ଷଣ କେନ୍ଦ୍ରକୁ ଆଣିଛନ୍ତି। ଏହାପରେ ଉକ୍ତ ହାତୀ ଦୃଷ୍ଟିଶକ୍ତି ଫେରି ପାଇବାର ଆଶା ଉଜ୍ଜୀବିତ ହୋଇଛି।

ମଣିଷ କ୍ରୂରତାର ଶିକାର ହୋଇ ଦେଶର ଏକମାତ୍ର ହସ୍ତୀ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ଏହି ମାଈ ହାତୀ ହେଉଛି 'ଆର୍ଯ୍ୟ'। ଏହାର ଆନୁମାନିକ ବୟସ ୫୫ ବର୍ଷ ହେବ। ଆଖିରେ ଗଭୀର କ୍ଷତ ଯୋଗୁ ସେ ଦୃଷ୍ଟିଶକ୍ତି ହରାଇ ବସିଛି। ସେବାଯତ୍ନ, ସୁଷମ ଖାଦ୍ୟ ଅଭାବରୁ କୁ-ପୋଷଣର ଶିକାର ହୋଇଛି। ଏକ ସ୍ୱତନ୍ତ୍ର ଟିମ୍ 'ଆର୍ଯ୍ୟ'ର ଚିକିତ୍ସା ଲାଗି ନିୟୋଜିତ ହୋଇଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ହାତୀକୁ ଲେଜର ଥେରାପି, ହାଇଡ୍ରୋ ଥେରାପି ଦିଆଯାଉଛି।

ବୟସାଧିକ୍ୟ, ବଂଶାନୁକ୍ରମିକ କିମ୍ବା ଜନ୍ମରୁ 'ଆର୍ଯ୍ୟ' ଦୃଷ୍ଟିଶକ୍ତି ହରାଇଥିବା ପ୍ରଥମେ ଅନୁମାନ କରାଯାଉଥିଲା। ତେବେ ଚିକିତ୍ସାକେନ୍ଦ୍ରରେ ହାତୀର ସ୍ୱାସ୍ଥ୍ୟ ଯାଞ୍ଚ କରାଯିବା ପରେ ଯେଉଁ ରିପୋର୍ଟ ଆସିଲା, ତାହା ଥିଲା ହୃଦୟ ବିଦାରକ। ହାତୀର ବାମ ଆଖିକୁ କୌଣସି ଏକ ମୁନିଆ ଅସ୍ତ୍ରରେ ଆଘାତ କରି ନଷ୍ଟ କରାଯାଇଥିବା ବିଶେଷଜ୍ଞ ଦଳ ସ୍ପଷ୍ଟ କରିଛନ୍ତି। ଏଲିଫ୍ୟାଣ୍ଟ କେୟାର ସେଣ୍ଟରର ଡେପୁଟି ଡାଇରେକ୍ଟର ଡା. ଇଲାୟା ରାଜା କୁହନ୍ତି, ☞ପୃଷ୍ଠା-୪



ଚିକିତ୍ସା ପାଇଁ ହସ୍ତୀ ସଂରକ୍ଷଣ କେନ୍ଦ୍ରକୁ 'ଆର୍ଯ୍ୟ'କୁ ଅଣାଯାଇଛି।



ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁପ୍ରସାଦ ଯାଦବଙ୍କୁ ଗୋଖାଦ୍ୟ ଦୁର୍ନୀତି ମାମଲାରେ ଶୁକ୍ରବାର ଝାଡ଼ଖଣ୍ଡ ହାଇକୋର୍ଟ ଜାମିନ ଦେଇଛନ୍ତି। ଅବିଭକ୍ତ ବିହାରର ମୁଖ୍ୟମନ୍ତ୍ରୀ ଥିବାବେଳେ ଚାଇବାସା ଟ୍ରେଜେରିରୁ ସେ ବେଆଇନ ଭାବେ ୩୩.୬୭ କୋଟି ଟଙ୍କା ଉଠାଇଥିଲେ। ଜାମିନ ମିଳିଥିଲେ ହେଁ ଦୁମ୍କା ଟ୍ରେଜେରି ମାମଲାରେ ସେ ସମ୍ପୃକ୍ତ ଥିବାରୁ ଜେଲରେ ରହିବେ ବୋଲି ଜଣାପଡ଼ିଛି।

# ଜେଡିୟୁକୁ ଅଡୁଆ ଅନୁକମ୍ପା ହାୱା

**୨୦୧୫ ବିହାର ବିଧାନସଭା ନିର୍ବାଚନରେ ପ୍ରମୁଖ ଦଳିତ ନେତା ରାମବିଲାସ ପାଶ୍ୱାନଙ୍କ ଏଲ୍‌ଜେପି ୪୨ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବାବେଳେ ମାତ୍ର ୨ଟି ସିଟ୍ ଦଖଲ କରିବାରେ ସକ୍ଷମ ହୋଇଥିଲା। ଚଳିତ ନିର୍ବାଚନରେ ମୋଟ ୨୪୩ ଆସନରୁ ୧୪୩ ଆସନରେ ଏକାକୀ ଲଢ଼ିବା ପାଇଁ ତାଙ୍କ ପୁଅ ଚିରାଗ ପାଶ୍ୱାନ ନିଷ୍ପତ୍ତି ନେଇଛନ୍ତି। ବାପାଙ୍କ ମୃତ୍ୟୁ ପରେ ଅନୁକମ୍ପା ହାୱାକୁ ହାତେଇ ପାରିଲେ ନୀତୀଶଙ୍କ ପାଇଁ ଅଡୁଆ ସାଜିବେ ଚିରାଗ।**

**ପାଟନା, ୯।୧୦**




ଏଲ୍‌ଜେପି ପ୍ରତିଷ୍ଠାତା ସ୍ୱର୍ଗତ ରାମବିଲାସ ପାଶ୍ୱାନଙ୍କ ସହ ପୁଅ ଚିରାଗ ପାଶ୍ୱାନ।

ବିହାର ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଖେଇ ଆସୁଥିବାବେଳେ ଗୁରୁବାର କେନ୍ଦ୍ରମନ୍ତ୍ରୀ ତଥା ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ପ୍ରତିଷ୍ଠାତା ରାମବିଲାସ ପାଶ୍ୱାନଙ୍କ ପରଲୋକ ହୋଇଛି। ଏହି ଘଟଣା ରାଜନୈତିକ ସମୀକରଣକୁ ବଦଳାଇଦେବା ଭଳି ସମ୍ଭାବନା ସୃଷ୍ଟି କରିଛି। ପାଶ୍ୱାନଙ୍କ ଦେହାନ୍ତ ପରେ ତାଙ୍କ ପୁଅ ତଥା ଏଲ୍‌ଜେପି ଅଧ୍ୟକ୍ଷ ଚିରାଗ ପାଶ୍ୱାନଙ୍କ ନେତୃତ୍ୱରେ ଦଳ ଏହି ନିର୍ବାଚନ ଲଢ଼ିବାକୁ ଯାଉଛି। ଏଭଳି ସମୟରେ ଏଲ୍‌ଜେପି ସପକ୍ଷରେ ଅନୁକମ୍ପା ହାୱା ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଗଣିତକୁ ଭୁଲ୍ ପ୍ରମାଣିତ କରି ଶାସକ ସଂଯୁକ୍ତ ଜନତା ଦଳ (ଜେଡିୟୁ) ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିପାରେ ବୋଲି ବିଶ୍ଳେଷକ ଓ ରାଜନେତାମାନେ ମତ ଦେଇଛନ୍ତି।

ତିନି ପର୍ଯ୍ୟାୟ ବିଶିଷ୍ଟ ବିଧାନସଭା ନିର୍ବାଚନ ଅକ୍ଟୋବର ୨୮ରେ ଆରମ୍ଭ ହେବ। ଇତିମଧ୍ୟରେ ରାମବିଲାସ ପାଶ୍ୱାନଙ୍କ ଦେହାନ୍ତ ପରେ ବିହାରରେ ଏଲ୍‌ଜେପି ସପକ୍ଷରେ ଅନୁକମ୍ପା ହାୱା ପ୍ରବାହିତ ହେବା ଆରମ୍ଭ ହୋଇଛି। ରାଜ୍ୟର ସବୁଠୁ ବଡ଼ ଦଳିତ ନେତାଙ୍କ ମୃତ୍ୟୁ ଏହି ନିର୍ବାଚନକୁ କେତେ ପ୍ରଭାବିତ କରିବ ସେନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏଲ୍‌ଜେପି ସପକ୍ଷରେ ଅନୁକମ୍ପା ହାୱା ନିର୍ବାଚନ ଶେଷ ଯାଏ ବହିଚାଲିଲେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପାଇଁ ପୁଣି ସରକାର ଗଠନ କରିବା କଷ୍ଟକର ହୋଇଯିବ। ଏବେ ନୀତୀଶଙ୍କ ଜେଡିୟୁ ଏବଂ ଏଲ୍‌ଜେପି ମଧ୍ୟରେ କଟୁତାକୁ ନେଇ ଜୋର୍‌ଦାର ଆଲୋଚନା ହେଉଛି। ବିଶେଷକରି ନୀତୀଶଙ୍କୁ ଚିରାଗଙ୍କ ଖୋଲା ଚ୍ୟାଲେଞ୍ଜ ପରେ ସମ୍ପର୍କ ଆହୁରି ଖରାପ ହୋଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବୁଧବାର ସିନିୟର ପାଶ୍ୱାନଙ୍କ ସହ ତାଙ୍କ ସମ୍ପର୍କ ନେଇ ଅବତାରଣା କରିଥିଲେ। ହେଲେ ଜେଡିୟୁର ବିନା ସମର୍ଥନରେ ପାଶ୍ୱାନ କ'ଣ ରାଜ୍ୟ ସଭାକୁ ଯାଇପାରିଥାନ୍ତେ ବୋଲି ମଧ୍ୟ କହିବାକୁ ପଛାଇ ନ ଥିଲେ। ଖବରଦାତା ସମ୍ମିଳନୀରେ ଉପସ୍ଥିତ ଉପମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ମୋଦି କହିଥିଲେ, ରାମବିଲାସ ପାଶ୍ୱାନ ହସ୍ପିଟାଲରେ ନ ଥିଲେ ଏଭଳି ସ୍ଥିତି ଉପୁଜି ନ ଥାଆନ୍ତା। ଏଲ୍‌ଜେପି କେନ୍ଦ୍ରରେ କ୍ଷମତାସୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଛାଡ଼ି ନ ଥିବାବେଳେ ରାଜ୍ୟ ଏନ୍‌ଡିଏରୁ ଓହରିସାରିଛି। ଜେଡିୟୁ ବିରୋଧରେ ସମସ୍ତ ଆସନରେ ପ୍ରାର୍ଥୀ ଦେବା ପାଇଁ ଘୋଷଣା କରିଥିବା ଚିରାଗ ଭାଜପା ଓ ଅନ୍ୟ ଦଳର ନେତାଙ୍କୁ ଏଲ୍‌ଜେପିକୁ ସ୍ୱାଗତ କରୁଛନ୍ତି। ଇତିମଧ୍ୟରେ କେତେଜଣ ନେତା ମଧ୍ୟ ଏଲ୍‌ଜେପିରେ ସାମିଲ ହୋଇସାରିଛନ୍ତି ଓ ଆଗକୁ ମଧ୍ୟ ଏହି ଧାରା ଜାରି ରହିବ ବୋଲି କୁହାଯାଉଛି। ଅର୍ଥାତ୍ ଜେଡିୟୁ କୋଟା ଯୋଗୁ ଟିକେଟ ପାଇବାରୁ ବଞ୍ଚିତ ହେବାକୁ ଥିବା ଭାଜପାର ଅସନ୍ତୁଷ୍ଟ ଆଶାୟୀମାନେ ଚିରାଗଙ୍କ ସହ ହାତ ମିଳାଇପାରନ୍ତି। ତେବେ ନୀତୀଶଙ୍କୁ ପ୍ରତ୍ୟାଖ୍ୟାନ କରି ରାଜ୍ୟରେ ଭାଜପା ମୁଖ୍ୟମନ୍ତ୍ରୀ ଚାହୁଁଥିବା ଚିରାଗ ଗୈରିକ ଦଳରୁ ଏଲ୍‌ଜେପିକୁ କେତେ ଭୋଟ ଆଣିପାରୁଛନ୍ତି ଏବଂ ବାପାଙ୍କ ମୃତ୍ୟୁର ଅନୁକମ୍ପା ହାୱାକୁ କେତେମାତ୍ରାରେ ଭୋଟରେ ରୂପାନ୍ତରିତ କରିପାରୁଛନ୍ତି ତାହା ନଭେମ୍ବର ୧୦ରେ ଗଣତି ପରେ ସ୍ପଷ୍ଟ ହୋଇଯିବ। ଜାତୀୟ ରାଜନୀତିରେ ମୌସୁମୀ ବୈଜ୍ଞାନିକ ଭାବେ ପରିଚିତ ସ୍ୱର୍ଗତ ପାଶ୍ୱାନଙ୍କ ପୁଅ ଯୁବ ବିହାରୀ ଚିରାଗ ପାଶ୍ୱାନ ବାପାଙ୍କ ଅବର୍ତ୍ତମାନରେ ପ୍ରଥମ ନିର୍ବାଚନ ଲଢ଼ି କେତେ ସଫଳ ହେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ପାଶ୍ୱାନ ଫ୍ୟାକ୍ଟର: ନୀତୀଶ ଚିନ୍ତିତ ନୁହନ୍ତି



ଜେଡିୟୁ ସୂତ୍ରରୁ ଜଣାପଡ଼ିଛି ଯେ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଚିରାଗ ପାଶ୍ୱାନ ଫ୍ୟାକ୍ଟରକୁ ନେଇ ସେତେଟା ଚିନ୍ତିତ ନୁହନ୍ତି। ୨୦୦୫ ପରଠୁ ସେମାନେ ଦଳିତ ଭୋଟ ହାତେଇବା ପାଇଁ ଉଦ୍ୟମ ଚଳାଇଥିଲେ ହେଁ ପାଶ୍ୱାନ ଭୋଟ-ବେସ୍‌ରୁ ଲାଭ ପାଇନାହାନ୍ତି। ପ୍ରକୃତପକ୍ଷେ ପାଶ୍ୱାନ ମତଦାତା ସେମାନଙ୍କ ବିରୋଧରେ ଭୋଟ ଦେଇଆସିଛନ୍ତି। ନୀତୀଶ କୁମାର ପୂର୍ବରୁ ମହାଦଳିତ ଭୋଟକୁ ନିଜ ସପକ୍ଷକୁ ଆଣିବା ଲାଗି ପୂର୍ବତନ ପ୍ରତିଦ୍ୱନ୍ଦ୍ୱୀ ଜିତନ ରାମ ମାଝିଙ୍କ ସହ ହାତ ମିଳାଇସାରିଛନ୍ତି। ମାଝିଙ୍କ ଦଳ ହିନ୍ଦୁସ୍ଥାନ ଆୱାମ ମୋର୍ଚ୍ଚା (ଏଚ୍‌ଏଏମ୍)କୁ ଜେଡିୟୁ ଭାଗରେ ପଡ଼ିଥିବା ୧୨୨ ଆସନ ମଧ୍ୟରୁ ୭ ସିଟ ଦିଆଯାଇଛି। ଭାଜପା ୧୨୧ ଆସନ ପାଇଥିବାବେଳେ ସେଥିରୁ ମୁକେଶ ଶାହାନିଙ୍କ ବିକାଶଶୀଳ ଇନ୍‌ଶାନ ପାର୍ଟିକୁ ୧୧ ଆସନ ଛାଡ଼ିଦେଇଛି। ଚିରାଗ ପାଶ୍ୱାନଙ୍କୁ ଭାଜପା କିପରି ହ୍ୟାଣ୍ଡେଲ କରୁଛି ତା' ଉପରେ ଅନେକ କିଛି ନିର୍ଭର କରେ ବୋଲି କୁହାଯାଉଛି।

# ସିରିୟଲ୍ କିଲରଙ୍କୁ ଫାଶୀଦଣ୍ଡ

**ଆବୁଜା, ୯।୧୦**



ଗ୍ରେସିୟସ୍ ଡେଭିଡ୍-ୱେଷ୍ଟ

**ନାଇଜେରିଆରେ ୯ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରିଥିଲେ**

ନାଇଜେରିଆର ସିରିୟଲ୍ କିଲର ଗ୍ରେସିୟସ୍ ଡେଭିଡ୍- ୱେଷ୍ଟଙ୍କୁ ମୃତ୍ୟୁଦଣ୍ଡ ମିଳିଛି। ୨୦୧୯ ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ହୋଟେଲ ରୁମ୍‌ରେ ବଳାତ୍କାର ପରେ ତଣ୍ଟିଚିପି ୯ ମହିଳାଙ୍କୁ ହତ୍ୟା କରିଥିଲେ। ପୂର୍ବରୁ ଏଭଳି ଅନେକ ଅପରାଧ ସେ ଘଟାଇଥିବାବେଳେ ପ୍ରମାଣ ମିଳୁ ନ ଥିଲା। ପୋର୍ଟ ହାର୍‌କୋର୍ଟରେ ସେ ୮ ଜଣ ମହିଳାଙ୍କୁ ହତ୍ୟା କରିଥିବା ଜଣାପଡ଼ିଛି। ଗତ ସେପ୍ଟେମ୍ବରରେ ବଳାତ୍କାର ଓ ହତ୍ୟାକାଣ୍ଡକୁ ନେଇ ଲୋକମାନେ ରାଜରାସ୍ତାରେ ବିକ୍ଷୋଭ କରିବା ପରେ ସବୁ ଘଟଣା ଆସ୍ତେ ଆସ୍ତେ ଲୋକଲୋଚନକୁ ଆସିଥିଲା। ସେପ୍ଟେମ୍ବର ୧୯ରେ ଗ୍ରେସିୟସ୍ ଡେଭିଡ୍- ୱେଷ୍ଟଙ୍କୁ ଗିରଫ କରାଯାଇଥିଲା। ତାଙ୍କ ଦ୍ୱାରା ବଳାତ୍କାରର ଶିକାର ହୋଇଥିବା ଅଧିକାଂଶ ମହିଳା ଏବେ ସେକ୍ସୱାର୍କର। ଏଭଳି ଅପରାଧୀଙ୍କୁ ଫାଶୀଦଣ୍ଡ ଦିଆଯିବା ଲାଗି ଜଷ୍ଟିସ ଆଡୋଲ୍ ଫୁସ୍ ରାୟରେ ଦର୍ଶାଇଛନ୍ତି। ଏଭଳି ଅପରାଧ କେବଳ ସିରିୟଲ୍ କିଲରମାନେ ହିଁ କରିପାରନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ନାଇଜେରିଆରେ ସାଧାରଣତଃ ମୃତ୍ୟୁଦଣ୍ଡ ଦିଆଯାଇ ନ ଥାଏ। ୨୦୧୬ରେ ଶେଷଥର ଲାଗି ଏଭଳି ଫାଶୀଦଣ୍ଡ ଦିଆଯାଇଥିଲା।

# ମନ୍ଦିର ପୂଜକଙ୍କୁ ଜାଳିଦେଲେ

**ଜୟପୁର, ୯।୧୦**

**ଜମି ବିବାଦକୁ ନେଇ ହତ୍ୟା**

ରାଜସ୍ଥାନର କରୌଲିରେ ଜମି ବିବାଦକୁ ନେଇ ଦୁର୍ବୃତ୍ତମାନେ ମନ୍ଦିର ପୂଜକ ବାବୁଲାଲ୍ ବୈଷ୍ଣବଙ୍କୁ ନିଘୁକ ମାଡ଼ମାରିବା ସହ ପେଟ୍ରୋଲ ଢାଳି ଜାଳିଦେଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଥିବାବେଳେ ରାଜନୈତିକ ବାକ୍‌ଯୁଦ୍ଧ ଆରମ୍ଭ ହୋଇଛି। ପୂଜକ ଜଣକ ରାଧାକୃଷ୍ଣ ମନ୍ଦିର ଟ୍ରଷ୍ଟର ୫.୨ ଏକର ଜମିରେ ଚାଷକରିବା ସହ ପ୍ରତିବଦଳରେ ପୂଜାନୀତି କରିଆସୁଥିଲେ। ସେହି ଜମି ନିକଟ ଏକ ପାହାଡ଼ିଆ ଜାଗାକୁ ବାବୁଲାଲ୍ ସମତଳ କରି ନିଜ ଘର କରିବାକୁ ବାହାରିଥିଲେ। ଏହାକୁ ମୀନା ସମ୍ପ୍ରଦାୟର କେତେଜଣ ଲୋକ ନିଜର ବୋଲି ଦାବିକରି ବିରୋଧ କରିଥିଲେ। ଏହି ବିବାଦ ଗାଁ ମୁଖିଆଙ୍କ ଦ୍ୱାରା ସମାଧାନ କରାଯାଇ ପୂଜକ ବାବୁଲାଲ୍‌ଙ୍କୁ ଦିଆଯାଇଥିଲା। ଦୁର୍ବୃତ୍ତଙ୍କ ଧମକଚମକ ପରେ ସେ ପୋଲିସକୁ ଖବର ଦେଇଥିଲେ। ବାବୁଲାଲ୍ ବାଜରା ଅମଳ ପରେ ସେଗୁଡ଼ିକୁ ଉକ୍ତ ସ୍ଥାନରେ ରଖିଥିବାବେଳେ ଦୁର୍ବୃତ୍ତମାନେ ନିଆଁଲଗାଇ ଏହାକୁ ପୋଡ଼ିଦେବା ସହ ବାବୁଲାଲ୍‌ଙ୍କୁ ଜାଳିଦେଇଥିବା ପୋଲିସ କହିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଜୟପୁରସ୍ଥିତ ଏସ୍‌ଏମ୍‌ଏସ୍ ହସ୍ପିଟାଲ ନିଆଯାଇଥିବାବେଳେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ମୁଖ୍ୟ ଅଭିଯୁକ୍ତ କୈଳାସ ମୀନାଙ୍କୁ ଗିରଫ କରିଛି। ଭାଜପା ପକ୍ଷରୁ ଏଭଳି କାର୍ଯ୍ୟକୁ ତୀବ୍ର ନିନ୍ଦା କରାଯିବା ସହ ରାହୁଲ ଗାନ୍ଧୀ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ଇସ୍ତଫା ଦାବିକରିବା ଉଚିତ ବୋଲି ସମାଲୋଚନା କରି କୁହାଯାଇଛି।



ସ୍ୱର୍ଗତ ରାମବିଲାସ ପାଶ୍ୱାନଙ୍କୁ ଶେଷଦର୍ଶନ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# ପାଶ୍ୱାନଙ୍କ ଶେଷଦର୍ଶନ କଲେ ମୋଦି

**ନୂଆଦିଲ୍ଲୀ/ପାଟନା, ୯।୧୦**

ରାମବିଲାସ ପାଶ୍ୱାନଙ୍କ ଦେହାନ୍ତ ପରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା, ରାଜନାଥ ସିଂଙ୍କ ସହ କେତେଜଣ କେନ୍ଦ୍ରମନ୍ତ୍ରୀ ପାଶ୍ୱାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଶଶୀ ଥରୁର୍ ପ୍ରମୁଖ ପାଶ୍ୱାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପାଶ୍ୱାନଙ୍କ ସମ୍ମାନ ଲାଗି ରାଜଧାନୀ ଦିଲ୍ଲୀ ଓ ସମସ୍ତ ରାଜ୍ୟର ରାଜଧାନୀରେ ଜାତୀୟ ପତାକା ଅର୍ଦ୍ଧନମିତ ରଖିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି। ଶନିବାର ପାଶ୍ୱାନଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ।

# ବିଶ୍ୱର ଅନ୍ୟ ଭାଗରେ ଆରମ୍ଭ ହୋଇଥିଲା କରୋନା: ଚାଇନା

**ବେଜିଂ, ୯।୧୦:** ଗତବର୍ଷ ବିଶ୍ୱର ଅନ୍ୟ ଭାଗରେ କରୋନା ଭାଇରସ୍ ଜନ୍ମ ନେଇଥିଲା। ହେଲେ ଚାଇନା ଏନେଇ ପ୍ରଥମେ ଅବଗତ କରାଇ ଭୂତାଣୁ ନିରାକରଣ ପାଇଁ ପଦକ୍ଷେପ ନେଇଥିଲା ବୋଲି ଶୁକ୍ରବାର ଦାବି କରିଛି। କୋଭିଡ୍-୧୯ ମହାମାରୀର ରୂପ ଧାରଣ କରିବା ପୂର୍ବରୁ ଉହାନରେ ଉତ୍ପତ୍ତି ହୋଇଥିଲା ବୋଲି ବିଶ୍ୱବ୍ୟାପୀ ବିବେଚନା କରାଯାଉଥିବାବେଳେ ଏହାକୁ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ହୁଆ ଚୁନିଂ ଖଣ୍ଡନ କରିଛନ୍ତି।

## ଫୁରସତ

# ହିମାଳୟର ଶତ୍ରୁ ମରୁଝଡ଼

**ତରଳୁଛି ହିମାଳୟ ହିମବାହ। ବିଶ୍ୱତାପନ ପାଇଁ ଗତ କିଛିବର୍ଷ ମଧ୍ୟରେ ଏହି ପ୍ରକ୍ରିୟା ଅଧିକ ଦ୍ରୁତ ହେବାରେ ଲାଗିଛି। ଏପରି ସମସ୍ୟା ପାଇଁ ବିଶେଷଜ୍ଞମାନେ ଏସିଆ, ଆଫ୍ରିକା ଏବଂ ସାଉଦି ଆରବର ମରୁଭୂମିର ଧୂଳିଝଡ଼କୁ ଦାୟୀ କରିଛନ୍ତି।**



ମାନବୀୟ ଗତିବିଧି ବିଶ୍ୱତାପନ, ଜଳବାୟୁ ପରିବର୍ତ୍ତନ ଭଳି ଜଟିଳ ସମସ୍ୟାକୁ ଡାକିଆଣିଛି। ଏହାର ସିଧାସଳଖ ପ୍ରଭାବ ପଡ଼ିଛି ପଶ୍ଚିମ ହିମାଳୟ କ୍ଷେତ୍ରରେ। ଏଠାରେ ଲକ୍ଷାଧିକ ବର୍ଷ ଧରି ଜମାଟ ବାନ୍ଧିଥିବା ବରଫ ଏବେ ଦ୍ରୁତଗତିରେ ତରଳିବାରେ ଲାଗିଛି। ଏହାର ଏକ ବଡ଼ କାରଣ ମରୁଭୂମିର ଧୂଳିଝଡ଼। ହିମାଳୟର ସୁଉଚ୍ଚ ପର୍ବତଶୃଙ୍ଗରେ ଧୂଳିଭର୍ତ୍ତି ପବନ ପିଟି ହେଉଛି। ଏହି ଧୂଳିକଣିକାରେ ଅବଶୋଷିତ ହେଉଛି ସୂର୍ଯ୍ୟକିରଣ, ଯାହା ବରଫ ତରଳାଇବା ପ୍ରକ୍ରିୟାକୁ ବଢ଼ାଉଛି। ନାସା ସହାୟତାରେ କରାଯାଇଥିବା ଅଧ୍ୟୟନରୁ ଏହା ଜଣାପଡ଼ିଛି।

ଆମେରିକା ଶକ୍ତି ବିଭାଗ ଅଧୀନ ପେସିଫିକ୍ ନର୍ଥୱେଷ୍ଟ ନ୍ୟାଶନାଲ ଲାବରେଟୋରିର ବୈଜ୍ଞାନିକ ୟୁନ୍ କିୟାନ କହିଛନ୍ତି, ଯଦିଓ ହିମାଳୟଠାରୁ ହଜାର ହଜାର କିଲୋମିଟର ଦୂରରେ ଆଫ୍ରିକା ଏବଂ ଏସିଆ ମରୁଭୂମି ଅବସ୍ଥିତ ତଥାପି ସେଠାରୁ ପବନରେ ଆସୁଥିବା ଧୂଳି ହିମଚକ୍ରକୁ ପ୍ରଭାବିତ କରୁଛି। କେବଳ ହିମାଳୟ ନୁହେଁ, ଏହାଦ୍ୱାରା ଅନ୍ୟ ବରଫାବୃତ୍ତ ଅଞ୍ଚଳ ମଧ୍ୟ ପ୍ରଭାବିତ ହେଉଛି। ଅଧ୍ୟୟନରେ ଆହୁରି ମଧ୍ୟ କୁହାଯାଇଛି, ଦକ୍ଷିଣ ଏସିଆ, ଚାଇନା ଏବଂ ଭାରତର ହାରାହାରି ୭୦ କୋଟି ଜନସାଧାରଣ ହିମାଳୟରୁ ବାହାରିଥିବା ଜଳସ୍ରୋତ ଉପରେ ନିର୍ଭରଶୀଳ। ଜମାଟ ବାନ୍ଧିଥିବା ବରଫ ଏପରି କ୍ଷିପ୍ର ଗତିରେ ତରଳି ବୋହିଗଲେ ଆଗାମୀ ଦିନରେ ଭୟଙ୍କର ଜଳସଙ୍କଟ ସୃଷ୍ଟି ହେବ। ଜୈବମଣ୍ଡଳ ପ୍ରଭାବିତ ହେବା ଆଶଙ୍କା ବେଶି। ଏହି ସମସ୍ୟାର ସମାଧାନର ସୂତ୍ର ବାହାର କରିବାକୁ ବୈଜ୍ଞାନିକମାନେ ସାଟେଲାଇଟ୍ ଚିତ୍ର ସହାୟତାରେ ଅଧ୍ୟୟନ ଜାରି ରଖିଛନ୍ତି।

ଉତ୍ତର-ପଶ୍ଚିମ ଭାରତର ଥର୍, ଆଫ୍ରିକାର ସାହାରା, ସାଉଦି ଆରବ ମରୁଭୂମିର ଧୂଳି ପବନରେ ଉଡ଼ି ହିମାଳୟକୁ ଆସୁଛି। ଏହା ବରଫ ଉପରେ ପରସ୍ତ ପରସ୍ତ ହୋଇ ଜମିରହୁଛି। ବରଫ ଉପରେ ସୂକ୍ଷ୍ମ ବାଲି କଣିକା ଜମି ରହିଲେ ଏହା ସୂର୍ଯ୍ୟକିରଣକୁ ଅବଶୋଷିତ କରିବାର କ୍ଷମତା ପାଇଥାଏ। ଫଳରେ ବରଫ ତରଳିବା ପ୍ରକ୍ରିୟା ଦ୍ରୁତ ହୋଇଥାଏ। ହେଲେ ସ୍ୱଚ୍ଛ ବରଫଠାରେ ସୂର୍ଯ୍ୟକିରଣକୁ ବିକିରଣ କରିବା କ୍ଷମତା ବେଶି। ତେଣୁ ଜମାଟ ବାନ୍ଧିଥିବା ସ୍ୱଚ୍ଛ ଧଳା ବରଫ ପୃଷ୍ଠଦେଶରେ ସୂର୍ଯ୍ୟକିରଣ ପଡ଼ିଲେ ବି ଏହା ତରଳିବାକୁ ଦୀର୍ଘ ସମୟ ନିଏ। ତାପମାତ୍ରା ଅଭିବୃଦ୍ଧି କାରଣରୁ ବାୟୁମଣ୍ଡଳୀୟ ଗତିବିଧି ମଧ୍ୟ ବଦଳୁଛି। ଫଳରେ ବଡ଼ ବଡ଼ ଧୂଳି ଝଡ଼ ସୃଷ୍ଟି ହେଉଛି, ଯାହା ହିମାଳୟକୁ ପ୍ରଭାବିତ କରୁଛି। ମାନବୀୟ କାର୍ଯ୍ୟକଳାପ ପାଇଁ ଭୂ-ପୃଷ୍ଠରୁ ଗୁଳ୍ମଜାତୀୟ ଗଛ କମିବାରେ ଲାଗିଛି। ସମାନ କଥା ହିମାଳୟରେ ମଧ୍ୟ ପରିଲକ୍ଷିତ ହୋଇଛି, ଯାହା ବରଫ ତରଳିବାର ଅନ୍ୟତମ କାରଣ ବୋଲି କୁହାଯାଇଛି। ଏଥିପୂର୍ବରୁ ବରଫ ତରଳିବା ଉପରେ ଅନେକ ଅଧ୍ୟୟନ ହୋଇଛି। ହେଲେ ଏହାର ପ୍ରମୁଖ କାରଣ ବ୍ଲାକ୍ କାର୍ବନ ବୋଲି ଧରି ନିଆଯାଇଥିଲା। କୌଣସି ଅଧ୍ୟୟନରେ ଧୂଳି ଉପରେ ଧ୍ୟାନ କେନ୍ଦ୍ରୀଭୂତ କରାଯାଇ ନ ଥିଲା। ଏହି ଅଧ୍ୟୟନ ସମସ୍ୟା ସମାଧାନ ଆଡ଼କୁ ଏକ ସୂକ୍ଷ୍ମ ଆଶାର କିରଣ ବୋଲି କିୟାନ କହିଛନ୍ତି।

# ଫିଲ୍ମ ଇଣ୍ଡଷ୍ଟ୍ରିକୁ ସନାଙ୍କ ବାଏ ବାଏ



ସନା ଖାନ୍

**ମୁମ୍ବାଇ:** ଅଭିନେତ୍ରୀ ସନା ଖାନ୍ ଗ୍ଲାମର ଇଣ୍ଡଷ୍ଟ୍ରି ଛାଡିବାକୁ ଘୋଷଣା କରିଛନ୍ତି। ସୋସିଆଲ ମିଡିଆରେ ଏକ ଲମ୍ବା ପୋଷ୍ଟ ଲେଖି ସେ ଏହି ସୂଚନା ଦେଇଛନ୍ତି। ସନା କହିଛନ୍ତି ଯେ, ବର୍ତ୍ତମାନ ସେ ଫିଲ୍ମ ଇଣ୍ଡଷ୍ଟ୍ରୀ ଦୁନିଆରୁ ଦୂରରେ ରହିବେ। ମୁଁ ଏବେ ଜୀବନର ସବୁଠୁ ବଡ ନିଷ୍ପତ୍ତି ନେବାକୁ ଯାଉଛି। ଗତ କିଛିବର୍ଷ ହେବ ଇଣ୍ଡଷ୍ଟ୍ରିରୁ ମୋତେ ଅନେକ କିଛି ସଫଳତା ମିଳିଛି। ଏଠାରୁ ମୁଁ ନାଁ କମାଇଛି। କିନ୍ତୁ କିଛିଦିନ ହେବ ଅନୁଭବ କରୁଛି ଯେ, ମଣିଷ କେବଳ ଏ ଦୁନିଆକୁ ଟଙ୍କା ଏବଂ ଖ୍ୟାତି ଅର୍ଜନ ପାଇଁ ଆସିଛି। ଦରିଦ୍ର ଏବଂ ବେସାହାରା ଲୋକଙ୍କୁ ସହାୟତା ଦେବାରେ ଜୀବନ ବିତାଇବା ତାଙ୍କର କର୍ତ୍ତବ୍ୟ ନୁହେଁ କି? ଜଣେ ବ୍ୟକ୍ତି ଏହା ଭାବିବା ଉଚିତ୍ ନୁହେଁ କି, କେକୌଣସି ମୁହୂର୍ତ୍ତରେ ମୃତ୍ୟୁ ଆସିପାରେ। ମୃତ୍ୟୁ ପରେ କ'ଣ ହାସଲ କରିବ? ମୁଁ ଏହି ଦୁଇଟି ପ୍ରଶ୍ନର ଉତ୍ତର ଖୋଜୁଛି ବୋଲି ସନା କହିଛନ୍ତି। ପ୍ରକାଶଥାଉ କି, ସନା ଜଣେ ଅଭିନେତ୍ରୀ, ନୃତ୍ୟଶିଳ୍ପୀ ଏବଂ ମଡେଲ ଭାବେ ଅନେକ ନାଁ କମାଇଛନ୍ତି। ସେ ୫୦ରୁ ଅଧିକ ବିଜ୍ଞାପନରେ କାମ କରିସାରିଛନ୍ତି। ୨୦୦୫ରେ ସେ ହାଇ ସୋସାଇଟ୍ ନାମକୁ ଫିଲ୍ମରେ ଅଭିନୟ କରିଥିଲେ। ସେ ଶେଷଥର ପାଇଁ ସଲ୍‌ମାନ ଖାନ୍‌ଙ୍କ ଫିଲ୍ମ 'ଜୟ ହୋ'ରେ ନଜର ଆସିଥିଲେ।

# ସାପ ସହ ବନ୍ଧୁତା

**ନୂଆଦିଲ୍ଲୀ:** କଥାରେ ଅଛି ସାପକୁ କ୍ଷୀର ଦେଇ ଘରେ ପୋଷିଲେ ଦିନେ ନା ଦିନେ ସେ ଚୋଟ ମାରେ। କିନ୍ତୁ ଏବେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ଇସ୍ରାଏଲର ଏକ ବାଳିକାଙ୍କ ପାଖରେ। ମାତ୍ର ୮ ବର୍ଷର ଝିଅଟିଏ ଏକ ଅଜଗର ସାପକୁ ପୋଷା ମନାଇ ନିଜ ପାଖରେ ରଖିଛନ୍ତି। ଏମିତି କି ସେହି ସାପ ସହିତ ବସାଉଠା କରିବା ସହିତ ସାଙ୍ଗହୋଇ ପହଁରିବା ଏମିତି କି ବୁଲାବୁଲି ବି କରୁଛନ୍ତି।

ଇସ୍ରାଏଲର ଏହି ୮ବର୍ଷର ଝିଅଟି ନିଜର ବନ୍ଧୁ ଅଜଗର ସାପ ସହିତ ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ସାପର ନାଁ ୱାଲ୍ଟ ଡିଜ୍‌ନୀର ପ୍ରସିଦ୍ଧ ବ୍ୟୁଟି ଆଣ୍ଡ ଦି ବିଷ୍ଟ ଅନୁସାରେ ଦିଆଯାଇଛି ବେଲେ। ବେଲେ ଚରିତ୍ରରେ ସାପଟି ଏକ ହଳଦିଆ ରଙ୍ଗର ଗାଉନ୍ ପିନ୍ଧିଥିବାବେଳେ ଏହି ସାପଟିର ରଙ୍ଗ ହେଉଛି ହଳଦିଆ।

୮ବର୍ଷର ଏହି ଛୋଟ ଝିଅଟିର ନାଁ ହେଉଛି ଇନବର। ସେ ତାଙ୍କ ପରିବାର ସହିତ ଏକ ଅଭୟାରଣ୍ୟ ନିକଟରେ ରହନ୍ତି। ତେଣୁ ଜନ୍ମ ବେଳରୁ ହିଁ ଇନବର ବିଭିନ୍ନ ପ୍ରକାରର ଜୀବଜନ୍ତୁଙ୍କ ପାଖରେ ବଡ଼ ହୋଇଛନ୍ତି। ତେବେ ଅନ୍ୟ ସବୁ ଜୀବଜନ୍ତୁଙ୍କ ତୁଳନାରେ ତାଙ୍କର ସବୁଠୁ ପ୍ରିୟ ହେଉଛି ସାପ। ସେଥିପାଇଁ ସେ ଅଜଗର ସାପଟିକୁ ପାଳିଛନ୍ତି। ଏମିତି କି ସେ ସାପକୁ ଅଧିକାଂଶ ସମୟ ବେକରେ ଝୁଲାଇ ରଖିବାକୁ ପସନ୍ଦ କରନ୍ତି। ଏହା ସହିତ ସେ ଛୋଟବେଳରୁ ଆଜି ପର୍ଯ୍ୟନ୍ତ ସବୁବେଳେ ସାପ ସହିତ ସୁଇମିଂ ପୁଲରେ ପହଁରନ୍ତି ମଧ୍ୟ। ଇନବରଙ୍କ ସାପ ସହିତ ପହଁରୁଥିବାର ଏକ ଭିଡିଓକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି ସତ କିନ୍ତୁ ଲୋକେ ଏହାକୁ ଗ୍ରହଣ କରିପାରୁ ନାହାନ୍ତି। କାରଣ ସାପ ଭଳି ଏକ ହିଂସ୍ର ଜନ୍ତୁକୁ ପାଖରେ ରଖିଲେ କେତେବେଳେ ଯେ କ'ଣ ହେବ ତା' କହିହେବନି। ତେଣୁ ଲୋକେ ଏହି ଭିଡିଓ ଦେଖି ନକାରାତ୍ମକ କମେଣ୍ଟ ସବୁ ଦେଇଛନ୍ତି।





# ଚା ଆଇସକ୍ରିମ୍ ପରଟା

**ନୂଆଦିଲ୍ଲୀ:** ଭିନ୍ନ ଭିନ୍ନ ଶୈଳୀରେ ଖାଦ୍ୟ ପ୍ରସ୍ତୁତ କରି ଖାଇବାରେ ଏକ ଆନନ୍ଦ ରହିଛି। କିନ୍ତୁ ଲୋକେ ବେଳେବେଳେ ଏଭଳି ଖାଦ୍ୟ ପ୍ରସ୍ତୁତ କରିଥାନ୍ତି, ଯାହାକୁ ଖାଇବା ପୂର୍ବରୁ ଅନେକ ଥର ଭାବିବାକୁ ପଡ଼ିଥାଏ। ଖାଦ୍ୟର ଅଜବ ସଂଯୋଗ କରି କିଛିଲୋକ ଖାଇବାର ମଜା ନିଅନ୍ତି କି ଚର୍ଚ୍ଚିତ ହୁଅନ୍ତି ସେକଥା ଜଣାପଡ଼େନି କିନ୍ତୁ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥାନ୍ତି। ପୂର୍ବରୁ ଚକୋଲେଟ୍ ସମୋସା ପାଓ, କ୍ଷୀର ମ୍ୟାଗି, ଚକୋଲେଟ୍ ସସ୍ ଚିକେନ୍ ଭଳି ଖାଦ୍ୟ ଭାଇରାଲ୍ ହୋଇଥିବାବେଳେ ଏବେ ଆଉ ଏକ ଖାଦ୍ୟ ଇଣ୍ଟରନେଟ୍‌ରେ ଚହଳ ସୃଷ୍ଟିକରିଛି। ଏହି ନୂଆ ଖାଦ୍ୟ ହେଉଛି ଚା ଆଇସକ୍ରିମ୍ ଓ ପରଟା। ଚା ଆଇସକ୍ରିମ୍ ପରଟାକୁ ଟୁଇଟରରେ ପ୍ରଥମେ ଶେୟାର କରିଥିଲେ ଓୟାଇଶ୍ ସିଦ୍ଦିକି ନାମକ ଜଣେ ବ୍ୟକ୍ତି। ଚା ଓ ପରଟା ଖାଇବାର ସ୍ୱାଦ ପ୍ରାୟତଃ ସମସ୍ତଙ୍କୁ ଜଣା। ଏହି ଖାଦ୍ୟର କନ୍‌ସେପ୍ଟକୁ ନେଇ ସିଦ୍ଦିକି ନୂଆ ରୂପ ଦେଇଛନ୍ତି। ଚା'ରେ ତିଆରି ଆଇସକ୍ରିମ୍ ସହିତ ଚିନି ପରଟାକୁ ସ୍ୱତନ୍ତ୍ର ରୂପ ଦେଇଛନ୍ତି ସିଦ୍ଦିକି। ପରଟାକୁ ସେ କୋନ୍ ଭଳି ରୂପ ଦେଇ ସେଥିରେ ଚା ଫ୍ଲେଭର ଆଇସକ୍ରିମ୍ ଭରିଛନ୍ତି। ଏଭଳି ଖାଦ୍ୟ ଖାଇବାରେ ମଜା ଆସିବ କି ନାହିଁ ତାହା ତ ଖାଇବା ଲୋକେ ହିଁ କହିପାରିବେ। କିନ୍ତୁ ଏହି ଖାଦ୍ୟକୁ ନେଇ ଏବେ ସୋସିଆଲ ମିଡିଆରେ ପ୍ରବଳ ଉତ୍ସାହ। ଏହି ପୋଷ୍ଟକୁ ଦେଖିବା ପାଇଁ ଲୋକେ କ୍ରେଜି ହୋଇପଡୁଛନ୍ତି। ସେଥିପାଇଁ ସୋସିଆଲ୍ ମିଡିଆରେ ଏବେ ସୁଦ୍ଧା ଏହାକୁ ପାଖାପାଖି ୩ ହଜାର ଲାଇକ୍ ମିଳିବା ସହିତ ହଜାର ହଜାର ସଂଖ୍ୟାରେ ଲୋକେ ରିଟୁଇଟ୍ କରୁଛନ୍ତି। ତେବେ ଅଧିକାଂଶ ଏଭଳି ଖାଦ୍ୟକୁ ନାପସନ୍ଦ କରିଛନ୍ତି।


**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩,୬୯,୪୦,୯୨୫ | ୧୦,୬୯,୪୨୪ | ୨,୭୭,୭୯,୫୯୨ |
| ଭାରତ | ୬୯,୦୯,୯୧୬ | ୧,୦୧,୨୧୧ | ୫୪,୭୬,୩୪୪ |
| ଓଡ଼ିଶା | ୨,୪୬,୮୩୯ | ୯୯୧(+୫୩) | ୨,୨୦,୩୮୮ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଗୋୟଲଙ୍କୁ ଖାଦ୍ୟ ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ



**ନୂଆଦିଲ୍ଲୀ,୯।୧୦:** ରାମବିଳାସ ପାଶ୍ୱାନଙ୍କ ଦେହାନ୍ତ ପରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶକ୍ରମେ ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଖାଦ୍ୟ, ଉପଭୋକ୍ତା ବ୍ୟାପାର ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏହା ପୂର୍ବରୁ କେନ୍ଦ୍ର କ୍ୟାବିନେଟ ପକ୍ଷରୁ ପାଶ୍ୱାନଙ୍କ ପରଲୋକରେ ଶୋକବ୍ୟକ୍ତ କରାଯିବା ସହ ତାଙ୍କ ସ୍ମୃତିରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶନିବାର ପାଶ୍ୱାନଙ୍କ ଶେଷକୃତ୍ୟ ସମ୍ପନ୍ନ ହେବାକୁ ଥିବାବେଳେ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଏହା କରାଯିବ ବୋଲି କେନ୍ଦ୍ର କ୍ୟାବିନେଟ ପକ୍ଷରୁ ସ୍ୱୀକୃତି ପ୍ରଦାନ କରାଯାଇଛି।

### ପୁଣି ଘୁଞ୍ଚିଲା ଯୁକ୍ତ୩ ନାମଲେଖା ଅବଧି

**ଭୁବନେଶ୍ୱର, ୯।୧୦(ବ୍ୟୁରୋ):** ରାଜ୍ୟର ସମସ୍ତ ଡିଗ୍ରୀ କଲେଜରେ ଯୁକ୍ତ୩ ନାମଲେଖା ଅବଧିକୁ ପୁଣି ବଢ଼ାଇ ଦିଆଯାଇଛି। ପ୍ରଥମ ବର୍ଷ ଶ୍ରେଣୀ ପାଇଁ ପ୍ରଥମ ପର୍ଯ୍ୟାୟରେ ମନୋନୀତ ଛାତ୍ରୀଛାତ୍ରମାନେ ଅକ୍ଟୋବର ୧୭ ତାରିଖ ପର୍ଯ୍ୟନ୍ତ ନାମ ଲେଖାଇ ପାରିବେ। କରୋନା ପରିସ୍ଥିତି ପାଇଁ ନାମଲେଖା ଅବଧି ତାରିଖ ଘୁଞ୍ଚା ଯାଇଥିବା ଶୁକ୍ରବାର ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ ନାମଲେଖା ଅବଧି ଅକ୍ଟୋବର ୨ ରହିଥିବାବେଳେ ପରବର୍ତ୍ତୀ ସମୟରେ ତାହାକୁ ୬ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଏହାପରେ ଶୁକ୍ରବାର ପୁଣିଥରେ ନାମଲେଖା ଅବଧି ଘୁଞ୍ଚାଇବାକୁ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି।

### ପୂର୍ବତନ ପୋଲିସ ଡିଜି ଜନ୍ ନାୟକଙ୍କ ପରଲୋକ

**ଭୁବନେଶ୍ୱର,୯।୧୦(ବ୍ୟୁରୋ):** ପୂର୍ବତନ ପୁଲିସ ଡିଜି ଜନ୍ ନାୟକ (୭୮)ଙ୍କ ଗୁରୁବାର ବିଳମ୍ବିତ ରାତିରେ ପରଲୋକ ହୋଇଛି। କିଛି ଦିନ ତଳେ ସେ କରୋନାରେ ଆକ୍ରାନ୍ତ ହୋଇଥିଲେ। ଜନ୍‌ଙ୍କ ମୃତ୍ୟୁ ଖବର ନେଇ ରାଜ୍ୟ ପୋଲିସ ଡିଜି ଅଭୟ୍ ଟୁଇଟ ଯୋଗେ ସୂଚନା ଦେଇଛନ୍ତି। ଫୁଲବାଣୀର ଏକ ଦୂର ଆଦିବାସୀ ଗ୍ରାମରୁ ଆସି ଡିଜି ପର୍ଯ୍ୟନ୍ତ ତାଙ୍କ ଜୀବନଯାତ୍ରା ଖୁବ୍ ପ୍ରେରଣାଦାୟକ ଥିଲା। ସେ ଖୁବ ଭଦ୍ର, ନମ୍ର ଥିଲେ। ତାଙ୍କୁ ଆମେ ସମ୍ମାନଜନକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ ବୋଲି ଡିଜି ଅଭୟ ଟୁଇଟରେ ଉଲ୍ଲେଖ କରିଛନ୍ତି। ଜନ୍ ୧୯୬୫ରେ ପୋଲିସ ସେବାରେ ଯୋଗଦେଇଥିଲେ ଓ ୨୦୦୨ରେ ଅବସର ନେଇଥିଲେ। ଶୁକ୍ରବାର ପୋଲିସ ମୁଖ୍ୟାଳୟରେ ଏକ ଶୋକସଭା ହୋଇଥିଲା।

# ୧୮ରେ ଆଉ ଏକ ଲଘୁଚାପ

## ବିଳମ୍ବରେ ଫେରିବ ମୌସୁମୀ

**ଭୁବନେଶ୍ୱର, ୯।୧୦(ବ୍ୟୁରୋ)**

ରାଜ୍ୟରୁ ଦକ୍ଷିଣ ପଶ୍ଚିମ ମୌସୁମୀ ପ୍ରତ୍ୟାବର୍ତ୍ତନ ବିଳମ୍ବ ହେବ। ସ୍ୱାଭାବିକ ଭାବେ ଅକ୍ଟୋବର ଦ୍ୱିତୀୟ ସପ୍ତାହ ବେଳକୁ ମୌସୁମୀ ଓଡ଼ିଶାରୁ ଅପସରି ଯାଇଥାଏ। ଲଗାତର ଲଘୁଚାପ ସୃଷ୍ଟି ହେଉଥିବାରୁ ଏହି ପ୍ରକ୍ରିୟା ବିଳମ୍ବିତ ହେଉଛି। ତେଣୁ ଚଳିତ ମାସ ଶେଷ ସପ୍ତାହରେ ମୌସୁମୀ ଓଡ଼ିଶା ଛାଡ଼ିବ ବୋଲି ଅନୁମାନ କରାଯାଉଛି।

ଅନ୍ୟପଟେ ଆଣ୍ଡାମାନ ଏବଂ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଶୁକ୍ରବାର ଏକ ଲଘୁଚାପ ବଳୟ ସୃଷ୍ଟି ହୋଇଛି। ଏହା ୧୦ ତାରିଖ ସକାଳ ସୁଦ୍ଧା ଅବପାତ (ଡିପ୍ରେସନ)ରେ ପରିଣତ ହେବାର ସମ୍ଭାବନା ରହିଛି। ଆସନ୍ତା ୧୧ ତାରିଖ ସନ୍ଧ୍ୟାରେ ଉତ୍ତର ଆନ୍ଧ୍ର ପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳ ଦେଇ ଏହା ସ୍ଥଳଭାଗ ଅତିକ୍ରମ କରିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ଏହି ଲଘୁଚାପ ପରେ ୧୮ ତାରିଖରେ ଆଣ୍ଡାମାନ ଏବଂ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ। ଏହାର ପ୍ରଭାବରେ ଉପକୂଳ



ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ସମ୍ଭାବ୍ୟ ଲଘୁଚାପ ଅଧିକ ଘନୀଭୂତ ହୋଇ ବାତ୍ୟା ରୂପ ନେବ କି ନାହିଁ ତାହା ଆସନ୍ତା ୧୩ ତାରିଖ ବେଳକୁ ଜଣାପଡ଼ିବ ବୋଲି ପାଣିପାଗ ବିଶେଷଜ୍ଞ କହିଛନ୍ତି।

ଅପରପକ୍ଷେ ୯ ତାରିଖରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ୧୧ ତାରିଖରେ ଗଜପତି, ଗଞ୍ଜାମ,

### ଦକ୍ଷିଣ ଓଡ଼ିଶାରେ ବର୍ଷା ସମ୍ଭାବନା

କୋରାପୁଟ, ରାୟଗଡ଼ା ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଅଧିକ ବର୍ଷା ସମ୍ଭାବନା ଥିବା ମାଲକାନଗିରି, କନ୍ଧମାଳ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଏବଂ ନୟାଗଡ଼ ଜିଲା ପାଇଁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୨ ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ପୁରୀ ଏବଂ ଗଜପତି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରିଛି। ସେହିପରି ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଜଗତ୍‌ସିଂହପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି। ଅବପାତ ଯୋଗୁ ଉପକୂଳରେ ଘଣ୍ଟାକୁ ୪୫ରୁ ୫୫ କି.ମି ବେଗରେ ପବନ ବହିପାରେ। ତେଣୁ ସମୁଦ୍ରକୁ ଯାଇଥିବା ମତ୍ସ୍ୟଜୀବୀଙ୍କୁ ଆସନ୍ତା ୧୦ ତାରିଖ ପୂର୍ବରୁ ଫେରିଆସିବାକୁ ପରାମର୍ଶ ଦିଆଯାଇଛି। ଲଘୁଚାପକୁ ଦୃଷ୍ଟିରେ ରଖି ଜିଲାପାଳଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ରାଜ୍ୟରେ ପାଗ ଶୁଖିଲା ରହିଛି। ଆସନ୍ତା ୧୧ ତାରିଖ ଯାଏ ଏପରି ପାଗ ରହିବ। ଗତ ୨୪ ଘଣ୍ଟା ମଧ୍ୟରେ କେବଳ ଚାନ୍ଦବାଲିରେ ୫.୪ ମିଲିମିଟର ବର୍ଷା ହୋଇଥିବା ଜଣାପଡ଼ିଛି।

# ସତ୍ୟପାଠ ଦାଖଲ କଲେ ରାଜ୍ୟ ସରକାର

**କଟକ ଅଫିସ,୯।୧୦**

କଟକ ଦଶହରା ମୂର୍ତ୍ତି ଉଚ୍ଚତା ନେଇ ହାଇକୋର୍ଟରେ ଚାଲିଥିବା ମାମଲାରେ ଶୁକ୍ରବାର ଶୁଣାଣି ହୋଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଛି। ୪ ଫୁଟ ଉଚ୍ଚତାର ମୂର୍ତ୍ତି ନିର୍ମାଣ ସପକ୍ଷରେ ରାଜ୍ୟ ସରକାର ସତ୍ୟପାଠରେ ଉଲ୍ଲେଖ କରିଥିବା ଜଣାପଡ଼ିଛି। ପୋଲିସ କମିଶନର ଡ. ସୁଧାଂଶୁ ଷଡ଼ଙ୍ଗୀ ମଧ୍ୟ ଏକ ସତ୍ୟପାଠ ଦାଖଲ କରିଛନ୍ତି। ଏହି ଦୁଇଟି ସତ୍ୟପାଠକୁ ନେଇ ଆସନ୍ତା ମଙ୍ଗଳବାର ସୁଦ୍ଧା ପ୍ରତିଜବାବ ରଖିବାକୁ ଆବେଦନକାରୀଙ୍କୁ ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍ ଏବଂ ବିଚାରପତି ବି.ଆର୍. ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସହରର ୩ଟି ପୂଜା କମିଟି ହାଇକୋର୍ଟରେ ୫ଟି ମାମଲା ରୁଜୁ କରିଥିଲେ। ବାଲୁବଜାର ପୂଜା କମିଟି ପକ୍ଷରୁ କେବଳ ୩ଟି ମାମଲା ରୁଜୁ ହୋଇଥିବାବେଳେ ଫିରିଙ୍ଗିବଜାର ପୂଜା କମିଟି ଓ ଉପର ତେଲେଙ୍ଗାବଜାର ପୂଜା କମିଟି ଗୋଟିଏ ଲେଖାଏ ମାମଲା ରୁଜୁ କରିଥିଲେ।

ସୂଚନାଯୋଗ୍ୟ, ଯେଉଁ ପୂଜା କମିଟି

### ଦଶହରା ମୂର୍ତ୍ତି ଉଚ୍ଚତା ମାମଲା

ଯେତିକି ଉଚ୍ଚର ମୂର୍ତ୍ତି ନିର୍ମାଣ କରିଛନ୍ତି, ସେମାନଙ୍କୁ ସେତିକି ଉଚ୍ଚର ମୂର୍ତ୍ତି ପୂଜା କରିବାକୁ ଅନୁମତି ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ପୋଲିସ କମିଶନର ୪ ଫୁଟରୁ ଊର୍ଦ୍ଧ୍ୱ ଉଚ୍ଚର ମୂର୍ତ୍ତି ହୋଇପାରିବ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି କରିଥିଲେ। ଫଳରେ ଏହି ବିବାଦ ବଢ଼ିଥିଲା। ଏ ନେଇ ବାଲୁବଜାର ପୂଜା କମିଟି ସଭାପତି ତଥା ଆଇନଜୀବୀ ସୂର୍ଯ୍ୟକାନ୍ତ ସାଙ୍ଗନାରିଆଙ୍କ ପକ୍ଷରୁ ଗୋଟିଏ ରିଟ୍ ପିଟିଶନ, ଗୋଟିଏ ଅଦାଲତ ଅବମାନନା ମାମଲା ଓ ଗୋଟିଏ ରିଭ୍ୟୁ ପିଟିଶନ ଦାଖଲ କରାଯାଇଥିଲା। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଗାଇଡ୍‌ଲାଇନକୁ ନେଇ ରାଜ୍ୟ ସରକାର ମହଲତ ମାଗିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ କରୋନା ଅଣାୟତ୍ତ ହେଉଥିବାବେଳେ ପୂଜା ପାଇଁ ଗାଇଡ୍‌ଲାଇନ କ'ଣ କରାଯାଇପାରିବ ସେ ନେଇ ପୁଣି ଥରେ ନିଷ୍ପତ୍ତି ନେବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ କୋର୍ଟଙ୍କୁ ସମୟ ମଗାଯାଇଥିଲା।

# ହାତୀ ଦାନ୍ତ ଜବତ, ୮ ଗିରଫ

**ପାଲଲହଡ଼ା,୯।୧୦(ଡି.ଏନ.ଏ.)**

ଦେବଗଡ଼ ବନଖଣ୍ଡ ଅଧୀନ ଅନୁଗୋଳ ଜିଲା ପାଲଲହଡା ବନାଞ୍ଚଳ ମାଲ୍ୟଗିରି ସଂରକ୍ଷିତ ଜଙ୍ଗଲରୁ ଗତ ୧ ତାରିଖରେ ଏକ ଦନ୍ତା ହାତୀର କ୍ଷତବିକ୍ଷତ ମୃତଦେହ ଉଦ୍ଧାର ଘଟଣାରେ ଶୁକ୍ରବାର ୮ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ଏଥିସହ କାଟି ନିଆଯାଇଥିବା ୨ଟି ଦାନ୍ତକୁ ମଧ୍ୟ ଜବତ କରିବାରେ ସଫଳ ହୋଇଛି ପାଲଲହଡା ବନ ବିଭାଗ। ଗିରଫ ଅଭିଯୁକ୍ତମାନେ ହେଲେ ବୈଶାଖୁ ନାୟକ, ଦଶରା ନାୟକ, କାଳିଆ ନାୟକ, କୁନା ମହାନ୍ତ, ଜିତେନ୍ଦ୍ର ମହାନ୍ତ, ମୁରଲୀ ମହାନ୍ତ, ଶଙ୍କର ମହାନ୍ତ ଏବଂ ସୁରେଶ ସବର।

ବିଭାଗ ପକ୍ଷରୁ କୁହାଯାଇଛି, ଗତ ସେପ୍ଟେମ୍ବର ୩୦ ତାରିଖ ରାତିରେ ତପ୍ତଝରଣ ଗ୍ରାମର କେତେଜଣ ଶିକାରୀ ବାର୍‌ହା ଶିକାର ଉଦ୍ଦେଶ୍ୟରେ ଜଙ୍ଗଲରେ ବିଦ୍ୟୁତ୍ ତାର ବିଛାଇଥିଲେ। କେନ୍ଦୁଝର ଜିଲା ପଟୁ ଆସିଥିବା ଉକ୍ତ ଦନ୍ତା ହାତୀ ସେହିବିଦ୍ୟୁତ୍‌ତାର ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ପ୍ରାଣ ହରାଇଥିଲା।



ଅଭିଯୁକ୍ତମାନେ କାଟି ନେଇଥିବା ଦୁଇଟି ହାତୀ ଦାନ୍ତ ଜବତ କରାଯାଇଛି।

### ବିଦ୍ୟୁତ୍ ଫାଶରେ ଯାଇଥିଲା ହାତୀର ଜୀବନ


ପରେ ଶିକାରୀମାନେ ଦନ୍ତାର ଦୁଇଟିଯାକ ଦାନ୍ତ କାଟିନେଇ ଜଙ୍ଗଲରେ ଲୁଚାଇ ଦେଇଥିଲେ। ହାତୀ ମୃତ୍ୟୁ ଖବର ମିଳିବା ପରେ ଦେବଗଡ଼ ଡିଏଫ୍‌ଓଙ୍କ ନେତୃତ୍ୱରେ ବିଭାଗ ପକ୍ଷରୁ ତଦନ୍ତ କରାଯାଇଥିଲା। ପାଲଲହଡା ରେଞ୍ଜ, ଖମାର ରେଞ୍ଜ ଏବଂ ବାରକୋଟ ରେଞ୍ଜର ୩ଟି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗତ ୫ ତାରିଖରେ ୩ ଜଣଙ୍କୁ, ୮ ତାରିଖରେ ୩ଜଣ ଏବଂ ଶୁକ୍ରବାର ୨ ଜଣଙ୍କୁ ଗିରଫ କରିବା ପରେ ମୋଟ୍ ୮ଜଣଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଘଟଣାର ମୁଖ୍ୟ ଅଭିଯୁକ୍ତ ଏବଂ ଅନ୍ୟ ଜଣେ ସନ୍ଦିଗ୍ଧ ଫେରାର ଥିବା ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

# ମଳିପଡ଼ାରୁ ହାତୀ ମୃତଦେହ ଉଦ୍ଧାର

**ଖୋର୍ଦ୍ଧା ଅଫିସ,୯।୧୦**

ଖୋର୍ଦ୍ଧା ବନଖଣ୍ଡ ମଳିପଡ଼ା-ଦଳକ ରାସ୍ତା ପାର୍ଶ୍ୱରୁ ଶୁକ୍ରବାର ଏକ ମାଈ ହାତୀ ମୃତଦେହ ବନ ବିଭାଗ ଉଦ୍ଧାର କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ହାତୀର ବୟସ ୧୫ରୁ ୧୮ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। କେତକୀଝରସ୍ଥିତ ବନବିଭାଗର ଉଦ୍ୟାନ ବିଭାଗରେ ଓ୍ୱାଇଏଟି ଟିମ୍ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ଉକ୍ତ ରାସ୍ତା ପାର୍ଶ୍ୱରେ ହାତୀର ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ଅତିରିକ୍ତ



ବନସଂରକ୍ଷକ (ଏସିଏଫ୍) ଗୌର ଗୋପାଳ ସିଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ହାତୀପଲ ଉକ୍ତ ଅଞ୍ଚଳରେ ଏକର ଏକର ଫସଲ ନଷ୍ଟ କରୁଥିବା ବେଳେ ବନ ବିଭାଗ ନୀରବଦ୍ରଷ୍ଟା ସାଜିଛି ବୋଲି ଚାଷୀମାନେ ଅଭିଯୋଗ କରିଥିଲେ। ଏନେଇ ବନ କର୍ମଚାରୀ ଏବଂ ଚାଷୀଙ୍କ ମଧ୍ୟରେ କିଛି ସମୟ ବଚସା ହୋଇଥିଲା। ହାତୀ ମଲେ ବନ ବିଭାଗ କର୍ମଚାରୀଙ୍କ ଦେଖା ମିଳୁଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପରେ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଥିଲା। ଏନେଇ ଏସିଏଫ୍ ଗୌରଗୋପାଳ କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। କିଛିମାସ ହେବ କାଇପଦର ଏବଂ ଗୋଡା ଜଙ୍ଗଲରେ ୨୮ ହାତୀ ଥିବା ପଲ ରହିଛନ୍ତି। ସନ୍ଧ୍ୟା ହେଲେ ଏମାନେ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁଉଛନ୍ତି। ହାତୀଙ୍କ ଗତିବିଧି ଉପରେ ନଜର ରଖିବା ଲାଗି ଦୁଇଟି ସ୍କ୍ୱାଡ୍ ଜଙ୍ଗଲରେ ପଇଁତରା ମାରୁଛନ୍ତି। ଚାଷୀଙ୍କ ଫସଲହାନି ଅଭିଯୋଗ ଆସିଲେ, ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ହେଡ୍‌କ୍ୱାର୍ଟର୍ସରେ ରହିବାକୁ ଶିକ୍ଷକଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୯।୧୦(ବ୍ୟୁରୋ)**

କରୋନା ପାଇଁ ସାରା ରାଜ୍ୟରେ ଗତ ୬ମାସରୁ ଊର୍ଦ୍ଧ୍ୱ ହେବ ସ୍କୁଲ ବନ୍ଦ ରହିଛି। ଏବେ ଅନ୍‌ଲାଇନ୍‌ରେ ପାଠପଢ଼ା ଚାଲିଥିଲେ ମଧ୍ୟ ସବୁ ଛାତ୍ରୀଛାତ୍ର ଉପକୃତ ହୋଇପାରୁନାହାନ୍ତି। ତେଣୁ ସ୍କୁଲ୍ ଖୋଲିବାକୁ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। କିନ୍ତୁ ଅନେକ ଶିକ୍ଷକ ସ୍କୁଲ ବନ୍ଦ ହେବା ପରେ ସେମାନଙ୍କ ହେଡ୍‌କ୍ୱାର୍ଟରରେ ନ ରହି ନିଜ ଜିଲା କିମ୍ବା ଅନ୍ୟତ୍ର ରହୁଛନ୍ତି। ସରକାର ବର୍ତ୍ତମାନ

### ସମସ୍ତ ଡିଇଓଙ୍କୁ ଚିଠି ଲେଖିଲେ ସଚିବ

ଶଟ୍‌ଡାଉନ ଓ ଲକ୍‌ଡାଉନ କଟକଣାକୁ କୋହଳ କରି ସାରିଛନ୍ତି। ତେଣୁ ଶିକ୍ଷକମାନେ ନିଜ ହେଡ୍‌କ୍ୱାର୍ଟରରେ ରହିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଶୁକ୍ରବାର ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କୁ ଚିଠି ଲେଖି ଜଣାଇଛନ୍ତି। ସ୍କୁଲ ପରିସର ସଫା କରିବା ସହିତ ଭିତ୍ତିଭୂମି ଯେପରିକି ପିଇବା ପାଣି, ଶୌଚାଳୟ ଓ ରୋଷେଇ ଗୃହ ଆଦି ପ୍ରସ୍ତୁତ ରଖିବା ପାଇଁ କୁହାଯାଇଛି। ସେହିଭଳି ରାଜ୍ୟ ସରକାର ଆରମ୍ଭ କରିବାକୁ ଯାଉଥିବା କୋଭିଡ୍-୧୯ କ୍ୟାମ୍ପେନର ସଫଳ କାର୍ଯ୍ୟକାରିତା ପାଇଁ ସମସ୍ତ ଶିକ୍ଷକଙ୍କୁ ସାମିଲ୍ କରାଯିବାର ଆବଶ୍ୟକତା ରହିଛି। ତେଣୁ ସମସ୍ତ ଶିକ୍ଷକଙ୍କ ଉପସ୍ଥିତିକୁ ନିଶ୍ଚିତ କରିବା ସହ ଶିକ୍ଷାନୁଷ୍ଠାନରେ କୋଭିଡ୍ ଗାଇଡ୍‌ଲାଇନ୍ ପାଳନ ଉପରେ ଗୁରୁତ୍ୱ ଦେବାକୁ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଗୁରୁବାର ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ ମଧ୍ୟ ଏ ସଂକ୍ରାନ୍ତରେ ସୂଚନା ଦେଇଥିଲେ।

## ପୂଜାଛୁଟି ପରେ କଲେଜ ଖୋଲିପାରେ

**ଭୁବନେଶ୍ୱର, ୯।୧୦(ବ୍ୟୁରୋ)**

ଦୁର୍ଗାପୂଜା ଛୁଟି ପରେ କଲେଜ ଖୋଲିପାରେ। ଏଥିପାଇଁ ସରକାରୀ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି। ଏହାର ଅନୁଧ୍ୟାନ ପାଇଁ ୧୦ଦିନ ତଳେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କ ଫୋର୍ସ ଗଠନ କରାଯାଇଛି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ ଏବଂ ବୈଷୟିକ ଶିକ୍ଷା ବିଭାଗ ସାମିଲ ଅଛନ୍ତି। ସେହିଭଳି ୬ଟି ସବ୍‌କମିଟି ଗଠନ କରାଯାଇଛି। ସବ୍‌କମିଟି ରିପୋର୍ଟ ଦେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ତେବେ କଲେଜ ଖୋଲିବା ନିଷ୍ପତ୍ତି ସରକାର ନେବେ ବୋଲି ଉଚ୍ଚଶିକ୍ଷା ବିଭାଗ ସଚିବ ଶାଶ୍ୱତ ମିଶ୍ର ସୂଚନା ଦେଇଛନ୍ତି।




# ସାମ୍ପ୍ରତିକ ସ୍ଥିତିରେ ଶ୍ରୀମନ୍ଦିର ନ ଖୋଲୁ

**ପୁରୀ ଅଫିସ, ୯।୧୦**

ମହାମାରୀ କରୋନା ପାଇଁ ବନ୍ଦ ଥିବା ରାଜ୍ୟର ବିଭିନ୍ନ ଧାର୍ମିକସ୍ଥଳ ଖୋଲିବା ନେଇ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ଶ୍ରୀମନ୍ଦିର ଖୋଲିବା ସଂକ୍ରାନ୍ତରେ ସରକାରଙ୍କ ନିର୍ଦ୍ଦେଶ ପାଇବା ପରେ ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ବିଭିନ୍ନ ସେବାୟତ ନିଯୋଗ ସହ ଆଲୋଚନା କରିଛନ୍ତି। ଏ ନେଇ ସେମାନଙ୍କ ମତ ସଂଗ୍ରହ ସହ ବିଚାର ବିମର୍ଷ କରାଯାଇଛି। କୋଭିଡ୍ କଟକଣା ପାଇଁ ଶୁକ୍ରବାର ୪ଟି (ପ୍ରତିହାରୀ, ପୂଜାପଣ୍ଡା, ସୁଆର ମହାସୁଆର ଏବଂ ଖୁଣ୍ଟିଆ) ସେବାୟତ ନିଯୋଗ ଏବଂ ପରିଚାଳନା କମିଟିରେ ଥିବା ସେବାୟତ ପ୍ରତିନିଧିଙ୍କ ସହ ଭର୍ଚୁଆଲ ମିଟିଂ ମାଧ୍ୟମରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଆଲୋଚନା କରିଛନ୍ତି। ତେବେ ସାମ୍ପ୍ରତିକ ସ୍ଥିତିରେ ଶ୍ରୀମନ୍ଦିର ଖୋଲା ନ ଯାଉ ବୋଲି ସେବାୟତମାନେ ଜଣାଇଛନ୍ତି। କାର୍ତ୍ତିକ ମାସ ଶେଷ ପର୍ଯ୍ୟନ୍ତ ମନ୍ଦିର ବନ୍ଦ ରଖାଯିବାକୁ ଅନେକେ ମତ ରଖିଛନ୍ତି। ଏହି ଆଲୋଚନା ପୁଣି ଆସନ୍ତା ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଅନ୍ୟ ସେବାୟତ ନିଯୋଗର ମତାମତ ସଂଗ୍ରହ କରାଯିବ।

ଶୁକ୍ରବାର ଆଲୋଚନା ବେଳେ ପ୍ରାୟ



ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହ ଭର୍ଚୁଆଲ ମିଟିଂରେ ଅଂଶଗ୍ରହଣ କରିଥିବା ସେବାୟତ ନିଯୋଗ ଓ ପରିଚାଳନା କମିଟି।

ସମସ୍ତ ସେବାୟତ କରୋନା ଭ୍ୟାକ୍‌ସିନ ନ ବାହାରିବା ପର୍ଯ୍ୟନ୍ତ ଭକ୍ତଙ୍କ ପାଇଁ ମନ୍ଦିର ବନ୍ଦ ରହୁ ବୋଲି କହିଛନ୍ତି। ସର୍ବସାଧାରଣ ଦର୍ଶନ ବ୍ୟବସ୍ଥା ଆରମ୍ଭ ହେଲେ ସଂକ୍ରମଣ ବୃଦ୍ଧି ପାଇବା ଯଥେଷ୍ଟ ସମ୍ଭାବନା ରହିଛି। ଫଳରେ ମହାପ୍ରଭୁଙ୍କ ନୀତିକାନ୍ତି ଓ ସେବାପୂଜା ବ୍ୟାହତ ହେବ ବୋଲି ସେବାୟତମାନେ ମୁଖ୍ୟ ପ୍ରଶାସକଙ୍କୁ ଜଣାଇଛନ୍ତି। ରଥଯାତ୍ରାରେ ଶ୍ରଦ୍ଧାଳୁମାନେ ଯେଉଁଭଳି ସହଯୋଗ କରିଥିଲେ ଓ ଶାନ୍ତିପୂର୍ଣ୍ଣ ଭାବେ ଏହା ଶେଷ ହୋଇଥିଲା ସେହିଭଳି ଆଉ କିଛିଦିନ ସହଯୋଗ କରିବା ଲାଗି ନିବେଦନ କରିଛନ୍ତି ସେବାୟତ। କରୋନା ପଜିଟିଭ ଚିହ୍ନଟ ହେଉଥିବା ସେବାୟତଙ୍କୁ ସ୍ୱତନ୍ତ୍ର ଚିକିତ୍ସା ସେବା ଯୋଗାଇଦେବାକୁ ଦାବି କରାଯାଇଛି। କରୋନା ବେଳେ ସେବାୟତଙ୍କୁ ଦିଆଯାଉଥିବା ସ୍ୱତନ୍ତ୍ର ଅନୁଦାନ ବୃଦ୍ଧି କରିବାକୁ ମଧ୍ୟ ମୁଖ୍ୟ ପ୍ରଶାସକଙ୍କୁ ଅନୁରୋଧ କରାଯାଇଛି। ଆସନ୍ତା କାର୍ତ୍ତିକ ମାସ ଶେଷ ତଥା ନାଗାର୍ଜୁନ ବେଶରେ ଶ୍ରଦ୍ଧାଳୁଙ୍କ ଦର୍ଶନ ବନ୍ଦ ରଖିବାକୁ ସେବାୟତମାନେ ପରାମର୍ଶ ଦେଇଛନ୍ତି।

ବୈଠକ ପରେ ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି, ବର୍ତ୍ତମାନ ସୁଦ୍ଧା ୫୦୦ରୁ ଊର୍ଦ୍ଧ୍ୱ ସେବାୟତ ସଂକ୍ରମିତ ହୋଇଥିବାବେଳେ ପ୍ରାୟ ୧୮ ଜଣଙ୍କ ମୃତ୍ୟୁ ହୋଇସାରିଲାଣି। ପୂର୍ବରୁ ଯେଉଁ ସେବାୟତ ମାସେ ଦେଢ ମାସ ବ୍ୟବଧାନରେ ପାଳି ଖଟୁଥିଲେ ବର୍ତ୍ତମାନ ସେ ୮/୧୦ ଦିନ ଲଗାତର ପାଳି ଖଟୁଛନ୍ତି। ତେଣୁ ବର୍ତ୍ତମାନ ପରିସ୍ଥିତିରେ

### ମୁଖ୍ୟ ପ୍ରଶାସକଙ୍କୁ ଜଣାଇଲେ ସେବାୟତ

- ଦର୍ଶନ ଆରମ୍ଭ ହେଲେ ସଂକ୍ରମଣ ବଢ଼ିପାରେ
- ଆଉ କିଛିଦିନ ସହଯୋଗ ପାଇଁ ଶ୍ରଦ୍ଧାଳୁଙ୍କୁ ନିବେଦନ
- ସେବାୟତଙ୍କୁ ଦିଆଯାଉଥିବା ସ୍ୱତନ୍ତ୍ର ଅନୁଦାନ ବଢ଼ାଯାଉ
- ନାଗାର୍ଜୁନ ବେଶରେ ଭକ୍ତଙ୍କ ଦର୍ଶନ ବନ୍ଦ ରଖିବାକୁ ପରାମର୍ଶ

ଶ୍ରୀମନ୍ଦିର ଖୋଲାଗଲେ ସଂକ୍ରମଣ ବୃଦ୍ଧି ପାଇବା ସମ୍ଭାବନା ରହିଛି। ପ୍ରଥମେ ଜୀବନ ଓ ପରେ ଜୀବିକା। ତେଣୁ ରାଜ୍ୟ ସରକାର ଅନ୍ୟ ମନ୍ଦିର ଖୋଲିଦିଅନ୍ତୁ, ଶ୍ରୀମନ୍ଦିରକୁ କାର୍ତ୍ତିକ ମାସ ଶେଷ ପର୍ଯ୍ୟନ୍ତ ବନ୍ଦ ରଖନ୍ତୁ ବୋଲି ଦାସମହାପାତ୍ର କହିଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ସବୁ ସେବାୟତ ନିଯୋଗଠାରୁ ମତାମତ ସଂଗ୍ରହ ପରେ ପରିଚାଳନା କମିଟି ବୈଠକରେ ତାହାକୁ ଉପସ୍ଥାପନ କରାଯିବ। ଏହାପରେ ମନ୍ଦିର ଖୋଲିବା ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

ଧରିତ୍ରୀ
DHARITRI
ଶନିବାର, ୧୦ ଅକ୍ଟୋବର, ୨୦୨୦

**ଆଜିର ମନ୍ତବ୍ୟ**

ବିହାର ବିଧାନସଭା ନିର୍ବାଚନରେ ଏନ୍‌ସିପି ଏକାକୀ ୧୫୦ ଆସନରେ ଲଢ଼ିବ। **-କୁମାର ଜ୍ଞାନେନ୍ଦ୍ର, ଏନ୍‌ସିପି ମିଡିଆ ଇନ୍‌ଚାର୍ଜ**




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................


ଗୁଡିଆ
ପରିବାରବର୍ଗ


ଆରାଧ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଉପନିର୍ବାଚନ ପାଇଁ ନାମାଙ୍କନ ...

ଜିଲା ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ସ୍ଥିରୀକୃତ ହୋଇଥିବା ଏକ ବଡ଼ ହଲ୍‌ରେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତ୍ୱ ରକ୍ଷା କରି ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିବେ। ୮୦ ବର୍ଷରୁ ଊର୍ଦ୍ଧ୍ୱ ଭୋଟର, କୋଭିଡ୍ ଆକ୍ରାନ୍ତ ଏବଂ ସନ୍ଦିଗ୍ଧ କୋଭିଡ୍ ଭୋଟରମାନେ ଚାହିଁଲେ ପୋଷ୍ଟାଲ୍ ବାଲଟ ମାଧ୍ୟମରେ ଭୋଟ ଦେଇ ପାରିବେ। ଏଥି ନିମନ୍ତେ ନାମାଙ୍କନ ପତ୍ର ଦାଖଲ ଦିବସଠାରୁ ଅକ୍ଟୋବର ୧୪ ମଧ୍ୟରେ ସେମାନେ ଫର୍ମ-୧୨(ଘ) ମାଧ୍ୟମରେ ନିର୍ବାଚନ ଅଧିକାରୀଙ୍କୁ ଆବେଦନ କରିପାରିବେ। ଏହା ପରେ ପୋଷ୍ଟାଲ ବାଲଟ ଭୋଟରମାନଙ୍କ ଏକ ତାଲିକା ପ୍ରସ୍ତୁତ ହେବ। ଅକ୍ଟୋବର ୨୦ ପରେ ପୋଲିଂ ଅଧିକାରୀମାନେ ପୋଷ୍ଟାଲ୍ ବାଲଟ ନେଇ ଘରକୁ ଘର ବୁଲି ପୂର୍ଣ୍ଣ ଗୋପନୀୟତା ରକ୍ଷା କରି ମୁଦା ଲଫାପା ଦ୍ୱାରା ପୋଷ୍ଟାଲ ବାଲଟ ଭୋଟ ସଂଗ୍ରହ କରିବେ। ଏହି ପ୍ରକ୍ରିୟା ନିର୍ଦ୍ଧାରିତ ଭୋଟଗ୍ରହଣର ଦିନକ ପୂର୍ବରୁ ସରିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ରାଜନୈତିକ ଦଳଗୁଡ଼ିକ ଘରକୁ ଘର ବୁଲି ନିର୍ବାଚନ ପ୍ରଚାର କଲା ବେଳେ ପ୍ରାର୍ଥୀଙ୍କ ସହ ସୁରକ୍ଷା କର୍ମୀଙ୍କୁ ଛାଡ଼ି ସର୍ବାଧିକ ୫ ବ୍ୟକ୍ତି ମାସ୍କ ପିନ୍ଧି ଓ ସାମାଜିକ ଦୂରତ୍ୱ ରକ୍ଷାକରି ଯାଇ ପାରିବେ। ନିର୍ବାଚନୀ ସଭା ନିମନ୍ତେ ଜିଲା ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଏକ ନିର୍ବିବାଦୀୟ ବଡ଼ ସ୍ଥାନ ନିରୂପଣ କରାଯାଇ ସେଠାରେ ସର୍ବାଧିକ ୧୦୦ ଲୋକଙ୍କୁ ନେଇ ସାମାଜିକ ଦୂରତ୍ୱ ସହ ସଭା କରାଯିବ। କୋଭିଡ୍ ଦୃଷ୍ଟିରୁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ପ୍ରତି ବୁଥ୍‌ରେ ସର୍ବାଧିକ ୧୦୦୦ ଭୋଟର ଭୋଟ ଦେଇ ପାରିବେ। ଫଳରେ ବୁଥ୍ ସଂଖ୍ୟା ବୃଦ୍ଧି ପାଇବା ସହ ଶୀଘ୍ର ମତଦାନ ସରିବ। ସକାଳ ୭ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ଚାଲୁରହିବ। ଭୋଟଗ୍ରହଣ ବେଳେ ସମସ୍ତ ଭୋଟର ମାସ୍କ ପିନ୍ଧିବା ସହ ପ୍ରଶାସନ ତରଫରୁ ଭୋଟଗ୍ରହଣ ନିମନ୍ତେ ସମସ୍ତଙ୍କୁ ଗ୍ଲୋଭ୍‌ସ ଯୋଗାଇ ଦିଆଯିବ। ଭୋଟଗ୍ରହଣ ସମୟରେ କୌଣସି ବ୍ୟକ୍ତିଙ୍କ ଠାରେ ଯଦି କରୋନା ଲକ୍ଷଣ ପ୍ରକାଶ ପାଏ, ତା'ହେଲେ ସମ୍ପୃକ୍ତ ଭୋଟରଙ୍କୁ ଭୋଟ ଗ୍ରହଣର ଶେଷ ପର୍ଯ୍ୟାୟରେ ମତଦାନ କରିବାକୁ ସୁଯୋଗ ଦିଆଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଲୋହାନୀ କହିଛନ୍ତି। ଉପନିର୍ବାଚନ କାର୍ଯ୍ୟସୂଚୀ ଅନୁସାରେ ଅକ୍ଟୋବର ୯ରେ ନାମାଙ୍କନ ପତ୍ର ଦାଖଲ, ୧୬ରେ ଦାଖଲ ଶେଷ, ୧୭ରେ ପ୍ରାର୍ଥୀପତ୍ର ଯାଞ୍ଚ ଏବଂ ୧୯ରେ ପ୍ରତ୍ୟାହାର ହେବ। ସେହିପରି ନଭେମ୍ବର ୩ରେ ଭୋଟଗ୍ରହଣ, ୧୦ରେ ଭୋଟ ଗଣତି ଏବଂ ନଭେମ୍ବର ୧୨ରେ ନିର୍ବାଚନ ପ୍ରକ୍ରିୟା ଶେଷ ହେବ ବୋଲି ଜଣାପଡ଼ିଛି।

## ସୁରକ୍ଷା ପ୍ରତି ଧ୍ୟାନ ...

ଏବଂ ଦୋକାନ ଗୃହ ରହିଛି। ପେଟ୍ରୋଲ୍ ପମ୍ପ ନିକଟରେ ଜନବସତି ରହିଥିଲେ ପେସୋର ଅତିରିକ୍ତ ସୁରକ୍ଷା ମାନଦଣ୍ଡ ପୂରଣ କରିବାକୁ ନିର୍ଦ୍ଦେଶ ରହିଛି। ନିୟମ ଅନୁସାରେ ଗୋଟେ ଟାଙ୍କି ଉପରେ ଅନ୍ୟ ଏକ ଟାଙ୍କି ରହିବ ନାହିଁ। ଟାଙ୍କିଠାରୁ ଜଳସ୍ତରର ନିର୍ଦ୍ଧାରିତ ଦୂରତା ରହିବା ଆବଶ୍ୟକ। ତୈଳ ବା ଗ୍ୟାସ୍ ଗଚ୍ଛିତ ଟ୍ୟାଙ୍କି ଉପରେ କୌଣସି ବିଦ୍ୟୁତ୍ ତାର ଯିବ ନାହିଁ। ଏହା ଧୂମପାନ ନିଷେଧ ଅଞ୍ଚଳ ହୋଇଥିବ। ଏପରିକି ଉପଯୁକ୍ତ ଅଗ୍ନି ସୁରକ୍ଷା ବ୍ୟବସ୍ଥା ସହ ଆର୍ଥିଙ୍ଗ ବ୍ୟବସ୍ଥା ରହିବା ଆବଶ୍ୟକ। ହେଲେ ଏହାକୁ ତୈଳ କମ୍ପାନୀଗୁଡ଼ିକ ଅଣଦେଖା କରୁଛନ୍ତି। ଫଳରେ ପେଟ୍ରୋଲ ଓ ଡିଜେଲ୍ ଲିକ୍ ହୋଇ ସ୍ଥାନୀୟ ଅଞ୍ଚଳର ଭୂତଳ ଜଳ ଏବଂ ମାଟିକୁ ପ୍ରଦୂଷଣ କରୁଛି। ଗତ ଫେବୃୟାରୀରେ କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରେ ଏଭଳି ଏକ ଘଟଣା ଘଟିଥିଲା। ସେହିପରି ରାଜ୍ୟରେ ପେଟ୍ରୋଲିୟମ୍ ରୁଲ୍-୨୦୦୨ର ଖୋଲାଖୋଲି ଉଲ୍ଲଂଘନ ହେଉଛି। ପେଟ୍ରୋଲ୍ ପମ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ପ୍ରତି ଦୃଷ୍ଟି ନ ଦେଇ ଜିଲା ପ୍ରଶାସନ ପକ୍ଷରୁ ଆପତ୍ତି ବିହୀନ ପ୍ରମାଣପତ୍ର(ଏନ୍‌ଓସି) ଦିଆଯାଉଥିବା ଅଭିଯୋଗ ହୋଇଛି। ଭୁବନେଶ୍ୱରର ଲୋକସେବା ଭବନ ପଛରେ ଏକ ପେଟ୍ରୋଲ ପମ୍ପ ଥିବାବେଳେ ଜନପଥରେ ୪ଟି, କଟକ ରୋଡ୍‌ରେ ୩ଟି, ୟୁନିଟ-୨ରେ ଗୋଟିଏ, ୟୁନିଟ-୧ରେ ଗୋଟିଏ ପେଟ୍ରୋଲ ପମ୍ପ ରହିଛି। ଏହି ସବୁ ପେଟ୍ରୋଲ୍ ପମ୍ପ ନିକଟରେ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାର କାର୍ଯ୍ୟାଳୟ, ହାଟ, ମାର୍କେଟ୍ ବିଲ୍ଡିଂ ଓ ବଡ଼ ବଡ଼ ଶପିଂ ମଲ୍ ରହିଛି। ପେଟ୍ରୋଲ୍ ପମ୍ପ ନିକଟରେ ଉଚ୍ଚକ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ମଧ୍ୟ ଯାଇଛି। କେବଳ ପେଟ୍ରୋଲ ପମ୍ପ ନୁହେଁ, ଜିଲାପାଳଙ୍କ ବିନା ଅନୁମତିରେ ବିପଦଜନକ ଗ୍ୟାସ୍ ଏବଂ କେମିକାଲ୍ ଗାଡ଼ି ଟ୍ୟାଙ୍କର ଜିଲା ଭିତରକୁ ପ୍ରବେଶ କରୁଛି। ଅଧିକାଂଶ ସମୟରେ ଏହି ଟ୍ୟାଙ୍କରଗୁଡ଼ିକ ଫାଟି ବଡ଼ ଧରଣର ଦୁର୍ଘଟଣା ହେଉଛି। ରାଜ୍ୟରେ ଏମର୍ଜେନ୍ସି ରେସ୍କ୍ୟୁ ଗାଡ଼ି ବା ଡି-କଣ୍ଟେନର ନ ଥିବାରୁ ଏଭଳି ଦୁର୍ଘଟଣାର ମୁକାବିଲା ଠିକ୍‌ଭାବେ କରିହେଉନି। ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ମଧ୍ୟ ଏନେଇ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଉନାହିଁ। ସେହିଭଳି ଅଧିକ ସଂଖ୍ୟାରେ ଏଲ୍‌ପିଜି ଟ୍ୟାଙ୍କରଗୁଡ଼ିକୁ ସହର ବାହାରେ ରଖିବାକୁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଗ୍ୟାସ୍ ଡିଲରମାନେ ଖୋଲାଖୋଲିଭାବେ ତାହାର ଉଲ୍ଲଂଘନ କରୁଥିବା ଦେଖାଯାଉଛି। ଏନେଇ ସୂଚନା ଦେଇ ପେସୋର ଡେପୁଟି ଚିଫ୍ କଣ୍ଟ୍ରୋଲର ରୁଆବି ଅଲ୍ଲୀ କହିଛନ୍ତି, ପେଟ୍ରୋଲ ପମ୍ପ ଯାଞ୍ଚ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନାହିଁ। ଆମେ ଅଚାନକ ଯାଞ୍ଚ କରିଥାଉ। ଶେଷଥର ପାଇଁ ଗତ ୨ବର୍ଷ ତଳେ ଭୁବନେଶ୍ୱରରେ ପେଟ୍ରୋଲ ପମ୍ପଗୁଡ଼ିକ ଯାଞ୍ଚ ହୋଇଥିଲା। ସେଫ୍ଟି ଷ୍ଟାଣ୍ଡାର୍ଡ ମାନୁଥିବାରୁ ସେମାନଙ୍କୁ ଏକ୍ସପ୍ଲୋସିଭ୍ ଲାଇସେନ୍ସ ଦିଆଯାଇଛି। ଭୁବନେଶ୍ୱରରେ ଏବେ ପ୍ରାୟ ୭ଟି ସିଏନ୍‌ଜି ଷ୍ଟେଶନ ରହିଛି। ସେଗୁଡ଼ିକୁ ଲାଇସେନ୍ସ ଦେବା ସମୟରେ ଯାଞ୍ଚ କରାଯାଇଥିଲା ବୋଲି ଅଲ୍ଲୀ କହିଛନ୍ତି। ଉତ୍କଳ ପେଟ୍ରୋଲିୟମ୍ ଡିଲର ଆସୋସିଏଶନର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ୍ କହିଛନ୍ତି, ପ୍ରତି ୩ମାସରେ ଥରେ ତୈଳ କମ୍ପାନୀ ଇଞ୍ଜିନିୟରିଂ ବିଭାଗ ଦ୍ୱାରା ପମ୍ପ ଯାଞ୍ଚ କରାଯାଇଥାଏ। ପ୍ରତିଥର ନବୀକରଣ ସମୟରେ ପେସୋ ମଧ୍ୟ ଯାଞ୍ଚ କରିଥାଏ। ସବୁପ୍ରକାର ସୁରକ୍ଷା ଦୃଷ୍ଟିକୋଣକୁ ଧ୍ୟାନ ଦିଆଯାଉଥିବାରୁ ଓଡ଼ିଶାରେ ସେଭଳି ବଡ଼ଧରଣର ଦୁର୍ଘଟଣା ଘଟି ନ ଥିବା ସେ କହିଛନ୍ତି।

## ମିଳିଲା ଦ୍ୱିତୀୟ ପର୍ଯ୍ୟାୟ ...

ଭାରତୀୟମାନେ କେତେ ସଂଖ୍ୟକ ଆକାଉଣ୍ଟ ସୁଇସ୍ ବ୍ୟାଙ୍କରେ ରଖିଛନ୍ତି ଏବଂ କେତେ ଅର୍ଥ ରହିଛି ବୋଲି ଏକ ପ୍ରଶ୍ନର ଉତ୍ତର ଲୋଡାଯାଇଥିବା ବେଳେ ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ଏ ନେଇ କିଛି କହିବାକୁ ମନା କରିଦେଇଛନ୍ତି। ବିଶେଷକରି ଟିକସ ସଂକ୍ରାନ୍ତ ମାମଲାଗୁଡିକରେ ସୂଚନା ଆଦାନ ପ୍ରଦାନ ନିୟମ ରହିଥିବା ବେଳେ ଏହା ସରକାରୀ ସ୍ତରରେ ହସ୍ତାନ୍ତର ହୋଇଥାଏ ବୋଲି ଅଧିକାରୀ ସ୍ପଷ୍ଟ କରିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମକୁ ...

ଦେଇ ଭୋକିଲା ଲୋକଙ୍କ ମୁହଁରେ ଆହାର ଯୋଗାଇବା ନେଇ ସୁନିଶ୍ଚିତ କରନ୍ତୁ। ଓସ୍‌ଲୋରେ ପୁରସ୍କାର ଘୋଷଣା ଅବସରରେ ନୋବେଲ କମିଟି ମୁଖ୍ୟ ବେରିଟ୍ ରେଇସ୍-ଆଣ୍ଡରସନ କହିଛନ୍ତି, ୨୦୨୦ ବର୍ଷର ପୁରସ୍କାର ସହ କମିଟି ଆଶା କରେ ଯେ ଅନାହାରରେ ପଡ଼ିଥିବା ବା ଖାଦ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବା ଲୋକଙ୍କ ପ୍ରତି ବିଶ୍ୱର ଦୃଷ୍ଟି ରହୁ। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଖାଦ୍ୟ ନିରାପତ୍ତାକୁ ଶାନ୍ତିର ଏକ ମାଧ୍ୟମରେ ପରିଣତ କରିବା ଲାଗି ବହୁପାକ୍ଷିକ ସହଯୋଗିତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। ଡବ୍ଲ୍ୟୁଏଫ୍‌ପି ଆଲ୍‌ଫ୍ରେଡ୍ ନୋବେଲଙ୍କ ଇଚ୍ଛାପତ୍ରରେ ଉଲ୍ଲେଖ କରାଯାଇଥିବା ରାଷ୍ଟ୍ରଗୁଡ଼ିକର ଭ୍ରାତୃତ୍ୱ ଦିଗରେ ଅଗ୍ରସର ହେବା ପାଇଁ ଉଦ୍ୟମ କରିଥାଏ ବୋଲି ଆଣ୍ଡରସନ କହିଛନ୍ତି।

ଚଳିତ ବର୍ଷର ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ ତାଲିକାରେ ସଙ୍ଗଠନ ଓ ପ୍ରାର୍ଥୀଙ୍କ ଅଭାବ ନ ଥିଲା। ଫେବୃୟାରୀ ୧ ସମୟସୀମା ପୂର୍ବରୁ ୨୧୧ ଜଣ ବ୍ୟକ୍ତି ଓ ୧୦୭ ସଙ୍ଗଠନ ଏହି ପୁରସ୍କାର ଲାଗି ମନୋନୀତ ହୋଇଥିଲେ। ତେବେ ନରୱେଜିଆନ୍ ନୋବେଲ କମିଟି ବିଶ୍ୱର ସବୁଠୁ ମର୍ଯ୍ୟାଦାଜନକ ସମ୍ମାନ କାହାକୁ ଦିଆଯିବା ସପକ୍ଷରେ ରହିଛି ସେନେଇ ସମ୍ପୂର୍ଣ୍ଣ ଗୋପନୀୟତା ଅବଲମ୍ବନ କରିଥାଏ। ପୁରସ୍କାର ରାଶି ବାବଦକୁ ନଗଦ ୧୦ ନିୟୁତ କ୍ରୋନା (୧.୧ ନିୟୁତ ଡଲାର) ଓ ଏକ ସ୍ୱର୍ଣ୍ଣପଦକ ଜାତିସଂଘ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ସଂସ୍ଥାକୁ ଦିଆଯିବ। ନୋବେଲ ପୁରସ୍କାର ପ୍ରତିଷ୍ଠାତା ଆଲ୍‌ଫ୍ରେଡ୍ ନୋବେଲଙ୍କ ଶ୍ରାଦ୍ଧବାର୍ଷିକୀ ଡିସେମ୍ବର ୧୦ରେ ନରୱେର ଓସ୍‌ଲୋରେ ହେବାକୁ ଥିବା ପୁରସ୍କାର ବିତରଣ ଉତ୍ସବରେ ଏହା ପ୍ରଦାନ କରାଯିବ। କରୋନା ମହାମାରୀକୁ ଦୃଷ୍ଟିରେ ରଖି ଚଳିତ ବର୍ଷର ଉତ୍ସବକୁ ନିରାଡମ୍ବର କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଅର୍ଥନୀତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନୋବେଲ ପୁରସ୍କାର ଆସନ୍ତା ସପ୍ତାହରେ ଘୋଷଣା କରାଯିବ।

## ଶାନ୍ତି ପୁରସ୍କାରଃ କେବେ କେଉଁ ସଙ୍ଗଠନ

| ବର୍ଷ | ସଙ୍ଗଠନ |
|---|---|
| ୧୯୦୪ | ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଟରନ୍ୟାଶନାଲ ଲ |
| ୧୯୧୦ | ପର୍ମାନେଣ୍ଟ ଇଣ୍ଟରନ୍ୟାଶନାଲ ପିସ୍ ବ୍ୟୁରୋ |
| ୧୯୧୭ | ଇଣ୍ଟରନ୍ୟାଶନାଲ କମିଟି ଅଫ୍ ରେଡ୍‌କ୍ରସ୍ |
| ୧୯୩୮ | ନାନ୍‌ସେନ ଇଣ୍ଟରନ୍ୟାଶନାଲ ଅଫିସ୍ ଅଫ୍ ରେଫ୍ୟୁଜିସ୍ |
| ୧୯୪୪ | ଇଣ୍ଟରନ୍ୟାଶନାଲ କମିଟି ଅଫ୍ ଦି ରେଡ୍‌କ୍ରସ୍ |
| ୧୯୪୭ | ଆମେରିକାନ୍ ଫ୍ରେଣ୍ଡସ୍ ସର୍ଭିସ କମିଟି (ଦି କ୍ୱାକର୍ସ), ଫ୍ରେଣ୍ଡସ ସର୍ଭିସ୍ କାଉନ୍ସିଲ (ଦି କ୍ୱାକର୍ସ) |
| ୧୯୫୪ | ଅଫିସ ଅଫ୍ ଦି ୟୁନାଇଟେଡ୍ ନେଶନ୍ସ ହାଇକମିଶନର୍ ଫର୍ ରେଫ୍ୟୁଜିସ୍ (ୟୁଏନ୍‌ଏଚ୍‌ସିଆର୍) |
| ୧୯୬୩ | ଲିଗ୍ ଅଫ୍ ରେଡ୍‌କ୍ରସ ସୋସାଇଟିଜ୍, ଇଣ୍ଟରନ୍ୟାଶନାଲ କମିଟି ଅଫ୍ ଦି ରେଡ୍‌କ୍ରସ |
| ୧୯୬୫ | ୟୁନିସେଫ୍ |
| ୧୯୬୯ | ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ (ଆଇଏଲ୍‌ଓ) |
| ୧୯୭୭ | ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ |
| ୧୯୮୧ | ଅଫିସ ଅଫ୍ ଦି ୟୁନାଇଟେଡ୍ ନେଶନ୍ସ ହାଇକମିଶନର୍ ଫର୍ ରେଫ୍ୟୁଜିସ୍ (ୟୁଏନ୍‌ଏଚ୍‌ସିଆର୍) |
| ୧୯୮୫ | ଇଣ୍ଟରନ୍ୟାଶନାଲ ଫିଜିସିଏନ୍ସ ଫର୍ ଦି ପ୍ରିଭେନଶନ ଅଫ୍ ନ୍ୟୁକ୍ଲିୟର ୱାର |
| ୧୯୮୮ | ଜାତିସଂଘର ଶାନ୍ତିରକ୍ଷା ବାହିନୀ |
| ୧୯୯୫ | ପୁଗ୍‌ୱାଶ କନ୍‌ଫରେନ୍‌ସେସ୍ ଅନ୍ ସାଇନ୍ସ ଆଣ୍ଡ ୱାର୍ଲ୍ଡ ଆଫେୟାର୍ସ |
| ୧୯୯୭ | ଇଣ୍ଟରନ୍ୟାଶନାଲ କ୍ୟାମ୍ପେନ୍ ଟୁ ବ୍ୟାନ୍ ଲ୍ୟାଣ୍ଡମାଇନ୍ସ |
| ୧୯୯୯ | ମେଡିସିନ୍ସ ସାନ୍ସ ଫ୍ରଣ୍ଟିୟର୍ସ |
| ୨୦୦୧ | ଜାତିସଂଘ |
| ୨୦୦୫ | ଇଣ୍ଟରନ୍ୟାଶନାଲ ଆଟୋମିକ୍ ଏନର୍ଜି ଏଜେନ୍ସି (ଆଇଏଇଏ) |
| ୨୦୦୬ | ଗ୍ରାମୀଣ ବ୍ୟାଙ୍କ |
| ୨୦୦୭ | ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଆନ୍ତଃସରକାରୀ ପ୍ୟାନେଲ |
| ୨୦୧୨ | ୟୁରୋପୀୟ ସଂଘ |
| ୨୦୧୩ | ରାସାୟନିକ ଅସ୍ତ୍ର ନିବାରଣ ସଙ୍ଗଠନ |
| ୨୦୧୫ | ନ୍ୟାଶନାଲ ଡାଇଲଗ୍ କ୍ୱାର୍ଟେଟ |
| ୨୦୧୭ | ଇଣ୍ଟରନ୍ୟାଶନାଲ କ୍ୟାମ୍ପେନ ଟୁ ଆବୋଲିଶ ନ୍ୟୁକ୍ଲିୟର ୱେପନ୍ସ |
| ୨୦୨୦ | ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ |

## 'ଆର୍ଯ୍ୟ'ର ଆଖି ...

'ଆର୍ଯ୍ୟ' କୁପୋଷଣର ଶିକାର ହୋଇଛି। ଏଥିସହ ଅନ୍ୟ ଜଟିଳ ରୋଗରେ ମଧ୍ୟ ଆକ୍ରାନ୍ତ ଅଛି। ଆଗାମୀ କିଛିଦିନ ତା' ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଏହା ଉପରେ ନଜର ରଖିଛି। ସିଇଓ ସତ୍ୟନାରାୟଣ କୁହନ୍ତି, ଏହି ହସ୍ତୀ ହସ୍ପିଟାଲ ରୋଗଗ୍ରସ୍ତ ହାତୀଙ୍କ ପାଇଁ ଆଶାର ପ୍ରତୀକ। ଅନେକ ମାଲିକ ନିଜର ରୋଗଣା ହାତୀଙ୍କ ଚିକିତ୍ସା କରାଇବାକୁ ଏଠାକୁ ଆଣିବାକୁ ଚାହୁଁଛନ୍ତି। ସେମାନେ ଏ ସଂକ୍ରାନ୍ତରେ ବନ ବିଭାଗ ସହିତ ଯୋଗାଯୋଗ କରୁଛନ୍ତି। ଅନୁଷ୍ଠାନର ସଚିବ ଗୀତା ଶେଷମଣି କହିଛନ୍ତି, ଶେଷରେ ଚିକିତ୍ସା ପାଇଁ 'ଆର୍ଯ୍ୟ'କୁ ଠିକଣା ମିଳିଯାଇଛି। ଆଶା କରାଯାଉଛି ତା'ର ଆଖି ଶୀଘ୍ର ଭଲ ହୋଇଯିବ।

## ୧୨ରୁ ଏକକ ପିଜି ...

କରିଛନ୍ତି, ସେମାନଙ୍କ ପରୀକ୍ଷା ଯେପରି ଏକା ସମୟରେ ନ ହୁଏ ସେଥିପ୍ରତି ଧ୍ୟାନ ଦିଆଯାଉଛି। ପରୀକ୍ଷା ସମ୍ବନ୍ଧୀୟ ସମସ୍ୟାର ସମାଧାନ ନିମନ୍ତେ ୩ଜଣ କୁଳପତି ଓ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଉପାଧ୍ୟକ୍ଷଙ୍କୁ ନେଇ ଗଠିତ ଏକ କମିଟି ଦ୍ୱାରା ସମାଧାନ କରାଯାଉଛି। ୭୦ ପ୍ରତିଶତ ମାର୍କ ଏଣ୍ଟ୍ରାନ୍ସ ଓ ୩୦ ପ୍ରତିଶତ ମାର୍କ କ୍ୟାରିୟରକୁ ନେଇ ସିଲେକ୍ସନ କରାଯିବ। ପରୀକ୍ଷା ଫଳାଫଳ ଅନୁସାରେ ବିଷୟ ଅନୁଯାୟୀ ଏକକ ର୍‍ୟାଙ୍କ୍ ତାଲିକା ପ୍ରସ୍ତୁତ କରାଯିବ। ର୍‍ୟାଙ୍କ ଅନୁଯାୟୀ ଛାତ୍ରୀଛାତ୍ର ସେମାନଙ୍କ ପସନ୍ଦର ବିଶ୍ୱବିଦ୍ୟାଳୟ ବା ମହାବିଦ୍ୟାଳୟ ଓ ପାଠ୍ୟକ୍ରମରେ ପ୍ରଚଳିତ ସଂରକ୍ଷଣ/ ପ୍ରଦାନ କରାଯାଉଥିବା ବ୍ୟବସ୍ଥା ଅନୁସାରେ ନାମ ଲେଖାଇପାରିବେ। ସୂଚନାଯୋଗ୍ୟ, ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟ ସ୍ୱତନ୍ତ୍ର ଭାବେ ପିଜି ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା କରନ୍ତି। କିନ୍ତୁ ଦୂରରେ ରହୁଥିବା ଛାତ୍ରୀଛାତ୍ରଙ୍କ ଅସୁବିଧା ଦୂର କରିବା ନିମନ୍ତେ ଚଳିତବର୍ଷ ସାମ୍‌ସ ମାଧ୍ୟମରେ ଏହି ଏକକ ପ୍ରବେଶିକା ପରୀକ୍ଷା କରାଯାଉଛି। ସିଙ୍ଗଲ ୱିଣ୍ଡୋ ମାଧ୍ୟମରେ ଛାତ୍ରୀଛାତ୍ରମାନେ ଏହି ପରୀକ୍ଷା ନିମନ୍ତେ ଆବେଦନ କରିବା ସହିତ ପରୀକ୍ଷା ଦେବେ। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ଭିନ୍ନ ଭିନ୍ନ ଶିକ୍ଷାନୁଷ୍ଠାନ ଦ୍ୱାରା ଅଲଗା ଅଲଗା ତାରିଖରେ ହେଉଥିବା ପରୀକ୍ଷା ଦେବାରେ ଅସୁବିଧା ହେବ ନାହିଁ। ପ୍ରତିବର୍ଷ ରୋଟେଶନ ବେସିସ୍‌ରେ ଗୋଟିଏ ଗୋଟିଏ ବିଶ୍ୱବିଦ୍ୟାଳୟ ଦ୍ୱାରା ଏକକ ପିଜି ପ୍ରବେଶିକା ପରୀକ୍ଷା ପରିଚାଳନା କରାଯିବ। ଚଳିତବର୍ଷ ଏହା ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜନ ହେଉଥିବା ସୂଚନା ଦିଆଯାଇଛି। ଏଭଳି ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିବାରେ ଓଡ଼ିଶା ଭାରତର ପ୍ରଥମ ରାଜ୍ୟ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଆଣ୍ଟି-ରାଡିଏଶନ୍ ...

ନାଭିଗେଶନ ଖଞ୍ଜା ଯାଇଛି, ଯାହାକି ଶତ୍ରୁପକ୍ଷର ରାଡାରକୁ ନିର୍ଦ୍ଦିଷ୍ଟ ଭାବେ ଠାବ କରିପାରିବ। ଭାରତୀୟ ବାୟୁସେନାରେ ଏହା ଏକ ଶକ୍ତିଶାଳୀ ଅସ୍ତ୍ର ଭାବେ ବ୍ୟବହାର ହୋଇପାରିବ। ପୂର୍ବରୁ ଗତ ୩ ତାରିଖରେ ଶୌର୍ଯ୍ୟ କ୍ଷେପଣାସ୍ତ୍ର ପରୀକ୍ଷଣ ପରେ ଏହା ଏକ ବଡ଼ ସଫଳତା ଭାବରେ ବିବେଚନା କରାଯାଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଚନ୍ଦ୍ର ଦେବଗୁରୁଙ୍କ ନକ୍ଷତ୍ରସ୍ଥ ହେତୁ ପାରିବାରିକ ସମସ୍ୟା ସମାଧାନ ହେବା ସକାଶେ ବନ୍ଧୁ ମାର୍ଗଦର୍ଶକ ସାଜିବେ। ଆବଶ୍ୟକତା ପୂରଣ କରିବା ସକାଶେ ଧାରକରଜ କରି କାମ ଚଳାଇ ନେବା ସକାଶେ ଚେଷ୍ଟା କରିପାରନ୍ତି। ବନ୍ଧୁ ଗହଣରେ ସାଧାରଣ ଘଟଣାକୁ ନେଇ ମନସ୍ତାପ କରିପାରନ୍ତି।

**ବୃଷ**
ଶନି ଦୃଷ୍ଟ ମଙ୍ଗଳ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ଓ ଆକସ୍ମିକ କଳହର କାରଣ ହେବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ ଓ ଅଟକି ରହିଥିବା କାମକୁ ଶେଷ କରିପାରିବେ। ସମସ୍ୟା ଭିତରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହୋଇପାରନ୍ତି।

**ମିଥୁନ**
ପାରିବାରିକ ସମସ୍ୟା ଥିଲେ ମଧ୍ୟ କାମଗୁଡ଼ିକୁ ସଫଳତାର ସହ ସମ୍ପନ୍ନ କରିବେ। କିଛି ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ। ବ୍ୟବସାୟରେ କ୍ରମଶଃ ସମସ୍ୟା ବଢି ବଢି ବଡ ଆକାର ଧାରଣ କରିବାର ସମ୍ଭାବନା ରହିଛି। ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ହେତୁ ମନ ଅସ୍ଥିର ରହିବ।

**କର୍କଟ**
ବୃହସ୍ପତିଙ୍କ ପ୍ରଭାବରୁ ଶତ୍ରୁନାଶ, ଋଣ ପରିଶୋଧ ସଙ୍ଗକୁ ରୋଗପୀଡା ହ୍ରାସ ଘଟିବ। କର୍ମକ୍ଷେତ୍ରରେ ଅବହେଳା କାରଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। କିନ୍ତୁ ଆପଣଙ୍କ ମଧୁରବଚନ ପ୍ରଭାବରୁ ସମସ୍ୟାର ସରଳ ସମାଧାନ ହୋଇଯିବ। ଭୁଲ୍ ବୁଝାମଣାରୁ ପାରିବାରିକ କଳହକୁ କେନ୍ଦ୍ରକରି ଭାବପ୍ରବଣ ହୋଇପାରନ୍ତି।

**ସିଂହ**
ରବିଙ୍କ ଦୁର୍ବଳତା କାରଣରୁ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ରହିବା ଠିକ୍ ହେବ। ପରିବାର ଓ କର୍ମକ୍ଷେତ୍ରରେ ରହିଥିବା ବ୍ୟତିକ୍ରମ ବିଷୟ ଚିନ୍ତାକରି ମନ ବିଚଳିତ ରହିପାରେ। ଆତ୍ମୀୟମାନଙ୍କ ସହ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। ସନ୍ତାନଙ୍କ କୃତିତ୍ୱ ପାଇଁ କିମ୍ବା ରଚନାତ୍ମକ କାମ ସକାଶେ ଗର୍ବ ଅନୁଭବ କରିବେ।

**କନ୍ୟା**
ବଳଶାଳୀ ବୁଧ ବୌଦ୍ଧିକତା ବୃଦ୍ଧି କରି ସାମାଜିକ ସ୍ତରରେ ସମ୍ମାନ ଓ ପ୍ରତିଷ୍ଠା ପ୍ରଦାନ କରିବେ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା, କଳା, ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ବନ୍ଧୁମାନଙ୍କ ସହ ଆଲୋଚନା କରିବାର ସୁଯୋଗ ଲାଭକରି ଖୁସୀ ହୋଇପାରନ୍ତି।

**ତୁଳା**
କର୍ମାଧିପ ଭାଗ୍ୟସ୍ଥ ହେତୁ ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ଚେଷ୍ଟା କଦାପି ବିଫଳ ହେବନି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ଅବଶ୍ୟ ମିଳିବ। ସାଧାରଣ କଥାରେ ତର୍କ କାରଣରୁ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେଇପାରେ।

**ବିଛା**
ମୁଖଭାବରେ ବୃହସ୍ପତି ଥିବାରୁ ଔଚିତ୍ୟପୂର୍ଣ୍ଣ କଥା କହି ପ୍ରିୟଜନଙ୍କର ଶ୍ରଦ୍ଧାଭାଜନ ହେବେ। କର୍ମକ୍ଷେତ୍ରରେ ଅପୂର୍ବ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇପାରନ୍ତି। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ। ପଦସ୍ଥ ବ୍ୟକ୍ତିବିଶେଷଙ୍କ ଦେଖାସାକ୍ଷାତରୁ ଉପକୃତ ହେବେ।

**ଧନୁ**
ମୁହଁରେ ମଧୁରତା ପ୍ରକାଶ ପାଇଲେ ମଧ୍ୟ ମାନସିକ ସ୍ତରରେ ଅନ୍ୟମନସ୍କତା ଲାଗିରହିବ। ଆଲୋଚନା ପରିସରରେ, ସଭାରେ, ତର୍କ ଓ ବିବାଦରେ, ଆଇନ ଅଦାଲତରେ ସ୍ଥଗିତ କାମକୁ ପୂରା କରିବେ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ମକର**
ଆଜି ଶନିଙ୍କ ପ୍ରଭାବରୁ ଆପଣଙ୍କ କୌଣସି କାମ ଅଟକି ରହିବନାହିଁ। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି ସଫଳତା ହାସଲ କରିବେ। କଥା ଦେଇଥିବା ବନ୍ଧୁ ଠିକ୍ ସମୟରେ ନ ଫେରିବା କାରଣରୁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଅତି ଭଲ ସମ୍ପର୍କ ରହିଥିବା ବ୍ୟକ୍ତିଟି ସହ ବାର୍ତ୍ତାଳାପ ପାଇଁ ମନ ଛଟପଟ ହୋଇପାରେ।

**କୁମ୍ଭ**
କେନ୍ଦ୍ରସ୍ଥ ଶୁକ୍ର ହେତୁ ବନ୍ଧୁଙ୍କ ସାହାଯ୍ୟରୁ ଫେରନ୍ତା ବାଟରେ ହଠାତ୍ ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ। ପାଖ ପଡୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ପରିବାର ଓ ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବାରୁ ଆଶ୍ୱସ୍ତି ଲାଭ କରିବେ।

**ମୀନ**
ଅଷ୍ଟମସ୍ଥ ବୁଧ ଯୋଗୁ ପରିବାର ମଧ୍ୟରେ ବିଭିନ୍ନ ପ୍ରକାରର ସମସ୍ୟାଗୁଡିକୁ ସାମନା କରି ନ ପାରି ବିବ୍ରତ ବୋଧ କରିପାରନ୍ତି। ସହକର୍ମୀଙ୍କ ସହାନୁଭୂତି ଯୋଗୁଁ କାମଗୁଡିକ ସଂପନ୍ନ କରିବା ସକାଶେ ବିଶେଷ ଅସୁବିଧା ହେବ ନାହିଁ। ପାରସ୍ପରିକ ଭୁଲ୍ ବୁଝାମଣାରୁ ବନ୍ଧୁଙ୍କ ନିକଟରୁ ଅନାଦର ପାଇପାରନ୍ତି।

ଆଜି ଆଶ୍ୱିନ ମଳ କୃଷ୍ଣ ଅଷ୍ଟମୀ ଶନିବାର, ଅକ୍ଟୋବର ୧୦ ତାରିଖ, ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ, ରାଷ୍ଟ୍ରୀୟ ଡାକ ଦିବସ, ଚରଖା ଦିବସ, ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ୦୫.୪୩ମି. ଗତେ ଘ.୦୬.୩୦ମି. ମଧ୍ୟେ, ଘ.୦୭.୧୬ମି.ଗତେ ଘ.୦୯.୩୬ମି. ମଧ୍ୟେ, ଦିବା ଘ.୧୧.୫୬ମି. ଗତେ ଘ.୦୩.୦୩ମି. ମଧ୍ୟେ, ଘ.୦୩.୫୦ମି. ଗତେ ଘ.୦୫.୨୩ମି. ମଧ୍ୟେ, ରାତ୍ରି ଘ.୦୨.୨୬ମି. ଗତେ ଘ.୦୩.୧୫ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୦୮.୩୮ମି. ଗତେ ଘ.୧୦.୦୫ମି. ମଧ୍ୟେ ରାହୁକାଳ।


# classifieds Everyday

**0674-2580101, 2549302**




**SALE**

Duplex at Hanspal 2Km. from NH-5. Rs.69 lakhs and plot at Hanspal Rs.1670/- P.sqft. Mobile: 8763499150, 7064994691. D-18506

**Ready to move 2BHK flat @22.99 lakhs** near Mount Litera Zee School, Kateni is for sale. 9937162220.** D-18552

**Well developed 30'road, ଘରବାରୀ, boundary, ଇଲେକ୍‌ଟ୍ରିସିଟି ଥାଇ ୪ଟି ପ୍ଲଟ ହଂସପାଳ ପାଖ ରାମଚନ୍ଦ୍ରପୁର ମୌଜାରେ sqft.650/- ବିକ୍ରିହେବ। Land owner- 9437033320.** D-69181

**ଭୁବନେଶ୍ୱର ପଟିଆ, ରଘୁନାଥପୁର, ଫୁଲନଖରା ପାଖରେ 1,2,3BHK Simplex/ Duplex ଅଛି। 8327785834, 9658122456.** D-69182

**ଭୁବନେଶ୍ୱର ସୁନ୍ଦରପଦା Xavier University ନିକଟରେ sqft-199/- plot ବିକ୍ରିହେବ। 9337285332, 6372047313.** D-69176

Bhubaneswar ସୁନ୍ଦରପଦାରେ 1200sqft. plot 11,40,000/- କିଣି ଘର କରନ୍ତୁ। 9938016295. D-69183

ଛତାବର 200' roadside Nakhara Synergy College ପାଖରେ ଗୃହୋପଯୋଗୀ ଜାଗା 1500sqft.କୁ 9,75,000/- 9437306208. D-69349

**Gharabari plots at Atala, Balianta, Bhingarpur & Bagalpur immediate possession & registration. Contact: 9437147826, 9658894066.** D-18299

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69179

**ଭୁବନେଶ୍ୱର NH16ରେ ପିତାପଲ୍ଲୀ ଛକରେ ସ୍ଥିତିବାନ ପ୍ଲଟ୍ ମିଳୁଛି। 9348444368.** D-69180

**Plot for immediate sale 2400sqft. corner BDA plot at SUM Hospital & 2200sqft. plot at Rasulgarh (200 meters from NH), Bhubaneswar, buyers contact Deepak- 9937329999** D-69924

4/5 BHK Duplex with Gated Community at Balianta. Construction- 2200 @ 65lakhs/ 2600 @ 75lakhs. MPlanets: 9938219397/ 9861022055 D-18555

**Earthquake proof 2BHK flat in Apartment Avantika near Gokul Residency on Rasulgarh GGP Pandra Road for immediate sale with Puja discount. Contact: 9437396718, 8763935874 during office hour.** D-69925




1200sqft. semi furnished Office space for rent at Goutam Nagar, Bhubaneswar. Contact: 9776117523, 9337117523. D-67572

Cold storage 15x12x10 near Rasulgarh, Bhubaneswar. 7377773777, 7377774777 D-18547

**2Bedroom, 2toilets, dining, drawing, kitchen, puja, ground floor, Garage Chawk, Bhubaneswar. Family holder, Rent- 8500/- per month. Mobile: 9937347649.** D-69450

Godam 3800sqft. ground floor, Behera Sahi, Nayapalli, Bhubaneswar. 8917525377 D-18548




Newly open SPA centre smart therapist full body massage: 8114970372. D-59968

Swarna SPA newly open positively health benefits with expert therapist. 7873794731. D-69776

Full ayurvedic body massage with refreshment expert therapist call: 7436826500. D-69774

Newly open SPA centre smart therapist full body massage: 7205187702. D-59966

Newly open full body massage SPA in Bhubaneswar. Contact: 7205058838. D-69779

Rejuvenate and Ayurvedic full body massage by smart therapist. 9348123330. D-69780

Herbal full body massage by smart / expert therapist. Contact: 8338067247. D-69775

Newly open SPA centre smart therapist full body massage: 7846814019. D-59967

Get refreshment body massage by expert therapist contact for 7205084157. D-69777

Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69778




Network Marketingରେ 1200/- invest କରି daily 20/- ପାଇବାକୁ ଚାହୁଁଥିଲେ- 9439493164 D-69184

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଯୁବକଙ୍କ ମୃତଦେହ ଉଦ୍ଧାର

ଲୋଇସିଂହା (ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ଆଗଲପୁର ବ୍ଲକ ପାଣ୍ଡେସରା ଗାଁ ପୋଖରୀ ନିକଟସ୍ଥ ଡୁଙ୍ଗରୀଠାରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ଲୋଇସିଂହା ପୋଲିସ ଶୁକ୍ରବାର ଉଦ୍ଧାର କରିଛି। ମୃତ ଯୁବକ ଜଣକ ହେଲେ ଅମରାମୁଣ୍ଡା ଗାଁର ସହଦେବ ସାହୁ (୧୯)। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏକ ଅପମୃତ୍ୟୁ ମାମଲା (ନଂ.୨୧/୨୦) ରୁଜୁ ହୋଇଛି। ଗୁରୁବାର ପୂର୍ବାହ୍ନରୁ କୁଆଡେ ଯାଇଥିଲେ। ସନ୍ଧ୍ୟାସୁଦ୍ଧା ଘରକୁ ନ ଫେରିବାରୁ ତାଙ୍କୁ ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ଶୁକ୍ରବାର ସକାଳେ ପାଣ୍ଡେସରା ଗାଁ ଲୋକେ ପୋଖରୀ ନିକଟସ୍ଥ ଡୁଙ୍ଗରୀକୁ ଶୌଚ ଯାଇଥିବାବେଳେ ମୃତଦେହ ଝୁଲୁଥିବା ଦେଖିଥିଲେ।

**ସଂକ୍ଷେପରେ**

## ଥଇଥାନ ରାଶି ନ ପାଇ ଯୁବକଙ୍କ ଆତ୍ମହତ୍ୟା

**ନୂଆପଡା ଅଫିସ/କୋମନା,୯।୧୦:** ନୂଆପଡ଼ା କୋମନା ଥାନା ଅନ୍ତର୍ଗତ ଡୁମେରବାହାଲ ଗାଁର କେଦାର ନିଆଲ (୨୮) ନାମକ ଜଣେ ବିସ୍ଥାପିତ ତାଙ୍କର ଥଇଥାନ ସହାୟତା ରାଶି ନ ପାଇ ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ପରିବାର ଲୋକେ ମୃତଦେହକୁ ୩୫୩ନଂ. ଜାତୀୟ ରାଜପଥ ଉପରେ ରଖି ଅବରୋଧ କରିଥଲେ। ଶୁକ୍ରବାର ମଧ୍ୟାହ୍ନରେ କେଦାର ସ୍ଥାନୀୟ ହାଇସ୍କୁଲ ପରିସରରେ ଥିବା ଏକ ତେନ୍ତୁଳି ଗଛରେ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିଲେ। ତାଙ୍କ ଜମିବାଡି ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପରେ ଯାଇଥିବାରୁ ସେ ଥଇଥାନ ଓ ପୁନର୍ବାସ ସକାଶେ ସେ ୧୮ଲକ୍ଷ ଟଙ୍କା ପାଇବା କଥା। ହେଲେ ଆଜିଯାଏଁ ପାଇ ନ ଥିବାରୁ ନିରାଶ ହୋଇ ଆତ୍ମହତ୍ୟା କରିଥିବା ପରିବାର ଲୋକ କହିଛନ୍ତି। ସପ୍ତାହକ ମଧରେ ଥଇଥାନ ରାଶି ପ୍ରଦାନ କରାଯିବ ବୋଲି କହିବା ପରେ ମୃତଦେହ ଉଠିଛି।

# ପୌର ପରିଷଦ ନିଷ୍ପତ୍ତିକୁ ବ୍ୟବସାୟୀ ସଂଘର ବିରୋଧ

## କରୋନା ସମୟରେ ୪ ବର୍ଷର ବାଣିଜ୍ୟ କର ଆଦାୟ

**ସୋନପୁର,୯।୧୦(ନି.ପ୍ର.)**



ସୁବର୍ଣ୍ଣପୁର ଜିଲା ବ୍ୟବସାୟୀ ସଂଘର କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି ।

କରୋନା ମହାମାରୀ ସମୟରେ ବ୍ୟବସାୟୀମାନେ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି । ସେମାନଙ୍କ ଆର୍ଥିକ ସ୍ଥିତି ଠିକ୍ ନାହିଁ । ଏପରି ସ୍ଥଳେ ସୁବର୍ଣ୍ଣପୁର ସହରରେ ଥିବା ସମସ୍ତ ଛୋଟ ବଡ ବ୍ୟବସାୟୀଙ୍କ ଠାରୁ ପୌର ପରିଷଦ ୨୦୧୭ରୁ ପିଛିଲା ଭାବେ ୪ ବର୍ଷର ବାଣିଜ୍ୟ କର(ଟ୍ରେଡ ଲାଇସେନ୍ସ ଫି) ଆଦାୟ କରୁଛି । ଏଭଳି କର ଆଦାୟ ବେଆଇନ ବୋଲି ଜିଲା ବ୍ୟବସାୟୀ ସଂଘ ଅଭିଯୋଗ କରିଛି ।

ଶୁକ୍ରବାର ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ପୌର କର୍ତ୍ତୃପକ୍ଷଙ୍କ କାର୍ଯ୍ୟକୁ ତୀବ୍ର ବିରୋଧ କରାଯାଇଛି । ସଂଘର ସଭାପତି ଧୀରେନ୍ଦ୍ର କୁମାର ପଟ୍ଟନାୟକ କହିଛନ୍ତି ଯେ, ପୂର୍ବରୁ ମ୍ୟୁନିସିପାଲ ଆଇନ ୨୯୦ ଧାରାକୁ ନେଇ ବ୍ୟବସାୟୀମାନଙ୍କୁ ଟ୍ରେଡ୍ ଲାଇସେନ୍ସ ଆବେଦନ ପାଇଁ ଚିଠି ହୋଇଥିଲା । ୨୯୦ ଧାରା ଅନୁଯାୟୀ ଯେଉଁମାନେ ରାସାୟନିକ ପଦାର୍ଥ କିମ୍ବା ଆପତ୍ତିଜନକ ସାମଗ୍ରୀ ବିକ୍ରି କରିବେ ସେମାନେ ହିଁ ବାଣିଜ୍ୟ କର ଦେବେ । ତେଣୁ ବ୍ୟବସାୟୀମାନେ ଏ ସମ୍ପର୍କରେ ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ସେତେବେଳେ ବାଣିଜ୍ୟ କର ଆଦାୟ ସ୍ଥଗିତ ରହିଥିଲା । ପରବର୍ତ୍ତୀ ସମୟରେ ଓଡିଶା ସରକାର ଅଧ୍ୟାଦେଶ ୨୬।୮।୨୦୨୦ ଅନୁସାରେ ୨୯୦ ଧାରାକୁ ସଂଶୋଧନ କରି ପୌର ପରିଷଦ ଅଞ୍ଚଳରେ ବ୍ୟବସାୟ କରୁଥିବା ସମସ୍ତ ବ୍ୟବସାୟୀଙ୍କ ପାଇଁ ଏହା ଲାଗୁ କରିଛନ୍ତି। ତେବେ ପୌର କର୍ତ୍ତୃପକ୍ଷ ୨୦୧୭ରୁ ପିଛିଲା ଭାବେ ଏହି ଆଇନ ଲାଗୁ ହେଲା କହି ବିଗତ ୪ ବର୍ଷର ଫି ବ୍ୟବସାୟୀଙ୍କ ପ୍ରତିବାଦ ସତ୍ତ୍ୱେ ଆଦାୟ କରୁଛନ୍ତି । ଏହା ଓଡିଶା ଗେଜେଟେଡ ନୋଟିଫିକେସନର ବିରୁଦ୍ଧାଚରଣ କରୁଥିବାରୁ ଜିଲା ବ୍ୟବସାୟୀ ସଂଘର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାମାନେ ମ୍ୟୁନିସିପାଲିଟି ଇଓଙ୍କ ସହିତ ଆଲୋଚନା କରିଥିଲେ । ଗତ ୩ ବର୍ଷର ବାଣିଜ୍ୟ କର ସଂଗ୍ରହ ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ । କିନ୍ତୁ ମ୍ୟୁନିସିପାଲିଟି ଷ୍ଟଲ ଭଡା ନେଇ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ଷ୍ଟଲ ଲାଇସେନ୍ସ ରଦ୍ଦ କରିବାର ଧମକ ଦେଇ ବାଣିଜ୍ୟ କର ଆଦାୟ କରାଯାଉଛି। ବ୍ୟବସାୟୀଙ୍କ ଠାରୁ ବାର୍ଷିକ ୫ଶହ ଟଙ୍କାରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ କର ଆଦାୟ ହେଉଛି । ଏହା ଛୋଟ ବଡ ବ୍ୟବସାୟୀଙ୍କୁ ଜୀବିକା ହରାଇବା ପାଇଁ ବାଧ କରିବ ବୋଲି ସଂଘର ସମ୍ପାଦକ ଗୁଣନିଧି ମେହେର କହିଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଜିଲାପାଳ ତଥା ମ୍ୟୁନିସିପାଲିଟିର ପ୍ରଶାସନିକ ଅଧିକାରୀ ମୋନିଷା ବାନାର୍ଜୀଙ୍କ ଦୃଷ୍ଟି ଆକର୍ଷଣ କରା ଯାଇଥିବା ସଂଘ ପକ୍ଷରୁ କୁହାଯାଇଛି । ମ୍ୟୁନିସିପାଲିଟି ଏଥିରୁ କ୍ଷାନ୍ତ ନ ହେଲେ ବ୍ୟବସାୟୀ ସଂଘ ଆଇନର ଆଶ୍ରୟ ନେବ ବୋଲି ଚେତାବନୀ ଦେଇଛି। ଏହି ସମ୍ମିଳନୀରେ ସଂଘର କୋଷାଧ୍ୟକ୍ଷ ନନ୍ଦକିଶୋର କମାଣି, ସହକାରୀ ଯୁଗ୍ମ ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ, ସତ୍ୟନାରାୟଣ ରାଓ, ସଞ୍ଜୀବ ଅଗ୍ରୱାଲା ଓ ଆନନ୍ଦ କୁମାର ଭୁତ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟପକ୍ଷେ ସରକାରଙ୍କ ଆଦେଶ କ୍ରମେ ବ୍ୟବସାୟୀଙ୍କ ଠାରୁ ବିଣିଜ୍ୟ କର ଆଦାୟ କରାଯାଉଥିବା ମ୍ୟୁନିସିପାଲିଟି ଇଓ ସୂର୍ଯ୍ୟାଂଶୁ ରୁଟ୍ କହିଛନ୍ତି।

## ହାଥ୍‌ରସ ଘଟଣାର ପ୍ରତିବାଦ

**ଭବାନୀପାଟଣା, ୯।୧୦ (ଡି.ଏନ.ଏ.)**

ଉତ୍ତରପ୍ରଦେଶର ହାଥରସ୍‌ଠାରେ ଘଟିଥିବା ଗଣ ବଳାତ୍କାର ଓ ହତ୍ୟା ଘଟଣାର ପ୍ରତିବାଦରେ ବହୁଜନ କ୍ରାନ୍ତି ମୋର୍ଚ୍ଚା ପକ୍ଷରୁ ଭବାନୀପାଟଣା ସହରସ୍ଥିତ କଳାହାଣ୍ଡି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଋଷିସୁଦନ ଛତ୍ରପାଳଙ୍କ ନେତୃତ୍ୱରେ ଧାରଣାରେ ଅନ୍ୟମାନେ ସାମିଲ ହୋଇଥିଲେ।

## ପୂର୍ବତନ ବ୍ଲକ୍ ଅଧ୍ୟକ୍ଷଙ୍କ ପରଲୋକ

**କଣ୍ଟାବାଞ୍ଜି,୯।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଅଲେଖ ସାହୁଙ୍କ ୮୬ ବର୍ଷ ବୟସରେ ଗୁରୁବାର ରାତିରେ ପରଲୋକ ଘଟିଛି। ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ଘର ଲୋକେ ତୁରେକେଲା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଣ୍ଟାବାଞ୍ଜି ଡାକ୍ତରଖାନା ନେଇଥିଲେ। ସେଠାରୁ ପାଟଣାଗଡ ଡାକ୍ତରଖାନାକୁ ନେବା ବାଟରେ ତାଙ୍କର ପରଲୋକ ଘଟିଛି। ଶୁକ୍ରବାର ଜନ୍ମମାଟି ମହୁଲପାଟି ଶ୍ମଶାନରେ ଦାହ କରାଯାଇଛି।

Recruitment for the Post of LIC Agent as an Insurance Advisor.
Join India's No.1 - LIC of India
Sushree Sangeeta Nayak (DO LIC)
Contact: 9337286709, 7653067426

BANK JOB
Odisha ରେ ଥିବା Private ଓ Govt. Bank ରେ peon ଏବଂ Back Office (Contractual) ପଦର ନିଯୁକ୍ତି ପାଇଁ 10th / +2 / +3 pass Candidate ଆବଶ୍ୟକ ।
Salary : 8000/- To 14000/-
9178912298, 8895725158

CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Ltd.)
Gondwana Place, Kanke Road, Ranchi-834031, Jharkhand, India
NOTICE
"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in/ respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in. In addition, procurement is also done through GeM portal https://gem.gov.in."

## ପ୍ୟାକ୍ସ ସମ୍ପାଦକଙ୍କ ବିରୋଧରେ ଥାନାରେ ଅଭିଯୋଗ

**ଗୁଡଭେଲା,୯।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ୍ ଚିଁଚେଡ ଗ୍ରାମର କନ୍ଧେନ ବୁଢ଼ି ମହିଳା ସ୍ୱୟଂ ସହାୟକ ଦଳର ଅଜାଣତରେ ତୁଷୁରା ପ୍ୟାକ୍ସ ସଂପାଦକ କାର୍ତ୍ତିକ ମଲ୍ଲିକ ଜାଲ୍ ଦସ୍ତଖତ କରି ବ୍ୟାଙ୍କରୁ ୨ଲକ୍ଷ ୯ ହଜାର ୯୭ ଟଙ୍କା ହଡପ କରିଛନ୍ତି। ଉକ୍ତ ସଂଘର ସଭାନେତ୍ରୀ କୁମାରୀ ଜାନୀ ଶୁକ୍ରବାର ତୁଷୁରା ଥାନାରେ ଏହି ଅଭିଯୋଗ କରିଛନ୍ତି। ୨୦୦୮ରେ ସଂଘ ୩ଲକ୍ଷ ୪୨ ହଜାର ଟଙ୍କା ଛେଳି ଚାଷ ପାଇଁ ଋଣ କରିଥିଲା। ସେଥିରୁ ଗୁହାଳ ତିଆରି କରିବା ପାଇଁ ୭୮ ହଜାର ଟଙ୍କା ଓ ଛେଳି କିଣିବା ପାଇଁ ୧ ଲକ୍ଷ ଟଙ୍କା ତୁଷୁରା ସମବାୟ ବ୍ୟାଙ୍କରୁ ଉଠିଥିଲା। ବାକି ୧ ଲକ୍ଷ ୬୨ ହଜାର ଟଙ୍କା ବ୍ୟାଙ୍କ ଜମା ଖାତାରେ ରହିଥିଲା । କିଛି ଦିନ ପରେ ମଲ୍ଲିକ ସଭା ଖାତା ଓ କେସିସି କାର୍ଡରେ କିଛି ତ୍ରୁଟି ଥିବା କହି ତାହା ନେଇ ଯାଇଥିଲେ। ପରେ ତାହା ମାଗିବାରୁ ସେ ଫେରାଇ ନ ଥିଲେ। ଏଣୁ ସନ୍ଦେହ ହୋଇଥିଲା। ଜୁଲାଇ ୭ରେ ତୁଷୁରା ସମବାୟ ବ୍ୟାଙ୍କକୁ ଯିବା ପରେ ବ୍ୟାଙ୍କ ଖାତାରେ ଟଙ୍କା ନ ଥିବାରୁ ଘଟଣା ଜଣାପଡିଲା। ତେବେ ଏପରି ହୋଇ ନ ଥିବା ମଲ୍ଲିକ ସଫେଇ ଦେଇଛନ୍ତି।

କୋଡ଼ିଏ ଜଣ ଅଣକୁଶଳୀ ଶ୍ରମିକ ଆବଶ୍ୟକ ।
ତାମିଲନାଡୁସ୍ଥିତ ଏକ ଅଗ୍ରଣୀ କାରଖାନା ପାଇଁ। ଦରମା + ରହିବା ସୁବିଧା + ପିଏଫ୍ ଓ ଇଏସ୍‌ଆଇ ଏବଂ 16.10.2020ଠାରୁ ରିହାତିଯୁକ୍ତ ଭୋଜନ । କେବଳ ଖାଣ୍ଟି ଏଜେଣ୍ଟମାନେ ଯୋଗାଯୋଗ କରନ୍ତୁ ଡକ୍ଟର ଫ୍ରାନ୍‌ସିସ୍ ଜାଭିୟର 9500077924/9790915809 କିମ୍ବା ନିଜର ସର୍ତ୍ତାବଳୀ ଇମେଲ୍ କରନ୍ତୁ info@i2iventiures.com ରେ।

SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH
DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)
(MINISTRY OF SOCIAL JUSTICE & EMPOWERMENT, GOVERNMENT OF INDIA)
OLATPUR, PO: BAIROI, DIST.- CUTTACK, ODISHA
Ref.No.: AD 6B 32/06/2020 Date:07.10.2020
RECRUITMENT NOTICE
Applications are invited from the eligible candidates for the following posts for CRC, Ranchi, Jharkhand as under:

| Sl. No. | Name of the post | No. of post | Age | Consolidated Salary per month (Rs.) |
|---|---|---|---|---|
| 1 | Assistant Professor (PMR) (Consultant) | 1 | 45 | 60,000 |
| 2 | Assistant Professor (Speech & Hearing) (Consultant) | 1 | 45 | 55,000 |
| 3 | Assistant Professor (Clinical Psychology) (Consultant) | 1 | 45 | 55,000 |
| 4 | Lecturer (Occupational Therapy) (Consultant) | 1 | 35 | 50,000 |
| 5 | Accountant (Consultant) | 1 | 35 | 35,000 |
| 6 | Special Education/Orientation & Mobility Instructor (Consultant) | 2 | 35 | 35,000 |
| 7 | Vocational Instructor (Consultant) | 1 | 30 | 35,000 |
| 8 | Clinical Assistant (Consultant) | 2 | 30 | 32,000 |

Last date for receipt of completed applications is 06.11.2020. Late received applications and applications received in other format will be summarily rejected. For all other details, terms and conditions, please log on to website www.svnirtar.nic.in.
Sd./- Director

VACANCY
A Leading Food Manufacturing Company require male & female candidate for all over Odisha for expending his branches in every district.
Sales Manager : Qualification (Graduate), Marketing Manager : Qualification (Graduate), Sales Representative : 10th Above, Veterinary Doctor : BVS.
Salary upto 12,000/- to 50,000/-
All candidates are submitted his/her bio-data with 2 recent passport size photo & documents sent by under sign address on before20th October 2020 via speed post below mention address. Age Limit : (18 to 50) yrs.
VALEO DILIGENTIA PVT LTD.
Address - IT Colony, Rajgangpur, Near OCL,Sundarggarh, Odisha - 770017,
Call Us : 7205635009, 7008894327, Email : mail2valeodiligentia@gmail.com

## ବୀମା ରାଶି ପ୍ରଦାନ ଦାବିରେ ଚାଷୀଙ୍କ ଧାରଣା

**ଦେଓଗାଁ,୯।୧୦(ଡି.ଏନ.ଏ.)**


କୃଷିବୀମା ରାଶି ମିଳିବାରେ ବିଳମ୍ବ ପ୍ରତିବାଦରେ ଚାଷୀ ଦେଓଗାଁ ତହସିଲର ସେକ୍ସନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ବଲାଙ୍ଗୀର ଜିଲା ଦେଓଗାଁ ତହସିଲ ଅନ୍ତର୍ଗତ ପ୍ରାୟ ସମସ୍ତ ଗାଁରେ ଗତ ଖରିଫ ଋତୁରେ ଭୟାବହ ମରୁଡି ଦେଖାଦେଇଥିଲା। କ୍ରପ୍ କଟିଂ ରିପୋର୍ଟ ପ୍ରଦାନ ପରେ ସରକାରଙ୍କ ତରଫରୁ ମରୁଡି ଘୋଷଣା ହୋଇଥିଲା। ହେଲେ ବୀମାଟଙ୍କା ପ୍ରଦାନ ନ କରାଯିବାରୁ ଶୁକ୍ରବାର ଉପରଝର ଓ ମକୁନ୍ଦପୁର ପଞ୍ଚାୟତର ଚାଷୀ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିଲେ। ତହସିଲଦାର ଅନୁପସ୍ଥିତ ଥିବାରୁ ସେକ୍ସନ ଅଧିକାରୀ ରମାକାନ୍ତ କୁଅଁରଙ୍କୁ ଏ ନେଇ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ। ଗତ ଖରିଫ ସମୟରେ ସମଗ୍ର ବ୍ଲକରେ ସ୍ୱଳ୍ପ ବୃଷ୍ଟିପାତ ହେବାସହ ଅଦିନିଆ ବର୍ଷା ଯୋଗୁ ବ୍ୟାପକ ଫସଲ ନଷ୍ଟ ହୋଇଥିଲା। ଚାଷୀ କ୍ଷତିର ସମ୍ମୁଖୀନ ହୋଇଥିଲେ। ତେବେ ଉପରଝର ଓ ମୁକୁନ୍ଦପୁର ପଞ୍ଚାୟତରେ ସର୍ବାଧିକ କ୍ଷତି ହୋଇଥିବା ବେଳେ ଚାଷୀଙ୍କ ବାରମ୍ବାର ଦାବି ପରେ ବିଭାଗୀୟ ଅଧିକାରୀମାନେ କ୍ରପ୍ କଟିଂ କରି ରିପୋର୍ଟ ଦାଖଲ କରିଥିଲେ। ଏଥିସହ ବୀମାରାଶି ମିଳିବାର ମଧ୍ୟ ଆଶ୍ୱାସନା ଦେଇଥିଲେ। ପରେ ସରକାର ମଧ୍ୟ ମରୁଡି ଘୋଷଣା କରିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ଅନ୍ୟ ତହସିଲରେ ଚାଷୀମାନେ ବୀମାଟଙ୍କା ପାଇଥିଲେ ବି ଦେଓଗାଁ ତହସିଲ ଅଞ୍ଚଳରେ ବୀମାରାଶି ପ୍ରଦାନରେ ବିଳମ୍ବ କାହିଁକି ବୋଲି ଚାଷୀ ପ୍ରଶ୍ନ ଉଠାଇଛନ୍ତି। ୭ ଦିନ ମଧ୍ୟରେ ବୀମାଟଙ୍କା ପ୍ରଦାନ କରା ନ ଗଲେ ସମସ୍ତ ଚାଷୀ ରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ। ଚାଷୀ ଶମ୍ଭୁ ଭୂଷଣ ସାହୁ, ଶେଖର ନାଏକ, ଶଶି ଭୂଷଣ ସାହୁ, ଅଶୋକ ସାହୁ, ନାରାୟଣ ସାହୁ, ଶାନ୍ତନୁ ପଟେଲ, ଶୁଭ୍ରାଂଶୁ ଶେଖର ନାଏକ, ରାଜ କିଶୋର ନାଏକ, ରାଜେନ୍ଦ୍ର ବିଶ୍ୱାଳ ପ୍ରମୁଖ ଏହି ଚେତାବନୀ ଦେଇଛନ୍ତି।

Radhakrishna Institute of Technology & Engineering (RITE)Bhubaneswar
(AICTE approved, NAAC accredited, BPUT affiliated)
Ref. No.:RITE/HR/2020-21
RECRUITMENT OF FACULTY POSITIONS
RITE Bhubaneswar is a premier institute offering full time B.Tech. and MBA programs. RITE Bhubaneswar invites applications from eligible & experienced candidates for following positions:
Department of Management Studies (MBA)
Professor /Associate Professors /Asst. Professors
Departments of Engineering (B.Tech)
Asst. Professors (Mathematics) / Asst. Professors (Physics)
Asst. Professors (Electronics)
Salary: As per AICTE norms/ Industry Standards.
For further details and to download Application form, please visit to CAREERS on our website: www.riteindia.edu.in
The last date of submission of duly filled applications is 25.10.2020.
The authority reserves the right to reject any or all applications without assigning any reason.
PRINCIPAL
RITE Bhubaneswar, IDCO Plot-1, IDCO Industrial Estate, Barunei, Bhubaneswar – 752 057, India, Phone: 918895199998
· Email: riteodisha@gmail.com· Web :www.riteindia.edu.in

SUIIT
SAMBALPUR UNIVERSITY
Institute of Information Technology
ADMISSION : 2020-21
Advt. No. 539/SUIIT Dt.09/10/2020
SUIIT offers the following programmes for the session 2020-21 in self-sustaining mode:
M. Sc. (2 years):
- Computer Science
- Electronics
M. C. A. (2 years):
- 50% seats on the basis of OJEE, 2020 rank
- 50% seats through own entrance
M. Tech (2 years):
- Computer Science & Engg.
- Communication System Engg.
- Embedded Systems Design
B. Tech (Regular & Lateral Entry):
- Computer Science & Engg. (CSE)
- Electronics & Comm. Engg. (ECE)
- Electrical & Electronics Engg. (EEE)
All B. Tech admissions exclusively through OJEE Counselling-2020
FOR INFORMATION BROCHURE AND FOR APPLYING PG COURSES
Visit : www.suiit.ac.in
IMPORTANT DATES
Information Brochure and Application Form Available online: 26th September, 2020
Last date for applying online : 15th October, 2020
Online Entrance on 20th & 21st October, 2020
CONTACT NUMBERS
Dr S. Jena- 8247679467(CSE), Dr. N.K. Barpanda- 9438074077 (M. Sc. Electronics)
Ms. S. Kar- 9439657668 (ECE), Dr. A. Panda- 7381111459 (EEE)
Email: admin.office@suiit.ac.in
Sd/- Director, SUIIT

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା

**ଲାଠୋର,୯।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଅଧୀନ କରୁଆଁଝର ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜରିଆରେ ହେଉଥିବା କାର୍ଯ୍ୟରେ ପଞ୍ଚାୟତ କର୍ତ୍ତପକ୍ଷ ଅନିୟମିତତା କରିଥିବା ଅଭିଯୋଗ ହୋଇଛି। ସମିତିସଭ୍ୟା ସାତ ଭୋଇ, ୱାର୍ଡମେମ୍ବର ଗୌରୀ ଛତ୍ରିଆଙ୍କ ସହ ଚାଉଲଡିଆ, ମସିଣା ଏବଂ ସାନଗୁର୍ଜିଭଟା ଗ୍ରାମର କିଛି ଲୋକଙ୍କ ଦସ୍ତଖତ ଥିବା ଅଭିଯୋଗପତ୍ରକୁ ଓଡିଶା ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗକୁ ଡାକ ମାଧ୍ୟମରେ ପଠାଯାଇଛି। ଏହାସହ ସାନଗୁର୍ଜିଭଟା ଗ୍ରାମର କାମାକ୍ଷା ପ୍ରସାଦ ସିଂ ଭୋଇ, ଘନଶ୍ୟାମ ସରାପ, ରୁକ୍ଷ ଧରୁଆ ଓ ଜଗ ନାଗ ବଲାଙ୍ଗର ଜିଲାପାଳ, ପିଡି ଡିଆରଡିଏ, ପାଟଣାଗଡ ଉପ ଜିଲାପାଳ ଏବଂ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି। ଅଭିଯୋଗ ପତ୍ର ଅନୁଯାୟୀ ୨୦୨୦-୨୧ ଆର୍ଥିକ ବର୍ଷରେ ସାନଗୁର୍ଜିଭଟା ପାଲିପଡାଠାରେ ନିର୍ମାଣ ମଡେଲ ଟ୍ୟାଙ୍କରେ ଅର୍ଥ ହେରଫେର କରାଯାଇଛି। ସେହିପରି ଚାଉଲଡିଆ ଗ୍ରାମ ଖେଳ ପଡିଆ ନବୀକରଣ ନାଁରେ ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଛି। କରୁଆଁଝର ଗ୍ରାମର ସରକାରୀ ଚାକରିଆଙ୍କୁ ଜମି ଉନ୍ନତି କରଣ ପାଇଁ ଟଙ୍କା ମଞ୍ଜୁର କରାଯାଇଛି। ୨୦୧୭-୧୮ ଆର୍ଥିକ ବର୍ଷରେ ଯେଉଁ ବ୍ୟକ୍ତି ଜମି ମରାମତି ପାଇଁ ଟଙ୍କା ପାଇଛନ୍ତି ପୁନର୍ବାର ତାଙ୍କୁ ୨୦୨୦-୨୧ ଆର୍ଥିକ ବର୍ଷରେ ପୁଣି ଜମି ମରାମତି ପାଇଁ ଟଙ୍କା ଦିଆଯାଇଛି। ସରପଞ୍ଚ ବିଜୟଲକ୍ଷ୍ମୀ ବାଗ କହିଛନ୍ତି ଯେ, ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟ ହୋଇଛି। ଯେଉଁ ଶ୍ରମିକମାନେ କାର୍ଯ୍ୟ କରିଛନ୍ତି ସେମାନଙ୍କୁ ପ୍ରାପ୍ୟ ଦିଆ ଯାଇଛି। ଏଥିରେ କୌଣସି ତ୍ରୁଟି ହୋଇନାହିଁ। ଯେଉଁମାନେ ଅଭିଯୋଗ କରିଛନ୍ତି ତାହା ଭିତ୍ତିହୀନ।

D.D.C.E., UTKAL UNIVERSITY
BHUBANESWAR-751007
NAAC Accrediated A+
Advt3
NOTICE FOR STUDENTS OF DDCE, UTKAL UNIVERSITY APPEARING FINAL EXAMINATION,2020 (R & B) OF MA / M.COM / MSW / MBA / IMBA / BBA & ALL P.G. DIPLOMA Mgt. COURSES
- The Final Semester Online examination of the above courses will commence from 14.10.2020 onwards.
- A mock online test in this regard will be conducted on 11.10.2020 from 11A.M. to 11 P.M.
- All are requested to visit the website www.ddceutkal.ac.in for detail time table and instructions.
DIRECTOR

## ଲୁଟ୍ ଅଭିଯୋଗରେ ୫ଗିରଫ

**ଦେଓଗାଁ,୯।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅଧୀନ ପଦମପୁର ଓ ମହମ୍ମଦପୁର ମଝିରେ ଥିବା ନିଛାଟିଆ ସ୍ଥାନରେ ଜଣେ ମାଇକ୍ରୋ ଫାଇନାନ୍ସ କର୍ମଚାରୀଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍ ଘଟଣାର ଦେଓଗାଁ ପୋଲିସ ପର୍ଦ୍ଦାଫାଶ କରିଛି । ଏହି ଘଟଣାରେ ସମ୍ପୃକ୍ତ ୬ ଜଣଙ୍କ ମଧ୍ୟରୁ ୫ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଓ ଥାନାଧିକାରୀ ରଞ୍ଜନ ବରିହା ଖବରଦାତା ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ସଇଁତଳା ଥାନା ଗଣ୍ଡପତ୍ରାପାଲିର ରାମଲାଲ ସୁନାନୀ(୪୨), ପବିତ୍ର ଓରଫ ଟୁକୁ ଜାଲ(୨୫), ସୁବଳ ବାଗ(୨୪), ପଦମପୁର ଗାଁର ବନମାଳୀ ପୋଢ଼(୨୩) ଓ ଅଲେଖ ପୋଢ଼(୨୫)। ଏମାନଙ୍କଠୁ ପୋଲିସ ଲୁଟ୍ ହୋଇଥିବା ମୋବାଇଲ ସମେତ ୪ଟି ମୋବାଇଲ ଓ ଘଟଣାରେ ବ୍ୟବହୃତ ମୋଟର ସାଇକେଲ (ନଂ. ଓଡି୦୩ଏନ-୩୫୯୫ ଓ ଓଆର୦୩ଏଫ-୯୭୨୭)କୁ ଜବତ କରିଛି। ତେବେ ଲୁଟ୍ ହୋଇଥିବା ଟଙ୍କା ଓ ଡିଏଲ, ଆରସି ବହି, ଏଟିଏମ୍ କାର୍ଡ ଆଦି ଜବତ ହୋଇପାରିନାହିଁ। ଘଟଣାରେ ସଂପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ମଧ୍ୟ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

ପ୍ରକାଶ ଯେ, ଗତ ଜୁଲାଇ ମାସ ୧୩ ତାରିଖରେ ବଲାଙ୍ଗୀରସ୍ଥିତ ଅନ୍ନପୂର୍ଣ୍ଣା ମାଇକ୍ରୋ ଫାଇନାନ୍ସ କମ୍ପାନୀର ଫିଲ୍ଡ ଅଧିକାରୀ ବିଜୟ କୁମାର ବାରିକ(୨୬) ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ପଦମପୁର ଗାଁକୁ କିସ୍ତି ଟଙ୍କା ଆଦାୟ ପାଇଁ ଆସି ଫେରୁଥିଲେ। ପୂର୍ବ ଯୋଜନା ମୁତାବକ ଉକ୍ତ ଗାଁର ଅଲେଖ ଓ ବନମାଳୀ ଗଣ୍ଡପତ୍ରାପାଲି ଗାଁର ୪ ଜଣ ଯୁବକଙ୍କୁ ଡକାଇ ପଦମପୁର ଓ ମହମ୍ମଦପୁର ଗାଁ ମଝିରେ ଥିବା ନିଛାଟିଆ ସ୍ଥାନରେ ଅଟକାଇ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଆଦାୟ ହୋଇଥିବା ୩୦ ହଜାର ୨୩୦ ଟଙ୍କା ସମେତ ମନିପର୍ସରେ ଥିବା ୩ହଜାର ୭ଶହ ଟଙ୍କା ଓ ମୋବାଇଲ ଫୋନ ଇତ୍ୟାଦି ଲୁଟି ନେଇ ଚମ୍ପଟ ମାରିଥିଲେ। ବିଜୟଙ୍କ ଅଭିଯୋଗକୁ ଆଧାର କରି ଦେଓଗାଁ ଥାନାରେ ମାମଲା (ନଂ ୧୭୦/୨୦) ରୁଜୁ କରି ପୋଲିସ ଛାନଭିନ ଚଳାଇଥିଲା।

ସମ୍ବଲପୁରୀ ବସ୍ତ୍ରାଳୟ

ପବିତ୍ର ଦଶହରା ଓ କୁମାର ପୂର୍ଣ୍ଣିମା ଉପଲକ୍ଷେ
ସରକାରୀ ରିହାତି
10% + 20%
ଅବଧି
ତା୦୭।୧୦।୨୦୨୦ରୁ ତା୩୧।୧୦।୨୦୨୦ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ଼୍‌ଶିଟ୍, ସୁଟ ସେଟ୍ ଇତ୍ୟାଦି
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ରାଜ୍ୟ ଭିତରେ ଥିବା ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।

S.C.S. COLLEGE (AUTONOMOUS), PURI
ADMISSION NOTICE : 2020-21
CAD-553: Applications are invited for admission into the following Self-Financing Courses offered under Utkal University for the session 2020-21 (PPP). The Admission in to 2 Yr. MBA Course shall be made through Odisha JEE-2020.

| Course | Annual Fee | Eligibility |
|---|---|---|
| 3 Yr. BBA Bachelor of Business Administration | ₹ 15,000/- | Minimum 40% in +2 or equivalent in any stream |
| MBA Master of Business Administration | ₹ 45,000/- | ODISHA JEE 2020 |

Scholarship: Available for eligible SC, ST, OBC & Minority Category
The Application Form for BBA can be obtained from the college on all working days on payment of Rs.100/- and the form duly filled in all respect should reach the Principal on or before 12.10.2020
OIPR 11021/11/0001/2021
PRINCIPAL
7873692880, 9439616026, 9776242247, 8917663919

ଭଗବାନ ଆମର ଚୈତ୍ୟରେ ପ୍ରେମରୂପେ, ମନରେ ଜ୍ଞାନ ରୂପେ, ପ୍ରାଣରେ ଶକ୍ତିରୂପେ ଏବଂ ଶରୀରରେ ସୌନ୍ଦର୍ଯ୍ୟ ରୂପେ ପ୍ରକାଶିତ ହୁଅନ୍ତି। -ଶ୍ରୀମା

# ବଦଳି ଦୁଃଖ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସରକାରରେ ଜଣେ ଅଫିସରଙ୍କୁ ବାରମ୍ବାର ବଦଳି କରାଯିବା କିଛି ନୂଆ କଥା ନୁହେଁ। ପୂର୍ବେ ଏହା ଯେମିତି ହେଉଥିଲା ଏବେ ବି ସେହି ଧାରା ଚାଲୁରହିଛି। ଏଥିରେ କିଛି ବି ପରିବର୍ତ୍ତନ ଆସିନି। ନିକଟରେ ପିମ୍ପ୍ରି-ଚିଞ୍ଚୱାଡ (ମହାରାଷ୍ଟ୍ର) ପୋଲିସ କମିଶନର ସନ୍ଦୀପ ବିଷ୍ଣୋଇଙ୍କୁ ବଦଳି କରାଯାଇଛି। କିନ୍ତୁ ସେ ଏହି ବଦଳି ନିର୍ଦ୍ଦେଶକୁ ସେଣ୍ଟ୍ରାଲ ଆଡ୍‌ମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ(ସିଏଟି)ରେ ଚ୍ୟାଲେଞ୍ଜ କରିଛନ୍ତି। ପଦରେ ନିଯୁକ୍ତି ପାଇବାର ବର୍ଷେ ନ ପୂରୁଣୁ ତାଙ୍କୁ ପଦରୁ ବଦଳି କରାଯାଇ ତାଙ୍କ ଜାଗାରେ ୧୯୯୮ ବ୍ୟାଚ୍ ଆଇପିଏସ୍ ଅଫିସର କୃଷ୍ଣ ପ୍ରକାଶଙ୍କୁ ଅବସ୍ଥାପିତ କରାଯାଇଛି। ବିଷ୍ଣୋଇ କହିଛନ୍ତି ଯେ, ଉପଯୁକ୍ତ କାରଣ ନ ଥାଇ ଏଭଳି ହଠାତ୍ ବଦଳି କରାଯିବା ଆଇନ ବିରୁଦ୍ଧ, ଏହା ରଦ୍ଦ କରାଯିବା ଦରକାର। ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ଏକ ବଡଧରଣର ଅଦଳବଦଳରେ ୫୦ ଜଣ ଅଧିକାରୀଙ୍କ ମଧ୍ୟରେ ବିଷ୍ଣୋଇ ଓ ପ୍ରକାଶ ରହିଛନ୍ତି। ବ୍ୟବସାୟିକ ସହର ପିମ୍ପ୍ରି-ଚିଞ୍ଚୱାଡରେ କମିଶନରେଟ ଗଠିତ ହେବାର ଦୁଇବର୍ଷ ମଧ୍ୟରେ ତୃତୀୟ ପୋଲିସ କମିଶନର ଭାବେ ନିଯୁକ୍ତି ପାଇଛନ୍ତି ପ୍ରକାଶ। କ୍ରମବର୍ଦ୍ଧିଷ୍ଣୁ ଅପରାଧ ଓ ଗୁଣ୍ଡାଗିରି ଯୋଗୁ ସହରରେ ସୃଷ୍ଟି ଆଇନ ଶୃଙ୍ଖଳା ପରିସ୍ଥିତି ପୋଲିସ ଲାଗି ଚ୍ୟାଲେଞ୍ଜ ହେବାରୁ ପ୍ରକାଶଙ୍କୁ ନିଯୁକ୍ତି ଦିଆଯାଇଛି। ବିଷ୍ଣୋଇଙ୍କ ପୂର୍ବରୁ ବରିଷ୍ଠ ଆଇପିଏସ୍ ଅଫିସର ଆର.କେ.ପଦ୍ମନାଭମ ପିମ୍ପ୍ରି-ଚିଞ୍ଚୱାଡର ପୋଲିସ କମିଶନର ଥିଲେ। କାର୍ଯ୍ୟକାଳ ଦୁଇ ବର୍ଷ ପୂରଣ ହେବା ପୂର୍ବରୁ ତାଙ୍କୁ ବଦଳି କରାଯାଇଥିଲା।

### ଏମ୍‌ପିସିରେ ନୂଆ ସଦସ୍ୟ

ସେପ୍ଟେମ୍ବର ଶେଷ ସପ୍ତାହରେ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ( ଆର୍‌ବିଆଇ) ଏହାର ବହୁ ପ୍ରତୀକ୍ଷିତ ମୁଦ୍ରାନୀତି ସମୀକ୍ଷା ବୈଠକକୁ କୋରମ ଅଭାବରୁ ସ୍ଥଗିତ ରଖିଥିଲା। ୬ ଜଣିଆ ସଦସ୍ୟ ବିଶିଷ୍ଟ ମୁଦ୍ରା ନୀତି କମିଟି( ଏମ୍‌ପିସି)ରେ ସରକାରୀ ବାହାରେ ବିଭିନ୍ନ କ୍ଷେତ୍ରରେ ବିଶେଷ ଯୋଗଦାନ ରଖିଥିବା ୩ ଜଣ ସଦସ୍ୟଙ୍କୁ ମନୋନୀତ କରିବାରେ ବିଳମ୍ବ ଯୋଗୁ କମିଟି ବୈଠକ ହୋଇପାରି ନ ଥିଲା। ଏବେ ଆର୍‌ବିଆଇ ଅସୀମା ଗୋୟଲ, ଜୟନ୍ତ ଆର୍ ବର୍ମା ଏବଂ ଶଶାଙ୍କ ଭିଡେଙ୍କୁ ୪ ବର୍ଷ ପାଇଁ ସଦସ୍ୟ ଭାବେ ନିଯୁକ୍ତି ଦେଇଛି। ସୁଧ ହାର ମାନଦଣ୍ଡ ସ୍ଥିର କରିବା ପାଇଁ ଏମ୍‌ପିସି ନୈତିକ ଭାବେ ଉତ୍ତରଦାୟୀ। ଆର୍‌ବିଆଇ ନିୟମ ଅନୁସାରେ ବର୍ଷରେ ଏମ୍‌ପିସି ବୈଠକ ଅତିକମ୍‌ରେ ୪ ଥର ଅନୁଷ୍ଠିତ ହୁଏ ଏବଂ ପ୍ରତ୍ୟେକ ବୈଠକ ପରେ କମିଟି ଏହାର ନିଷ୍ପତ୍ତି ପ୍ରକାଶ କରିଥାଏ । କମିଟିର ୬ ଜଣ ସଦସ୍ୟଙ୍କ ମଧ୍ୟରୁ ଅତି କମ୍‌ରେ ୪ ଜଣ ଉପସ୍ଥିତ ରହିଲେ ବୈଠକ ହୋଇପାରିବ। ସରକାରଙ୍କ ଦ୍ୱାରା ମନୋନୀତ ୩ ଜଣ ସଦସ୍ୟ ଚେତନ ଘାଟେ, ପମି ଦୁଆ ଓ ରବୀନ୍ଦ୍ର ଢୋଲକିଆଙ୍କ କାର୍ଯ୍ୟକାଳ ଅଗଷ୍ଟରେ ଶେଷ ହେବା ପରେ ନୂଆ ମନୋନୀତ ସଦସ୍ୟଙ୍କ ନିଯୁକ୍ତିର ଆବଶ୍ୟକତା ରହିଥିଲା।

### ସୁଧାରରେ ମନ୍ଥରତା

ଭାରତୀୟ ରେଳବାଇର ବହୁ ପ୍ରତୀକ୍ଷିତ ପୁନର୍ବିନ୍ୟାସ ବା ସୁଧାର ଘୋଷଣା ହେଲା ପରେ ଏହାକୁ କାର୍ଯ୍ୟକାରୀ କରିବା ଲାଗି ତାହା ମାପିଚୁପି ଆଗଉଛି। କାର୍ଯ୍ୟାନ୍ୱୟନରେ ମନ୍ଥରତାକୁ ଲକ୍ଷ୍ୟ କରି କେତେକ ପର୍ଯ୍ୟବେକ୍ଷକ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ଯେତେବେଳେ କୋଭିଡ୍ ମହାମାରୀ ସଂକ୍ରମଣ ଆରମ୍ଭ ହେଲା ଓ ଯାତ୍ରୀବାହୀ ରେଳ ବନ୍ଦ ହୋଇଗଲା ସେତେବେଳେ ରେଳବାଇ ହାତରେ ଏହାର ଆଭ୍ୟନ୍ତରୀଣ ପୁନଃବ୍ୟବସ୍ଥା ଉପରେ ବିଚାର କରିବା ପାଇଁ ପର୍ଯ୍ୟାପ୍ତ ସମୟ ଥିଲା। କିନ୍ତୁ ତାହା ହେଲା ନାହିଁ। ଏବେ ନବ ଗଠିତ ରେଲ୍‌ୱେ ବୋର୍ଡର ସମସ୍ତ ସଦସ୍ୟ ପଦ ଏକ୍ସ-କ୍ୟାଡର୍ ହୋଇଥିବାରୁ ଦକ୍ଷ ଅଧିକାରୀଙ୍କୁ ବରିଷ୍ଠତା ଓ ଅବଶିଷ୍ଟ ସେବା ଆଧାରରେ ନିଯୁକ୍ତ କରାଯିବା ଉଚିତ୍। ରେଳ ମନ୍ତ୍ରଣାଳୟ ମଧ୍ୟ ଖୁବ୍ ସାବଧାନତାର ସହ ଏଥିପାଇଁ ଆଗକୁ ବଢୁଛି। ସୂତ୍ରରୁ ପ୍ରକାଶ ଯେ,ମାନବ ସମ୍ବଳର ମହାନିର୍ଦ୍ଦେଶକ ବା ଡାଇରେକ୍ଟର ଜେନେରାଲ ଅଫ୍ ଏଚ୍‌ଆର୍(ଡିଜିଏଚ୍‌ଆର୍)ପଦ ପାଇଁ ଅନ୍ୟ କ୍ୟାଡର୍‌ର ବହୁ ଯୋଗ୍ୟ ବରିଷ୍ଠ ଅଧିକାରୀ ଥିବା ବେଳେ ଏହି ପଦରେ ଜଣେ ଇଣ୍ଡିଆନ ରେଲୱେ ପର୍ଶନେଲ ସର୍ଭିସ (ଆଇଆର୍‌ପିଏସ)ର ଅଧିକାରୀଙ୍କୁ ନିଯୁକ୍ତି ଦିଆଗଲା। ଏହା ମଧ୍ୟ ଜଣାପଡିଛି ଯେ, ମେମ୍ବର ଟ୍ରାଫିକ ଆଣ୍ଡ ରୋଲିଂ ଷ୍ଟକ୍ ପଦରେ ଇଣ୍ଡିଆନ୍ ରେଲ୍‌ୱେଜ ସର୍ଭିସ ଅଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ(ଆଇଆର୍‌ଏସ୍‌ଇଇ)ରୁ ଜଣେ ଅଧିକାରୀଙ୍କୁ ଅବସ୍ଥାପିତ କରାଯିବାର ସମ୍ଭାବନା ରହିଛି। ସେହିପରି ଫାଇନାନ୍ସ ମେମ୍ବର ନିଯୁକ୍ତି ଇଣ୍ଡିଆନ ରେଲୱେ ଆକାଉଣ୍ଟସ୍ ସର୍ଭିସ( ଆଇଆର୍‌ଏଏସ୍)ରୁ କରାଯିବାର ପ୍ରସ୍ତାବ ରହିଥିବା ଜଣାପଡିଛି। ଏବେ ଯାଏ ସବୁ ଠିକ ଠାକ୍ ଚାଲିଛି। କିନ୍ତୁ ଇଣ୍ଡିଆନ ରେଲୱେଜ ସର୍ଭିସ ଅଫ୍ ଇଞ୍ଜିନିୟର୍ସ (ଆଇଆର୍‌ଏସ୍‌ଇ) ଏବଂ ଇଣ୍ଡିଆନ ରେଲୱେଜ ସର୍ଭିସ ଅଫ୍ ମେକାନିକାଲ ଇଞ୍ଜିନିୟର୍ସ (ଆଇଆର୍‌ଏସ୍‌ଏମ୍‌ଇ) ଅଧିକାରୀମାନଙ୍କ ମଧ୍ୟରେ କିଛି ଅସନ୍ତୋଷ ରହିଛି। ନୂଆ ଯୋଜନାରେ ଏମାନେ ଅନ୍ୟ ସର୍ଭିସ ଲାଗି ଥିବା ଶୀର୍ଷ ପଦ ହରାଇବା ଭଳି ମନେହେଉଛି। ସୂତ୍ରରୁ ପ୍ରକାଶ ଯେ ରେଳ ମନ୍ତ୍ରଣାଳୟ ଏ ପର୍ଯ୍ୟନ୍ତ ନିଯୁକ୍ତି ନିୟମର ନକ୍ସା ପ୍ରସ୍ତୁତ କରିନାହିଁ। ଏଥିରୁ ବୁଝାପଡୁଛି ମନ୍ତ୍ରଣାଳୟର କାର୍ଯ୍ୟଧାରାରେ ଆଡହକିଜମ ଭାବନା ରହିଛି ଯାହା ସୁଧାର ପ୍ରକ୍ରିୟାକୁ ଦୁର୍ବଳ କରିଦେଇପାରେ।

Email:dilipcherian@gmail.com

## su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | 5 | | A | 7 | 0 | 3 | |
| | 1 | | D | | | 9 | | | B | | E | | | 8 |
| 6 | | 3 | | | | | D | 2 | | 5 | | | | |
| 2 | 9 | 7 | | E | | | | | 1 | | | | | |
| A | C | | 1 | | 9 | 6 | | | | | | D | | |
| | | | 8 | | 4 | B | 9 | | | E | | 5 | 1 | |
| | | | | | 6 | | | 4 | 3 | 7 | | | | 9 |
| E | | | 7 | | | | | | | | | C | | 6 |
| 9 | | C | 2 | D | | | E | | 5 | | | 8 | 0 | |
| | 7 | | | | | 0 | | | | D | B | | 4 | E |
| 3 | A | 9 | | | | 5 | 1 | | | 4 | | | B | |
| | | E | C | | | | | | | | | | | |
| | | | | | A | D | | 6 | | | | | | |
| | | 2 | 4 | | | | 7 | | | | | 6 | | |
| | | 5 | 6 | | B | | | A | | | 8 | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 9 | 8 | C | 1 | 0 | 3 | 6 | E | 7 | 5 | D | A | 4 | 2 |
| 7 | D | 3 | 8 | 6 | A | 9 | 2 | 4 | E | 0 | 1 | C | B | 5 |
| E | 2 | 0 | B | D | 5 | 7 | 8 | A | 3 | C | 4 | 6 | 1 | 9 |
| 6 | C | A | 4 | 3 | 2 | 0 | 5 | 1 | B | 8 | 9 | E | D | 7 |
| 5 | 4 | 1 | 9 | 7 | E | C | D | B | 2 | 6 | A | 8 | 3 | 0 |
| 9 | A | E | 6 | 0 | D | 1 | 4 | 8 | 5 | 3 | B | 2 | 7 | C |
| C | 8 | 2 | 1 | E | 9 | D | 3 | 0 | A | 4 | 7 | B | 5 | 6 |
| 3 | B | 7 | 2 | A | 4 | 6 | C | 5 | 8 | D | 0 | 9 | E | 1 |
| 4 | 1 | 6 | 7 | 5 | 8 | A | B | 2 | 9 | E | C | D | 0 | 3 |
| D | 0 | 5 | 3 | C | B | E | 9 | 7 | 6 | 1 | 2 | 4 | A | 8 |
| 0 | 3 | 9 | A | 4 | C | 2 | 7 | D | 1 | B | 6 | 5 | 8 | E |
| 8 | 6 | D | 5 | B | 7 | 4 | 1 | 9 | 0 | 2 | E | 3 | C | A |
| 2 | 7 | C | 0 | 8 | 6 | B | E | 3 | 4 | A | 5 | 1 | 9 | D |
| 1 | E | B | D | 9 | 3 | 5 | A | 6 | C | 7 | 8 | 0 | 2 | 4 |
| A | 5 | 4 | E | 2 | 1 | 8 | 0 | C | D | 9 | 3 | 7 | 6 | B |

ଗତକାଲିର ଉତ୍ତର

# ଅଧିକ ଶୋଷିତ ହେବେ କୃଷକ



ଡ. ସନ୍ତୋଷ କୁମାର ମହାପାତ୍ର

ନିକଟରେ ମୋସୁମୀ ଅଧିବେଶନରେ ସଂସଦର ଉଭୟ ଗୃହରେ ପାରିତ ହୋଇଥିବା ତିନୋଟି ବିବାଦୀୟ ଫାର୍ମ ବା କୃଷି ବିଲ୍ ୨୭ ସେପ୍ଟେମ୍ବର ୨୦୨୦ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅନୁମୋଦନ ଲାଭକରିବା ପରେ ଆଇନରେ ପରିଣତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟ ସଭାରେ ବିରୋଧୀ ଦଳ ବିଲ୍‌କୁ ସ୍ଥାୟୀ କମିଟିକୁ ତର୍ଜମା ପାଇଁ ପଠାଇବା ଲାଗି କହିଥିଲେ ମଧ୍ୟ ସରକାର କର୍ଣ୍ଣପାତ କରି ନ ଥିଲେ। ଏଣୁ ବିରୋଧୀ ଦଳ ଏବଂ କୃଷକ ସଂଗଠନ ଏହି ବିଲ୍‌ରେ ଦସ୍ତଖତ ନ କରିବାକୁ ରାଷ୍ଟ୍ରପତିଙ୍କୁ ନିବେଦନ କରିଥିଲେ। କିନ୍ତୁ ରାଷ୍ଟ୍ରପତି ବିରୋଧୀ ଦଳ ଆବେଦନକୁ ଗୁରୁତ୍ୱ ଦେଇ ନ ଥିଲେ। କୃଷି ହେଉଛି ରାଜ୍ୟ ସରକାରଙ୍କ ବିଷୟ ବସ୍ତୁ। ରାଜ୍ୟ ସରକାରଙ୍କୁ ବିଶ୍ୱାସକୁ ନ ନେଇ କୃଷି ଆଇନରେ କୌଣସି ପରିବର୍ତ୍ତନ ଆଣିବା ଅଗଣତାନ୍ତ୍ରିକ, ଅସାମ୍ବିଧାନିକ ଓ ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ।

ତିନୋଟି କୃଷି ବିଲ୍ ମଧ୍ୟରୁ ପ୍ରଥମଟି ହେଲା ଦି ଫାର୍ମର୍ସ ପ୍ରଡ୍ୟୁସ ଟ୍ରେଡ ଆଣ୍ଡ କମର୍ସ(ପ୍ରମୋଶନ ଆଣ୍ଡ ଫେସିଲିଟେଶନ) ବିଲ୍ ୨୦୨୦ ବା କୃଷି ଉତ୍ପାଦନର ବ୍ୟବସାୟ ଓ ବାଣିଜ୍ୟ(ପ୍ରୋତ୍ସାହନ ଓ ସୁଗମୀକରଣ) ବିଧେୟକ ୨୦୨୦। ଏହି ବିଲ୍ ଅନୁସାରେ କୃଷକମାନେ କୌଣସି ଟିକସ କିମ୍ବା ଶୁଳ୍କ ରାଜ୍ୟ ସରକାରଙ୍କୁ ନ ଦେଇ ବିଜ୍ଞପ୍ତି ପ୍ରାପ୍ତ କୃଷି ଉତ୍ପାଦ ବିପଣନ କମିଟି (ଏପିଏମ୍‌ସି ) ମଣ୍ଡି ବାହାରେ ସେମାନଙ୍କ ଅମଳ ଶସ୍ୟ ବିକ୍ରୟ କରିପାରିବେ। ଦ୍ୱିତୀୟଟି ହେଲା ଦି ଫାର୍ମର୍ସ (ଏମ୍ପାୱାରମେଣ୍ଟ ଆଣ୍ଡ ପ୍ରୋଟେକ୍ସନ) ଏଗ୍ରିମେଣ୍ଟ ଅନ୍ ପ୍ରାଇସ ଆସ୍ୟୁରାନ୍ସ ଆଣ୍ଡ ଫାର୍ମ ସର୍ଭିସେସ ବିଲ୍ ୨୦୨୦ ବା କୃଷକ (ସଶକ୍ତୀକରଣ ଓ ସୁରକ୍ଷା) ମୂଲ୍ୟଧାର୍ଯ୍ୟ ଲାଗି ରାଜିନାମା ଓ କୃଷିସେବା ବିଧେୟକ ୨୦୨୦। ଏହା ଚୁକ୍ତିଭିତ୍ତିକ ଚାଷ ଏବଂ ପ୍ରତ୍ୟକ୍ଷ ମାର୍କେଟିଂକୁ କାର୍ଯ୍ୟକାରୀ କରିବା ପାଇଁ ଉଦ୍ଦିଷ୍ଟ। ତୃତୀୟଟି ହେଲା ଏସେନ୍ସିଆଲ କମୋଡିଟିଜ୍ ଆକ୍ଟ ଆମେଣ୍ଡମେଣ୍ଟ ବା ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ସଂଶୋଧନ ବିଧେୟକ ୨୦୨୦। ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମ ସଂଶୋଧନ ଦ୍ୱାରା ଅର୍ଥାତ ଅସାଧାରଣ ପରିସ୍ଥିତି ଯଥା ଯୁଦ୍ଧ ବା ଦୁର୍ଭିକ୍ଷ କିମ୍ବା ଅତ୍ୟନ୍ତ ଦରବୃଦ୍ଧି ଭଳି ସ୍ଥିତି ନ ଉପୁଜିଲେ, ଅନ୍ୟ ସମୟରେ ଶସ୍ୟ, ଡାଲି, ଖାଇବା ତେଲ ଏବଂ ପିଆଜ ସମେତ ଅନେକ ପ୍ରମୁଖ ଖାଦ୍ୟ ସାମଗ୍ରୀର ସଂରକ୍ଷଣ ବା ମହଜୁଦ ଏବଂ ବିକ୍ରୟ ଉପରେ ଥିବା କୌଣସି ନିୟନ୍ତ୍ରଣ ରହିବ ନାହିଁ। ସଂକ୍ଷେପରେ କହିଲେ, ବିଲ୍‌ଗୁଡିକର ପ୍ରମୁଖ ଲକ୍ଷ୍ୟ ହେଲା ସାରା ଦେଶରେ ପ୍ରଚଳିତ କୃଷିଜାତ ଦ୍ରବ୍ୟର ବଜାର, ବିକ୍ରୟ ପଦ୍ଧତି ଏବଂ ଗଚ୍ଛିତ ରଖିବାରେ ପରିବର୍ତ୍ତନ ଆଣିବା। କିନ୍ତୁ ସେହି ପରିବର୍ତ୍ତନ କୃଷକଙ୍କ ହିତରେ ନା ନୁହେଁ ତା' ବିରାଟ ପ୍ରଶ୍ନସୃଷ୍ଟି କରିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ସଂସ୍କାରକୁ ଭାରତୀୟ କୃଷି ପାଇଁ ଏକ ଐତିହାସିକ ପଦକ୍ଷେପ, ସୁବର୍ଣ୍ଣ ଅଧ୍ୟାୟ ବୋଲି କହିଥିବାବେଳେ ବିରୋଧୀ ଦଳ ଏହାକୁ କୃଷକ ବିରୋଧୀ ବୋଲି କହି 'ମୃତ୍ୟୁ ୱାରେଣ୍ଟ' ସହିତ ତୁଳନା କରିଛନ୍ତି। ବାସ୍ତବରେ କୃଷକମାନେ ଅଧିକ ଶୋଷିତ ଏବଂ ଅସୁରକ୍ଷିତ ମଣିବେ। ସରକାରଙ୍କ ଯୁକ୍ତି ହେଉଛି ଯେ ଏହି ନୂତନ ନିୟମ କୃଷକମାନଙ୍କୁ ଅଧିକ ପସନ୍ଦ ପ୍ରଦାନ କରିବ। ଆଉ ସ୍ଥାନୀୟ ମଣ୍ଡି ଭିତରେ ସୀମିତ ନ ରହି କୃଷକ ତା'ର ଉତ୍ପାଦକୁ ରାଜ୍ୟ ମଧ୍ୟରେ ଓ ରାଜ୍ୟ ବାହାରେ ଯେ କୌଣସି ସ୍ଥାନରେ, ଯେ କୌଣସି ବ୍ୟକ୍ତିକୁ ଚାହିଁବେ ବିକ୍ରି କରିପାରିବ। ପ୍ରତିଯୋଗିତା ଯୋଗୁ ତାଙ୍କ ଦ୍ରବ୍ୟର ଉନ୍ନତ ମୂଲ୍ୟ ପ୍ରାପ୍ତ ହେବେ। ସେମାନେ ନିଜ ଇଚ୍ଛା ଅନୁଯାୟୀ ଅଧିକ ମୂଲ୍ୟ ପାଇପାରିବେ। କେବଳ ଫଳ ଓ ପନିପରିବା, ଖାଦ୍ୟଶସ୍ୟ ନୁହେଁ ବରଂ ଯାହା ଉତ୍ପାଦନ କରୁଛନ୍ତି, ତାହା ବିକ୍ରି କରିପାରିବେ। ବାସ୍ତବରେ, ସରକାରଙ୍କ ଯୁକ୍ତି ସମ୍ପୂର୍ଣ୍ଣ ଭୁଲ୍। ଅଧିକାଂଶ ବର୍ତ୍ତମାନ ମଧ୍ୟ ସରକାରୀ ମଣ୍ଡି ବାହାରେ ବିକ୍ରି କରୁଛନ୍ତି, କିନ୍ତୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସପି )ଠାରୁ କମରେ ବିକ୍ରି କରିଥାନ୍ତି। ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି )ସ୍ଥିର କରୁଥିବା କୃଷି ପରିବ୍ୟୟ ଏବଂ ମୂଲ୍ୟ ଆୟୋଗ (ସିଏସିପି) ଏହାର ୨୦୧୮-୧୯ ମୂଲ୍ୟ ନୀତି ରିପୋର୍ଟରେ କୃଷକମାନେ ସେମାନଙ୍କର ଉତ୍ପାଦକୁ ବଜାର ମୂଲ୍ୟରେ ବିକ୍ରି କରିଛନ୍ତି, କିନ୍ତୁ ତାହା ଏମ୍‌ଏସ୍‌ପିଠାରୁ ବହୁତ କମ୍ ହୋଇଥିବାରୁ ଉଦ୍‌ବେଗ ପ୍ରକାଶ କରିଛି। ବିହାର ସରକାର କୃଷି ଉତ୍ପାଦନ ବିପଣନ କମିଟି (ଏପିଏମ୍ ସି)କୁ ବାତିଲ କରିଛନ୍ତି। କିନ୍ତୁ କୃଷକମାନେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଠାରୁ କମ୍ ମୂଲ୍ୟ ପାଉଛନ୍ତି। ତେବେ ବର୍ତ୍ତମାନ, ଏପିଏମ୍‌ସି ଉଚ୍ଛେଦ ପରେ କିପରି କୃଷକମାନେ ତାଙ୍କ ଦ୍ରବ୍ୟର ଭଲ ମୂଲ୍ୟ ପାଇବେ ?

ଏଠାରେ ସ୍ୱତଃ ପ୍ରଶ୍ନ ଉଠେ, ସରକାରଙ୍କ ନିୟମ ବଳବତ୍ତର ଥିଲାବେଳେ ଯଦି ୯୪ ପ୍ରତିଶତ କୃଷକ ସର୍ବନିମ୍ନ ସହାୟକ ମୂଲ୍ୟରେ ସେମାନଙ୍କର ଉତ୍ପାଦ ବିକ୍ରୟ କରିବାକୁ ସକ୍ଷମ ନୁହନ୍ତି, କୃଷି ଉତ୍ପାଦ ବିପଣନ କମିଟି (ଏପିଏମ୍‌ସି) ରଦ୍ଦ ହେବାଯୋଗୁ କୃଷକମାନେ କିପରି ବ୍ୟବସାୟୀ, କର୍ପୋରେଟରଙ୍କଠାରୁ ଭଲ ମୂଲ୍ୟ ପାଇବେ। ଆଉ ଏକ ପ୍ରଶ୍ନ ହେଲା, ଯେତେବେଳେ ଅଧିକାଂଶ କୃଷକ ନିକଟସ୍ଥ ମଣ୍ଡିରେ ତାଙ୍କ ଉତ୍ପାଦକୁ ବିକ୍ରୟ କରିବାରେ ଅସମର୍ଥ, ସେମାନେ କିପରି ଦୂରସ୍ଥାନରେ ଯାଇ ବିକ୍ରି କରିପାରିବେ। କେତେଜଣ କୃଷକଙ୍କର ଏପରି କ୍ଷମତା ଅଛି ? ପୁନଶ୍ଚ ଦୂର ସ୍ଥାନରେ ବିକ୍ରି କରିବାକୁ ହେଲେ ଅଧିକ ଜମି ଓ ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ କରିବାର କ୍ଷମତା ରହିବା ଆବଶ୍ୟକ। କିନ୍ତୁ ଦଶମ କୃଷି ଜନଗଣନା ୨୦୧୫-୧୬ ଅନୁଯାୟୀ ମୋଟ ଚାଷୀଙ୍କ ମଧ୍ୟରୁ ୮୬.୨ପ୍ରତିଶତ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଯାହାଙ୍କର ଜମି ପରିମାଣ ଦୁଇ ହେକ୍ଟରରୁ କମ୍ । ଉତ୍ପାଦିତ ମୋଟ ଫସଲର ମାତ୍ର ୪୭.୩ପ୍ରତିଶତର ଅଧିକାରୀ। ଏହାର ଅର୍ଥ ୮୬.୨ପ୍ରତିଶତ କୃଷକଙ୍କର ଦୂର ସ୍ଥାନରେ ବିକ୍ରି କରିବାର କ୍ଷମତା ନାହିଁ। ଏଣୁ ଏହି ନିୟମରେ ଅଧିକାଂଶ କୃଷକଙ୍କର କିଛି ଲାଭ ହେବନାହିଁ।

ସରକାର କହୁଛନ୍ତି ଯେ, ସର୍ବନିମ୍ନ ସହାୟକ ମୂଲ୍ୟ ଜାରି ରହିବ, କିନ୍ତୁ କାହିଁକି ବିଲ୍‌ରେ ତାହା ଅନ୍ତର୍ଭୁକ୍ତ କରାଯାଇ ନାହିଁ। ଏହାର ଅର୍ଥ, କିଛି ବର୍ଷ ଅତିବାହିତ ହେଲା ପରେ ଆନ୍ଦୋଳନ ମାନ୍ଦା ପରେ ସରକାର ଏହାକୁ ଉଠାଇଦେବେ। ମୁଣ୍ଡ ବିନ୍ଧିଲେ, ମୁଣ୍ଡ କଟାଯାଏ ନାହିଁ ବରଂ ତା'ର ପ୍ରତିକାର କରାଯାଏ। କୃଷି ଉତ୍ପାଦ ବିପଣନ କମିଟି (ଏପିଏମସି )ବ୍ୟବସ୍ଥାରେ ଯେଉଁ ତ୍ରୁଟି ରହିଛି ତା'ର ସମାଧାନ ଆବଶ୍ୟକ, କିନ୍ତୁ ତାହାର ଉଚ୍ଛେଦ ନୁହେଁ। ଅତ୍ୟନ୍ତ କ୍ରୁର ସତ୍ୟ ହେଉଛି ଯେ,ସରକାର କୃଷକଙ୍କୁ ବଜାରର ଅନିଶ୍ଚିତତା, ଦେଶୀ ବିଦେଶୀ ବ୍ୟବସାୟୀ, କମ୍ପାନୀଙ୍କ ଦୟା ଉପରେ ଛାଡି ଦେଉଛନ୍ତି। ନୂତନ କୃଷି ବଜାର ନୀତିଯୋଗୁ ଅମ୍ବାନୀ ଏବଂ ଆଦାନୀ ଭଳି ବଡ କମ୍ପାନୀ ବେଶି ଲାଭବାନ ହେବେ। ସେମାନେ ଚୁକ୍ତିଭିତ୍ତିକ କୃଷି ବ୍ୟବସ୍ଥାରେ ପ୍ରବେଶ କରିବେ। ଆମର ଆବଶ୍ୟକତା ଅନୁଯାୟୀ ଖାଦ୍ୟଶସ୍ୟ, ଫୁଲ ଏବଂ ଅନ୍ୟାନ୍ୟ ଫସଲ ଉତ୍ପାଦନକୁ ଗୁରୁତ୍ୱ ନ ଦେଇ ଯେଉଁ ଫସଲ ଉତ୍ପାଦନ କଲେ ତାଙ୍କର ଲାଭ ଅଧିକ ହେବ, ବେଶି ରପ୍ତାନି କରିପାରିବେ, ତାହା ହିଁ ଉତ୍ପାଦନ କରିବାକୁ ଚାଷୀଙ୍କୁ ନିର୍ଦ୍ଦେଶ ଦେବେ। କୃଷକ ଚୁକ୍ତି ଅନୁସାରେ ତାହା ହିଁ ଉତ୍ପାଦନ କରିବାକୁ ବାଧ୍ୟ ହେବ। ଯେହେତୁ କମ୍ପାନୀମାନେ କୃଷକଙ୍କୁ ଅଗ୍ରିମ ଅର୍ଥ, ବିହନ, କୃଷି ଉପାଦାନ ଦେଇଥାନ୍ତି, ସେମାନେ କୃଷକଙ୍କୁ କମ ମୂଲ୍ୟରେ ଉତ୍ପାଦିତ ଶସ୍ୟ ମଧ୍ୟ ବିକ୍ରି କରିବାକୁ ବାଧ୍ୟ କରିବେ। ବାସ୍ତବରେ ସରକାର ସାଧାରଣ ବଣ୍ଟନ ବ୍ୟବସ୍ଥାରେ କୃଷକମାନଙ୍କଠାରୁ ସର୍ବନିମ୍ନ ସହାୟକ ମୂଲ୍ୟରେ ଯେଉଁ ଖାଦ୍ୟଶସ୍ୟ କ୍ରୟ କରୁଥିଲେ ଏବଂ ସବ୍‌ସିଡି ଦେଇ ଯେଉଁ ସ୍ୱଳ୍ପ ମୂଲ୍ୟରେ ଗରିବ ଶ୍ରେଣୀର ଲୋକଙ୍କୁ ଯୋଗାଉଥିଲେ ତାହାର ବିଲୋପ କରାଯିବାର ଆଶଙ୍କା ରହିଛି।

ଏହି ନୂଆ ବ୍ୟବସ୍ଥାରେ ମଧ୍ୟ ସରକାରୀ ମଣ୍ଡି ବଦଳରେ ଘରୋଇ ମଣ୍ଡି ଏବଂ ନୂଆ ମଧ୍ୟସ୍ଥ ସୃଷ୍ଟି ହେବେ। ନୂଆ ପ୍ରକାର ମଧ୍ୟସ୍ଥ ସରକାରଙ୍କ ନିୟନ୍ତ୍ରଣ ଅଭାବରୁ କୃଷକମାନଙ୍କୁ ବେଶି ଶୋଷଣ କରିବେ। ରାଜ୍ୟ ସରକାରଙ୍କ ରାଜସ୍ୱ ହାନି ଘଟିବ। ଯେଉଁ ବଡ଼ବଡ କୃଷକ ଅଛନ୍ତି, ସେମାନେ ନିଜ ରାଜ୍ୟର ବିକାଶ ପାଇଁ ଟିକସ ଦେବାର କ୍ଷମତା ଥିଲେ ମଧ୍ୟ ଟିକସ ଦେବାରୁ ବଞ୍ଚିତ ହେବେ। ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମ ସଂଶୋଧନ ଗୁପ୍ତମହଜୁଦକାରୀ ଓ କଳାବଜାରକାରୀଙ୍କୁ ବେଶି ସହାୟକ ହେବ। ଅତ୍ୟାବଶ୍ୟକ ସାମଗ୍ରୀ ଦର ନିୟନ୍ତ୍ରଣ ବାହାରକୁ ଚାଲିଯିବ, କାରଣ ଅତ୍ୟାବଶ୍ୟକ ସାମଗ୍ରୀ ଦର ନିୟନ୍ତ୍ରଣ କରିବାରେ ରାଜ୍ୟମାନଙ୍କର ଯେଉଁ କ୍ଷମତା ଥିଲା ତାହା ରାଜ୍ୟମାନେ ହରାଇବେ । ଦିଲ୍ଲୀସ୍ଥିତ ଷ୍ଟଡି ଅଫ୍ ଡେଭଲପମେଣ୍ଟ ସୋସାଇଟି ନାମକ ଏକ ପ୍ରମୁଖ ସାମାଜିକ ବିଜ୍ଞାନ ଗବେଷଣା ପ୍ରତିଷ୍ଠାନର ଏକ ସର୍ବେକ୍ଷଣ (୨୦୧୮) ଅନୁଯାୟୀ, ସରକାରୀ ଯୋଜନା ଏବଂ ନୀତିର ଲାଭ ବେଶି ବଡ ଚାଷୀଙ୍କ ପାଖକୁ ଯାଉଛି, ପ୍ରାୟ ୭୬ପ୍ରତିଶତ କୃଷକ ଜୀବିକାର କୌଣସି ବିକଳ୍ପ ପାଇଲେ କୃଷି କାର୍ଯ୍ୟ ଛାଡିବାକୁ ପ୍ରସ୍ତୁତ ବୋଲି ଏକ ସର୍ଭେରୁ ଜଣାପଡିଛି। ବାସ୍ତବରେ କେବଳ ଅଭାବୀ ବିକ୍ରି ନୁହେଁ, କୃଷକମାନଙ୍କର ଅନେକ ସମସ୍ୟା ରହିଛି। ସେଗୁଡିକ ହେଲା- କୃଷି ଉପାଦାନର ବା ଇନପୁଟର ଅହେତୁକ ମୂଲ୍ୟବୃଦ୍ଧି, ଅଭାବୀବିକ୍ରି, ପ୍ରାକୃତିକ ବିପର୍ଯ୍ୟୟ, ଖାଦ୍ୟଶସ୍ୟ ଗଚ୍ଛିତ ରଖିବା ପାଇଁ ସରଣକ୍ଷ ସୁବିଧାର ଅଭାବ, ସ୍ୱାସ୍ଥ୍ୟ ଓ ଶିକ୍ଷାର ବ୍ୟାପକ ଘରୋଇକରଣ ଯୋଗୁ ବ୍ୟୟ ବୃଦ୍ଧି ଘଟିବା ଓ ତାକୁ ଭରଣା ପାଇଁ ଜମିବାଡ଼ି ସମ୍ପତ୍ତି ବିକ୍ରି କରିବା, ଅଧିକ ଋଣ କରିବା ଏବଂ ଋଣ ଶୁଝି ନ ପାରିବା ; ଆନୁଷ୍ଠାନିକ ଋଣ ପାଇବାରୁ ବଞ୍ଚିତ ହୋଇ ଚଢା ସୁଧରେ ଋଣ କରିବା। ଏସବୁ ସମସ୍ୟାର ସମାଧାନ ଜରୁରୀ। କିପରି ସବୁ ଚାଷୀ ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରି କରିପାରିବେ ତାହାର ବ୍ୟବସ୍ଥା କରିବା ଉଚିତ।

ମୋ:୯୪୩୭୨୦୮୭୬୨
Email: skmohapatra67@gmail.com

# ଜୀବନ ସଙ୍କେତ ପୁନର୍ଲିଖନ ଉପକରଣକୁ ନୋବେଲ



ଡ. ବିକାଶ କୁମାର ଜେନା

୨୦୨୦ରେ ରୟାଲ ସ୍ୱିଡେନ ଏକାଡେମୀ ଅଫ୍ ସାଇନ୍ସ ଇମାନୁଏଲ୍ ଚାର୍ପେଣ୍ଟିଅର ଏବଂ ଜେନିଫର ଡୁଡନାଙ୍କୁ ରସାୟନ ବିଜ୍ଞାନରେ ନୋବେଲ୍ ପୁରସ୍କାର ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଇମାନୁଏଲ୍ ଚାର୍ପେଣ୍ଟିଅର ୧୯୬୮ ମସିହାରେ ଫ୍ରାନ୍ସର ଜୁଭିସି-ସୁର-ଅର୍ଗରେ ଜନ୍ମଗ୍ରହଣ କରିଥିଲେ। ବର୍ତ୍ତମାନ ସେ ରୋଗ ସମ୍ବନ୍ଧୀୟ ବିଜ୍ଞାନ ବିଭାଗ ମ୍ୟାକ୍ସ ପ୍ଲାନ ୟୁନିଟ୍ ବର୍ଲିନ୍, ଜର୍ମାନୀର ନିର୍ଦ୍ଦେଶକ। ଜେନିଫର ଡୁଡନା ୧୯୬୪ ମସିହାରେ ଆମେରିକାର ୱାଶିଂଟନ୍, ଡିସିରେ ଜନ୍ମଗ୍ରହଣ କରିଥିଲେ ଓ ବର୍ତ୍ତମାନ ଆମେରିକାର କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ଅନୁସନ୍ଧାନକାରୀ ହାୱାର୍ଡ ହ୍ୟୁଜ୍ ମେଡିକାଲ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରଫେସର ଅଛନ୍ତି। CRISPR-Cas9 ନାମକ ଜିନ୍ ଏଡିଟର ହେଉଛନ୍ତି ସେମାନଙ୍କର ଏକ ଅପ୍ରତ୍ୟାଶିତ ଆବିଷ୍କାର। ଯେତେବେଳେ ଇମାନୁଏଲ୍ ଚାର୍ପେଣ୍ଟିଅର୍ ଏବଂ ଜେନିଫର ଡୁଡନା ଷ୍ଟ୍ରେପ୍ଟୋକୋକସ୍ ଜୀବାଣୁର ପ୍ରତିରକ୍ଷା ପ୍ରଣାଳୀ ଉପରେ ଅନୁସନ୍ଧାନ ଆରମ୍ଭ କରିଥିଲେ, ସେମାନଙ୍କର ଧାରଣା ଥିଲା ଯେ ସେମାନେ ବୋଧହୁଏ ଏକ ନୂତନ ଆଣ୍ଟିବାୟୋଟିକ୍(ପ୍ରତିଜୈବିକ) ବିକାଶ କରିପାରନ୍ତି। କିନ୍ତୁ ଏହା ପରିବର୍ତ୍ତେ ସେମାନେ ଏକ ଆଣବିକ ଉପକରଣ ଆବିଷ୍କାର କଲେ, ଯାହା ଜେନେଟିକ୍ ପଦାର୍ଥରେ ଠିକ୍ ବିଭାଜନ କରିବାରେ ବ୍ୟବହୃତ ହୋଇପାରେ। ଏହି ଆବିଷ୍କାର ଜୀବନର ସଙ୍କେତକୁ ସହଜରେ ପରିବର୍ତ୍ତନ କରିବାରେ ସମ୍ଭବ କରିଛି। ଏହି ଆବିଷ୍କାରର ଠିକ୍ ଆଠବର୍ଷ ପରେ ଏହି CRISPR-Cas9 ଜେନେଟିକ୍ ଏଡିଟର୍ ଜୀବନ ବିଜ୍ଞାନକୁ ପୁନଃରୂପ ଦେଇଛି। ବାୟୋକେମିଷ୍ଟ ଏବଂ କୋଷ ଜୀବବିଜ୍ଞାନୀମାନେ ବର୍ତ୍ତମାନ ବିଭିନ୍ନ ଜିନ୍‌ର କାର୍ଯ୍ୟ ଏବଂ ରୋଗର ପ୍ରଗତିରେ ସେମାନଙ୍କ ସମ୍ଭାବ୍ୟ ଭୂମିକାକୁ ସହଜରେ ଅନୁସନ୍ଧାନ କରିପାରିବେ। ଗବେଷକମାନେ ଉଦ୍ଭିଦକୁ ଉଦ୍ଭିଦ ପ୍ରଜନନରେ ନିର୍ଦ୍ଦିଷ୍ଟ ବୈଶିଷ୍ଟ୍ୟ ଦେଇପାରିବେ, ଯେପରି କି ଉଷ୍ମ ଜଳବାୟୁରେ ମରୁଡ଼ି ସହ୍ୟ କରିପାରିବାର କ୍ଷମତା ଇତ୍ୟାଦି। ଆହୁରି ମଧ୍ୟ, ଚିକିତ୍ସା ବିଜ୍ଞାନରେ ଏହି ଜିନ୍ ଏଡିଟର୍ ସହଯୋଗ କରୁଛନ୍ତି। ନୂତନ କର୍କଟ ଚିକିତ୍ସା ଏବଂ ଆନୁବଂଶିକ ରୋଗକୁ କିପରି ଭଲ କରାଯାଇପାରିବ ସେ ସବୁ ଅଧ୍ୟୟନର ପ୍ରଚେଷ୍ଟାରେ ସହାୟକ ହେଉଛି।

ଜିନୋମ ଏଡିଟିଂ ପାଇଁ ଏକ ପଦ୍ଧତିର ବିକାଶ ଏକ ଅପ୍ରତ୍ୟାଶିତ ଏବଂ ଚମତ୍କାର ଆବିଷ୍କାର। ବିକାଶମୂଳକ ସମାଧାନ ଗବେଷକମାନଙ୍କୁ ଅନେକ ସମୟରେ ଆଶ୍ଚର୍ଯ୍ୟ କରିଦେଇଥାଏ କିନ୍ତୁ ଏହା କିଛି ଅସାଧାରଣ ଥିଲା। ଭୂତାଣୁରୁ ସୁରକ୍ଷା ଭାବରେ ଷ୍ଟ୍ରେପଟୋକୋକି ବିକଶିତ ହୋଇଥିବା ଅସ୍ତ୍ର ସରଳ ଏବଂ ପ୍ରଭାବଶାଳୀ, ଏପରି କି ଉଜ୍ଜ୍ୱଳ । ଜେନେଟିକ୍ କଇଁଚି ଇତିହାସ ଏଠାରେ ଅଟକି ଯାଇଥାନ୍ତା। ଚାର୍ପେଣ୍ଟିଅର ଏବଂ ଡୁଡନା ଏକ ଜୀବାଣୁରେ ଏକ ମୌଳିକ ପ୍ରଣାଳୀ ଆବିଷ୍କାର କରିଥିଲେ, ଯାହା ମାନବିକତା ପାଇଁ ବହୁତ କଷ୍ଟ ଦେଇଥାଏ। ସେହି ଆବିଷ୍କାରରେ ନିଜେ ସେମାନେ ଆଶ୍ଚର୍ଯ୍ୟଜନକ ଥିଲେ, କିନ୍ତୁ ସୁଯୋଗ ପ୍ରସ୍ତୁତ ମନ ଅନୁଗ୍ରହ କରେ ଓ ନୂତନ ଆବିଷ୍କାର ଦିଏ।

ଇମାନୁଏଲ୍ ଚାର୍ପେଣ୍ଟିଅର୍ ଏବଂ ଜେନିଫର୍ ଡୁଡନାଙ୍କ CRISPRର ଆବିଷ୍କାର ୨୦୧୨ରେ ପ୍ରକାଶ ହେବାପରେ ଏହି ଜ୍ଞାନ ଅନେକ ଅନୁସନ୍ଧାନକାରୀଙ୍କୁ ଆଲୋକ ଦେଖାଇଲା। ଅନେକ ଅନୁସନ୍ଧାନ ଗୋଷ୍ଠୀ ଏହି ଉପକରଣକୁ ବ୍ୟବହାର କରି ଉଭୟ ମୂଷା ଏବଂ ମଣିଷଙ୍କ କୋଷରେ ଥିବା ଜିନୋମକୁ ପରିବର୍ତ୍ତନ କରିହେବ, ଯାହା କି ଏକ ବିସ୍ଫୋରକ ବିକାଶ। ପୂର୍ବରୁ ଏକ କୋଷ, ଉଦ୍ଭିଦ କିମ୍ବା ଜୀବରେ ଜିନ୍ ପରିବର୍ତ୍ତନ କରିବାଟା ବହୁତ ସମୟସାପେକ୍ଷ ଏବଂ ବେଳେବେଳେ ଅସମ୍ଭବ ଥିଲା। କିନ୍ତୁ ଏହି ଜେନେଟିକ୍ କଇଁଚି ଦ୍ୱାରା ଗବେଷକମାନେ ନିଜ ସିଦ୍ଧାନ୍ତରେ ସେମାନେ ଯେକୌଣସି ଜିନୋମକୁ କାଟିପାରିବେ। ଏହାଦ୍ୱାରା ଡିଏନ୍‌ଏ ମରାମତି ପାଇଁ କୋଷର ପ୍ରାକୃତିକ ପ୍ରଣାଳୀକୁ ବ୍ୟବହାର କରି ଜୀବନ ସଙ୍କେତକୁ ପୁନର୍ଲିଖନ କରିହେବ।

ଏହି ଅପ୍ରତ୍ୟାଶିତ ଆବିଷ୍କାରର ସମସ୍ତ ଉପକାର ସହିତ, କିଛି ମଧ୍ୟ ଅପବ୍ୟବହାର କରାଯାଇପାରେ। ଉଦାହରଣ ସ୍ୱରୂପ ଏହି ଉପକରଣ ବ୍ୟବହାର କରାଯାଇ ଜେନେଟିକ୍ ରୂପାନ୍ତରିତ ଭ୍ରୂଣ ସୃଷ୍ଟି କରିପାରିବେ। ତଥାପି ଅନେକ ବର୍ଷ ଧରି ନିୟମ ଏବଂ କାନୁନ୍ ରହିଛି, ଯାହା ଜେନେଟିକ୍ ଇଞ୍ଜିନିୟରିଂର ପ୍ରୟୋଗକୁ ନିୟନ୍ତ୍ରଣ କରିଥାଏ, ଯେଉଁଥିରେ ମାନବ ଜିନୋମ ପରିବର୍ତ୍ତନ ଉପରେ ପ୍ରତିବନ୍ଧକ ଅନ୍ତର୍ଭୁକ୍ତ। ଆହୁରି ମଧ୍ୟ ପରୀକ୍ଷଣ ଯାହା ମଣିଷ ଏବଂ ପଶୁମାନଙ୍କୁ ଜଡ଼ିତ ସର୍ବଦା ନୈତିକ (ethical) କମିଟି ଦ୍ୱାରା ସମୀକ୍ଷା ଏବଂ ଅନୁମୋଦନ କରାଯିବା ଆବଶ୍ୟକ। ଏହି ଆବିଷ୍କାର ଦ୍ୱାରା ଯଦିଓ ଆମେ ନୂତନ ନୈତିକ ସମସ୍ୟାର ସମ୍ମୁଖୀନ ହେବୁ, କିନ୍ତୁ ଏହି ନୂତନ ସାଧନ ବର୍ତ୍ତମାନ ମାନବିକତାର ସମ୍ମୁଖୀନ ହେଉଥିବା ଅନେକ ସମସ୍ୟା ସମାଧାନରେ ସହାୟକ ହୋଇପାରେ।

ମୁଖ୍ୟ ବୈଜ୍ଞାନିକ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍‌ସ ଆଣ୍ଡ୍ ମ୍ୟାଟେରିଆଲ୍‌ସ ଟେକ୍ନୋଲୋଜି, ଭୁବନେଶ୍ୱର
ମୋ: ୭୯୭୮୦୧୨୨୭୭

### ଏଇ ଭାରତରେ

ସ୍କୁଲରେ ପଢ଼ି ଭଲ ମଣିଷ ହୋଇ ପୁରାତନ ଛାତ୍ରମାନେ ଶିକ୍ଷାନୁଷ୍ଠାନର ବିକାଶ ଲାଗି ସମୟ ଦେବା ସହ ଆର୍ଥିକ ସହଯୋଗ କରୁଥିବା ଘଟଣା ସାମନାକୁ ଆସେ। କିନ୍ତୁ ପଞ୍ଜାବର ରୂପନଗର ଜିଲାର ମୁଣ୍ଡିୟା ଗାଁର ଛାତ୍ରୀ ହରମନଦୀପ କୌର ସ୍କୁଲକୁ ନିଆରା ଦକ୍ଷିଣା ଦେଇଛନ୍ତି। ସେ ଲକ୍‌ଡାଉନ ସମୟରେ ସ୍କୁଲର ରୂପ ବଦଳାଇ ଦେଇଛନ୍ତି। ସେ ଜଣେ ପ୍ରତିଭାଧାରୀ ଚିତ୍ରକର। ଗାଁର ସରକାରୀ ମିଡିଲ ସ୍କୁଲର ହରମନଦୀପ ପଢ଼ିଥିଲେ। ସେ ଏହି ସ୍କୁଲ୍‌ର ସବୁଆଡେ ଶିକ୍ଷଣୀୟ ଚିତ୍ର ଆଙ୍କି ସଜେଇ ଦେଇଛନ୍ତି। ଏହାକୁ ଯେ ଦେଖୁଛନ୍ତି ସେମାନେ ଜଣେ ପ୍ରତିଷ୍ଠିତ ଚିତ୍ରକର କରିଥିବା ଅନୁମାନ କରୁଛନ୍ତି। ୪୫ ଦିନରେ କୌର ଏହି କାର୍ଯ୍ୟ ଶେଷ କରିପାରିଛନ୍ତି। ଏହି ସ୍କୁଲ୍‌ରେ ଷଷ୍ଠ ଶ୍ରେଣୀରେ ପଢୁଥିବାବେଳେ ସେ ଚିତ୍ର ଆଙ୍କିବା ଶିଖିଥିଲେ। ତାଙ୍କ ମା' ଚିତ୍ର ଆଙ୍କନ୍ତି ଓ ତାହା ଦେଖି ସେ ଖାତାରେ କରନ୍ତି। ଦ୍ୱାଦଶ ପାସ୍ କରିବା ପରେ ହରମନ ପଟିଆଲାର ଅଜାୟବ ଚିତ୍ରକର ଆର୍ଟ୍ସ ଆଣ୍ଡ୍ କ୍ରାଫ୍ଟିଂ ଟିଚର ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟରୁ ଆର୍ଟ୍ସ ଆଣ୍ଡ୍ କ୍ରାଫ୍ଟସ କୋର୍ସ କରିଛନ୍ତି। ସେ ପ୍ରତିଦିନ ୮ ଘଣ୍ଟା ପେଣ୍ଟିଂ ଲାଗି ସମୟ ଦେଉଛନ୍ତି।

### ୨୫ ବର୍ଷ ତଳର ଧରିତ୍ରୀ

୧୦ ଅକ୍ଟୋବର ୧୯୯୫

- ଦକ୍ଷିଣ ଆଫ୍ରିକାର ପୂର୍ବାଞ୍ଚଳ ପ୍ରଦେଶରେ ଆଭ୍ୟନ୍ତରୀଣ ଏବଂ ରାଜନୈତିକ ହିଂସାକାଣ୍ଡ ଘଟି ୫୮ ମୃତ।
- ପାରସ୍ପରିକ କ୍ଷେତ୍ରରେ ସହଯୋଗ ରକ୍ଷା ପାଇଁ ଇରାନ ଓ ଫିଲିପାଇନ୍ସ ମଧ୍ୟରେ ୭ଟି ରାଜିନାମା ସ୍ୱାକ୍ଷରିତ।
- ପ୍ରଖ୍ୟାତ କ୍ରିକେଟ୍ ଘୋଷକ ପିଅରସନ୍ ସୁରିତାଙ୍କ ୮୨ ବର୍ଷ ବୟସରେ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ

ମହାଶୟ,

ପୁଣ୍ୟ ଭୂମି ଭାରତବର୍ଷ ହେଉଛି ସୀତା, ସାବିତ୍ରୀ, ଦମୟନ୍ତୀ ଓ ଗାନ୍ଧାରୀଙ୍କ ପରି ସତୀ, ସ୍ୱାଧୀ ଓ ପତିବ୍ରତାମାନଙ୍କର ଦେଶ। ଏଭଳି ନାରୀ ହେଉଛନ୍ତି ସମଗ୍ର ନାରୀ ଜାତିର ଆଦର୍ଶ । ହେଲେ ଅଧୁନା ବଲିଉଡର ଯେଉଁ ଅଭିନେତ୍ରୀଙ୍କ ନାମରେ ମାରାତ୍ମକ ନିଶାସେବନ ଭଳି ସଂଗିନ ଅଭିଯୋଗ ଆସୁଛି, ସେମାନେ ଭୟଙ୍କର ନୁହନ୍ତି କି ? ସତରେ ଏମାନେ ହେଉଛନ୍ତି ସମଗ୍ର ମାତୃଜାତିର କଳଙ୍କ। ଏମାନେ ଦେଶକୁ ସ୍ୱାଧୀନ କରିଥିବା ବୀରାଙ୍ଗନାମାନଙ୍କ ତ୍ୟାଗ ଓ ବଳିଦାନକୁ ଭୁଲିଯାଉଛନ୍ତି। ସୁତରାଂ, କେନ୍ଦ୍ର ସରକାର ନିଜର ସିବିଆଇ ସଂସ୍ଥା ଦ୍ୱାରା ଏହି ଅଭିନେତ୍ରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ।

ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ତିହିଡ଼ି, ଭଦ୍ରକ

### ଅଚ୍ୟୁତପୀଠ ଅବହେଳିତ

କଟକ ଜିଲାର ସାଲେପୁର ନିକଟସ୍ଥ ମାଳିକା ବର୍ଣ୍ଣିତ ଅଚ୍ୟୁତାନନ୍ଦ ପୀଠକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିଥିଲେ ମଧ୍ୟ ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଏପରି କି ବହୁ ମାଳିକା ପୋଥି ନଷ୍ଟ ହୋଇଯାଇଛି । ଆଉ କିଛି ପୋଥି ସୁରକ୍ଷିତ ଅଛି । ଏହାକୁ ଅଧିକ ସୁରକ୍ଷିତ ରଖିବାକୁ ଗୁରୁତ୍ୱ ଦିଆଯାଉ । ଭବିଷ୍ୟ ମାଳିକାରେ ଉଲ୍ଲେଖନୀୟ ତଥ୍ୟ ରଚନା କରିଯାଇଛନ୍ତି ଅଚ୍ୟୁତାନନ୍ଦ । ପୀଠରେ ଭକ୍ତମାନଙ୍କ ରହଣି ପାଇଁ ବ୍ୟବସ୍ଥା ମଧ୍ୟ କରାଯାଉ।

-ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ପାଞ୍ଚ ଇନ୍ଦ୍ରିୟେ ଷଡ଼ରିପୁ କଲେ ବିହାର
ମହାତୋଷେ
ସରସ ହୋଇଲା ଏ ଦେହର ଦଶ ଦୁଆର
ନବରସେ।
-(ମନେ ନାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଡିସେମ୍ବର ପର୍ଯ୍ୟନ୍ତ ଆଗୁଆ କଳାକାର ଭତ୍ତା

ଭୁବନେଶ୍ୱର,(ବ୍ୟୁରୋ)- ଆସନ୍ତା ଡିସେମ୍ବର ପର୍ଯ୍ୟନ୍ତ ଆଗୁଆ କଳାକାର ଭତ୍ତା ପ୍ରଦାନ କରାଯିବ। ପୂର୍ବରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଗତ ସେପ୍ଟେମ୍ବର ପର୍ଯ୍ୟନ୍ତ ଭତ୍ତା ପ୍ରଦାନ କରାଯାଇଥିଲା। କୋଭିଡ୍-୧୯ ପରିସ୍ଥିତିକୁ ଦୃଷ୍ଟିରେ ରଖି ଅକ୍ଟୋବରରୁ ଡିସେମ୍ବର ପର୍ଯ୍ୟନ୍ତ ଆଗୁଆ ୩ମାସର କଳାକାର ଭତ୍ତା ଦେବା ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟର ପ୍ରତି ମାସରେ ୩୪,୬୫୩ ଜଣ କଳାକାରଙ୍କୁ ମାସିକ ୧୨୦୦ ଟଙ୍କା ଲେଖାଏ ମୋଟ ୪,୧୫,୮୩,୬୦୦ ଟଙ୍କା ପ୍ରଦାନ କରାଯାଉଛି। ଏଥର ୩ ମାସ ନିମନ୍ତେ ୧୨,୪୭,୫୦,୮୦୦ ଟଙ୍କାର ଭତ୍ତା ପୂର୍ବପରି ଜିଲାପାଳଙ୍କ ଜରିଆରେ ଦିଆଯିବ।



## ସଂକ୍ଷେପରେ

### ଭିଜିଲାନ୍ସ ଜାଲରେ ପ୍ରଧାନ ଶିକ୍ଷକ



ଭିଜିଲାନ୍ସ ଅଧିକାରୀମାନେ ସ୍କୁଲରେ କାଗଜପତ୍ର ଯାଞ୍ଚ କରୁଛନ୍ତି।

**ନବରଙ୍ଗପୁର/ରାଇଘର,୯।୧୦(ବି.ପ୍ର/ ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ରାଇଘର ବ୍ଲକ୍ ହାଟଭରଣ୍ଡି ଗୋପବନ୍ଧୁ ହାଇସ୍କୁଲ ପ୍ରଧାନ ଶିକ୍ଷକ ପୂର୍ଣ୍ଣାନନ୍ଦ ଧଳ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଜଣେ ଛାତ୍ରୀଙ୍କ ମା'ଙ୍କ ନାମ ସଂଶୋଧନ କରିବା ପାଇଁ ୨ହଜାର ଟଙ୍କା ଲାଞ୍ଚ ନେଇ ସେ ଶୁକ୍ରବାର ଧରାପଡ଼ିଛନ୍ତି। ସୂଚନା ଅନୁଯାୟୀ, ହାଟମହୁଲି ଗାଁର ଜଣେ ଛାତ୍ରୀଙ୍କ ସ୍କୁଲ ଲିଭିଙ୍ଗ ସାର୍ଟିଫିକେଟରେ ମାଆଙ୍କ ନାମ ସଂଶୋଧନ ପାଇଁ ପ୍ରଧାନ ଶିକ୍ଷକ ୨ହଜାର ଟଙ୍କା ଦାବି କରିଥିଲେ। ଏନେଇ ଛାତ୍ରୀଙ୍କ ବାପା ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଶୁକ୍ରବାର ଅପରାହ୍ନ ୫ଟାରେ ପ୍ରଧାନ ଶିକ୍ଷକ ଧଳ କ୍ୱାର୍ଟର୍ସରେ ୨ହଜାର ଟଙ୍କା ଲାଞ୍ଚ ନେବା ସମୟରେ କୋରାପୁଟ ଭିଜିଲାନ୍ସ ବିଭାଗ ଟିମ୍ ପହଞ୍ଚି ଗିରଫ କରିଛି। ଏଥିସହ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏ ନେଇ ବିଭାଗ ପକ୍ଷରୁ ୨୩/୨୦ ନଂ. ରେ ଏକ ମାମଲା ରୁଜୁ ହୋଇଛି।

### ବିଜେଡିକୁ ଫେରିଲେ ନାରାୟଣ

**ବାଲେଶ୍ୱର ଅଫିସ, ୯।୧୦:** ବାଲେଶ୍ୱର ନିର୍ବାଚନମଣ୍ଡଳୀର ଉପନିର୍ବାଚନ ପାଇଁ ଶୁକ୍ରବାର ବିଜ୍ଞପ୍ତି ଜାରି ହୋଇଛି। ୧୬ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ, ୧୭ରେ ପ୍ରାର୍ଥୀପତ୍ର ଯାଞ୍ଚ ଏବଂ ୧୯ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ସମୟ ନିର୍ଦ୍ଧାରଣ କରାଯାଇଥିବା ବେଳେ ଆସନ୍ତା ନଭେମ୍ବର ୩ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ ଯେତେ ପାଖଉଛି ଦଳୀୟ ନେତୃବର୍ଗଙ୍କ ହାଇପାୱାର ଡ୍ରାମା ଦେଖିବାକୁ ମିଳୁଛି। ଗତ ୭ତାରିଖ ସନ୍ଧ୍ୟାରେ ସଦର ବ୍ଲକ ଅଧକ୍ଷ ନାରାୟଣ ପ୍ରଧାନ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଥିଲେ। ସେତେବେଳେ ଦଳୀୟ ପଦାଧିକାରୀଙ୍କ ଅବହେଳା ଅଭିଯୋଗ ଆଣିଥିଲେ। ମାତ୍ର ୪୮ ଘଣ୍ଟା ମଧ୍ୟରେ ଶୁକ୍ରବାର ଭାଜପା ଛାଡ଼ି ପୁଣି ସେ ବିଜେଡିକୁ ଫେରିଥିବା ଜଣାପଡ଼ିଛି। ବିଧାୟକ ପ୍ରତାପ ଦେବଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ଆୟୋଜିତ ହୋଇଥିଲା ଏହି ମିଶ୍ରଣ ପର୍ବ। ବ୍ଲକ ଅଧକ୍ଷଙ୍କ ଘନିଷ୍ଠ ସହଯୋଗୀ କୁହାଯାଉଥିବା ଶକ୍ତିପଦ ରାୟ ନାରାୟଣଙ୍କ ସମର୍ଥକ ୩ ସରପଞ୍ଚ ଓ ୬ ସମିତିସଭ୍ୟଙ୍କୁ ନେଇ ବିଜେଡି ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ପାଖରେ ପହଞ୍ଚିଥିଲେ। ଏହାପରେ ଅଧକ୍ଷଙ୍କୁ ଭୁବନେଶ୍ୱର ଡକାଯାଇଥିଲା। ସେଠାରେ ଉଭୟ ବରିଷ୍ଠ ନେତା ବ୍ଲକ ଅଧକ୍ଷଙ୍କ ସହ ବିଚାର ବିମର୍ଷ ପରେ ତାଙ୍କର ଅଭିଯୋଗକୁ ସମାଧାନ କରି ଦଳକୁ ସ୍ୱାଗତ କରିଥିଲେ। ଅନ୍ୟପକ୍ଷରେ ଶକ୍ତିପଦଙ୍କ ଏପରି କାର୍ଯ୍ୟଦକ୍ଷତାକୁ ଦଳ ପକ୍ଷରୁ ପ୍ରଶଂସା କରାଯାଇଥିବା ବେଳେ ଭାଜପାକୁ ଝଟ୍କା ଲାଗିଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

### ନୂଆଦିଲ୍ଲୀକୁ ଆଉ ଦୁଇ ନୂଆ ସ୍ୱତନ୍ତ୍ର ଟ୍ରେନ୍

**ଭୁବନେଶ୍ୱର,୯।୧୦(ବ୍ୟୁରୋ):** ନୂଆଦିଲ୍ଲୀକୁ ଆହୁରି ଦୁଇଟି ସ୍ୱତନ୍ତ୍ର ଟ୍ରେନ୍ ଚଲାଇବ ପୂର୍ବତଟ ରେଳପଥ। ଅନୁଗୋଳ-ସମ୍ବଲପୁର-ଝାରସୁଗୁଡା-ରାଉରକେଲା ମାର୍ଗଦେଇ ଭୁବନେଶ୍ୱର-ଆନନ୍ଦ ବିହାର ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ ଚାଲିବ। ଅକ୍ଟୋବର ୧୭ରୁ ପ୍ରତି ଶନିବାର ଅପରାହ୍ନ ୧୨ଟା ୪୫ରେ ଭୁବନେଶ୍ୱରରୁ ଛାଡି ପରଦିନ ରାତି ୮ଟା ୫୦ରେ ଆନନ୍ଦ ବିହାରଠାରେ ପହଞ୍ଚିବ। ଅକ୍ଟୋବର ୧୯ରୁ ଆନନ୍ଦ ବିହାରରୁ ପ୍ରତି ସୋମବାର ସକାଳ ୭ଟା ୫ରେ ଛାଡି ଭୁବନେଶ୍ୱରରେ ପରଦିନ ଅପରାହ୍ନ ୪ଟା ୧୫ରେ ପହଞ୍ଚିବ। ସେହିଭଳି ବାଲେଶ୍ୱର ଓ ଆଦ୍ରା ମାର୍ଗ ଦେଇ ଭୁବନେଶ୍ୱର-ନୂଆଦିଲ୍ଲୀ ସାପ୍ତାହିକ ଦୂରନ୍ତ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ। ଅକ୍ଟୋବର ୨୧ରୁ ଏହା ଭୁବନେଶ୍ୱରରୁ ପ୍ରତି ବୁଧବାର ସକାଳ ୭ଟା ୪୦ରେ ଛାଡି ତା'ପରଦିନ ସକାଳ ୬ଟା ୨୫ରେ ନୂଆଦିଲ୍ଲୀରେ ପହଞ୍ଚିବ। ଅକ୍ଟୋବର ୨୨ରୁ ନୂଆଦିଲ୍ଲୀରୁ ପ୍ରତି ଗୁରୁବାର ଅପରାହ୍ନ ୧୨ଟା ୫୫ରେ ଛାଡି ପରଦିନ ପୂର୍ବାହ୍ନ ୧୧ଟା ୧୫ରେ ଭୁବନେଶ୍ୱରରେ ପହଞ୍ଚିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ୧୧୨୦ ଦୋକାନରେ ମିଳିବ ଫାଭିପିରାଭିର୍

ଭୁବନେଶ୍ୱର, ୯।୧୦(ବ୍ୟୁରୋ)

- ପୂର୍ବରୁ ୩ଶହ ଦୋକାନରେ ବିକ୍ରି ପାଇଁ ଅନୁମତି ଥିଲା
- ନୂଆ ଦୋକାନ ଚୟନ କରିବେ ଡ୍ରଗ୍ସ ଇନ୍ସପେକ୍ଟର



କରୋନା ଆକ୍ରାନ୍ତ ଚିକିତ୍ସା କ୍ଷେତ୍ରରେ ଫାଭିପିରାଭିର୍ ଔଷଧ ବ୍ୟବହାର କରାଯାଉଛି। ବିଶେଷକରି ହାମ୍ କ୍ୱାରାଣ୍ଟାଇନରେ ଥିବା ସଂକ୍ରମିତମାନେ ଏହି ଔଷଧ ଖାଇବା ପାଇଁ ରାଜ୍ୟ ସରକାର ଅନୁମତି ଦେଇଛନ୍ତି। ସରକାରୀ ସ୍ତରରେ ଫାଭିପିରାଭିର୍ ଟାବଲେଟ୍ ଦିଆଯାଉଥିବାବେଳେ ଡ୍ରଗ୍ସ ଓ କସ୍‌ମେଟିକ୍ସ ଆଇନ ଅନୁଯାୟୀ ଲାଇସେନ୍ସପ୍ରାପ୍ତ ଔଷଧ ଦୋକାନରେ ବିକ୍ରି ପାଇଁ ମଧ୍ୟ ଅନୁମତି ମିଳିଛି। ପୂର୍ବରୁ ରାଜ୍ୟର ୩ଶହଟି ଲାଇସେନ୍ସପ୍ରାପ୍ତ ଦୋକାନରେ ଫାଭିପିରାଭିର୍ ଉପଲବ୍ଧ ହୋଇଥିବାବେଳେ ଏବେ ଏହି ସଂଖ୍ୟା ୧୧୨୦କୁ ବୃଦ୍ଧି କରାଯାଇଛି। ଏନେଇ ଓଡ଼ିଶା ଡ୍ରଗ୍ସ କଣ୍ଟ୍ରୋଲ ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯିବା ସହ ନୂଆ ନିର୍ଦ୍ଦେଶନାମା ମଧ୍ୟ ଜାରି ହୋଇଛି।

ତେବେ କେଉଁ ସ୍ଥାନରେ କେତେ ସଂଖ୍ୟକ ଔଷଧ ଦୋକାନରେ ଏହା ଉପଲବ୍ଧ ହେବ ତାହା ନିର୍ଦ୍ଦେଶାଳୟ ପକ୍ଷରୁ ଧାର୍ଯ୍ୟ କରାଯାଇଛି। ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲା ମହାନଗର ନିଗମ ଅଞ୍ଚଳରେ ଅତି ବେଶିରେ ୪୦ଟି ଲେଖାଏ ଔଷଧ ଦୋକାନରେ ଫାବିଫିରାଭିର୍ ଉପଲବ୍ଧ ହେବ। ସେହିପରି ଅନୁଗୋଳ, ମୟୂରଭଞ୍ଜ ଓ ସମ୍ବଲପୁର ଜିଲାରେ ସର୍ବାଧିକ ୬୦ଟି ଲେଖାଏ ଦୋକାନରେ ଏହି ଔଷଧ ବିକ୍ରି ପାଇଁ ଅନୁମତି ମିଳିଥିବାବେଳେ ସୁନ୍ଦରଗଡ଼, ବଲାଙ୍ଗୀର ଓ ଢେଙ୍କାନାଳରେ ୫୦ ଲେଖାଏ, ବାଲେଶ୍ୱର, କଳାହାଣ୍ଡି, କେନ୍ଦୁଝର ଓ ବରଗଡ଼ରେ ୪୦ ଲେଖାଏ, ଜଗତସିଂହପୁର, ଯାଜପୁର, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, କୋରାପୁଟ, ନୟାଗଡ଼, ପୁରୀ, ଭଦ୍ରକ ଓ ସୋନପୁରରେ ୩୦ଟି ଲେଖାଏ, ଫୁଲବାଣୀ ଓ ରାୟଗଡ଼ାରେ ୨୫ ଲେଖାଏ, କଟକ, ଖୋର୍ଦ୍ଧା ଓ ଗଞ୍ଜାମରେ ୨୦ ଲେଖାଏ, ଗଜପତି, ମାଲକାନଗିରି, ନୂଆପଡ଼ା ଓ ନବରଙ୍ଗପୁରରେ ୧୫ ଲେଖାଏ ଏବଂ ବୌଦ୍ଧ ଓ ଦେବଗଡ଼ରେ ସର୍ବାଧିକ ୧୦ଟି ଲେଖାଏ ଔଷଧ ଦୋକାନରେ ଫାଭିପିରାଭିର୍ ଔଷଧ ବିକ୍ରି ହୋଇପାରିବ। କେଉଁ ଔଷଧ ଦୋକାନକୁ ଏଥିପାଇଁ ଅନୁମତି ଦିଆଯିବ ଡ୍ରଗ୍ସ ଇନ୍ସପେକ୍ଟରମାନେ ତାହା ଚିହ୍ନଟ କରିବେ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

# ଭିଜିଲାନ୍ସ ଜାଲରେ ସହକାରୀ ନିର୍ବାହୀ ଯନ୍ତ୍ରୀ

ନୂଆପଡା ଅଫିସ,୯।୧୦

ପେଟ୍ରୋଲ ପମ୍ପ ପାଇଁ ଏନ୍‌ଓସି ଦେବାକୁ ଲାଞ୍ଚ ନେଉଥିଲେ



ଗିରଫ ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଯୋଗ ମେହେର।

ନୂଆପଡ଼ା ଜିଲା ଗୋହିରାପଦର ଗାଁ ନିକଟରେ ଏକ ପେଟ୍ରୋଲ ପମ୍ପ ସ୍ଥାପନ ସକାଶେ ଏନ୍‌ଓସି (ନୋ ଅବଜେକ୍ସନ ସାର୍ଟିଫିକେଟ) ଦେବା ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେବା ଏନ୍‌ଏଚ୍ (ଜାତୀୟ ରାଜପଥ) ବିଭାଗର ଜଣେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ମହଙ୍ଗା ପଡ଼ିଛି। ଏହି ଯନ୍ତ୍ରୀ ଜଣକ ହେଉଛନ୍ତି ସଂଯୋଗ ମେହେର। ଶୁକ୍ରବାର ପୂର୍ବାହ୍ନ ୧୧ଟାବେଳେ ଖଡ଼ିଆଳରୋଡସ୍ଥିତ ତାଙ୍କ ସରକାରୀ ବାସଭବନରେ ସେ ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଦ୍ୱାରା ଧରା ପଡିଛନ୍ତି।

ଖଡ଼ିଆଳ ରୋଡର ସୁଶାନ୍ତ କୁମାର କହ୍ଲୋରାସ ତରବୋଡ ପଞ୍ଚାୟତ ଗୋହିରାପଦର ଗାଁ ନିକଟରେ ଏକ ପେଟ୍ରୋଲ ପମ୍ପ ସ୍ଥାପନ ଲାଗି ଟେଣ୍ଡର ପାଇଛନ୍ତି। ହେଲେ ଏହା ଜାତୀୟ ରାଜପଥ ନଂ.୩୫୩ କଡରେ ନିର୍ମାଣ ହେବାକୁ ଥିବାରୁ ଏନ୍‌ଏଚ୍ ବିଭାଗରୁ ନୋ ଅବଜେକ୍ସନ ସାର୍ଟିଫିକେଟ ଆବଶ୍ୟକ। ଏଣୁ ଗତ ସେପ୍ଟେମ୍ବର ମାସ ୧୫ତାରିଖରେ ଖଡ଼ିଆଳ ରୋଡ଼ରେ ଥିବା ଜାତୀୟ ରାଜପଥ ବିଭାଗ ଅଫିସରେ ସେ ଏଥିଲାଗି ଆବେଦନ କରିଥିଲେ। ହେଲେ ଏଥିପାଇଁ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଥମେ ୧ ଲକ୍ଷ ଟଙ୍କା ଦାବି କରିଥିଲେ। ପରେ ୨୦ହଜାର ଟଙ୍କାରେ ଜବାବ ଛିଣ୍ଡିଥିଲା। ଏହାକୁ ନେଇ ଅଭିଯୋଗକାରୀ କୋରାପୁଟ ଡିଭିଜନ ଭିଜିଲାନ୍ସ ଅଫିସରେ ଅଭିଯୋଗ କରିଥିଲେ। ଏହାପରେ ତାଙ୍କୁ ଧରିବାକୁ ଭିଜିଲାନ୍ସ ଯୋଜନା ପ୍ରସ୍ତୁତ କରିଥିଲା। ଟଙ୍କା ନେବା ସମୟରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ତେବେ ତାଙ୍କଠାରୁ ସମସ୍ତ କାଗଜପତ୍ର ଜବତ କରାଯିବା ସହ ତଦନ୍ତ ଜାରି ରହିଛି। ତାଙ୍କ ବିରୋଧରେ ଏକ ମାମଲା (ନଂ.୨୦/୨୦) ରୁଜୁ କରି ଭବାନୀପାଟଣା କୋର୍ଟ ଚାଲାଣ କରାଯାଇଥିବା କଳାହାଣ୍ଡି ଭିଜିଲାନ୍ସ ଡିଏସ୍‌ପି (ନୂଆପଡା ଇନଚାର୍ଜ) ସତ୍ୟବାନ ମହାନନ୍ଦ ସୂଚନା ଦେଇଛନ୍ତି।

# ଆଜି ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ



ଅଧିକାରୀମାନଙ୍କ ସହ ୫-ଟି ସଚିବ ଭି.କେ.ପାଣ୍ଡିଆନ ଆଲୋଚନା କରୁଛନ୍ତି।

କଟକ ଅଫିସ, ୯।୧୦

- ଏସ୍‌ସିବିକୁ ରାସ୍ତା ସମ୍ପ୍ରସାରଣ
- କାର୍ଯ୍ୟ ଅନୁଧ୍ୟାନ କଲେ ୫-ଟି ସଚିବ

ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ଉନ୍ନତିମୂଳକ କାର୍ଯ୍ୟ ଜାରି ରହିଛି। ମେଡିକାଲକୁ ସଂଯୋଗ କରୁଥିବା ରାଣୀହାଟଠାରୁ ଯୋବ୍ରା ବ୍ୟାରେଜ ପର୍ଯ୍ୟନ୍ତ ତାଳଦଣ୍ଡା କେନାଲର ଉଭୟ ପାର୍ଶ୍ୱ ୬ ଲେନ ବିଶିଷ୍ଟ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଶେଷ ହୋଇଛି। ଶୁକ୍ରବାର ଏହି କାର୍ଯ୍ୟର ସମୀକ୍ଷା କରିଛନ୍ତି ୫-ଟି ସଚିବ ଭି.କେ.ପାଣ୍ଡିଆନ। ଭୋର ପ୍ରାୟ ୫ଟାରେ ୫-ଟି ସଚିବ ପାଣ୍ଡିଆନ ଯୋବ୍ରା ଅଞ୍ଚଳରେ ପହଞ୍ଚିଥିଲେ। ଯୋବ୍ରାଠାରୁ ରାଣୀହାଟ ପର୍ଯ୍ୟନ୍ତ ତାଳଦଣ୍ଡା କେନାଲ ଉଭୟ ପାର୍ଶ୍ୱରେ ନବନିର୍ମିତ ରାସ୍ତା କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଶନିବାର ଏହି ନୂତନ ରାସ୍ତାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ କାର୍ଯ୍ୟକ୍ରମ ମାଧ୍ୟମରେ ଉଦ୍‌ଘାଟନ କରିବେ।

ଶୁକ୍ରବାର ୫-ଟି ସଚିବ ପାଣ୍ଡିଆନ୍ ସ୍ଥିତି ଅନୁଧ୍ୟାନ ସମୟରେ କଟକ ସହରର ବିକାଶ ନେଇ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ସହରର ଟ୍ରାଫିକ ସମସ୍ୟା ଦୂର ପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିବାକୁ ଅଧିକାରୀମାନଙ୍କୁ କହିଥିଲେ। ସମସ୍ତ ମୁଖ୍ୟରାସ୍ତା ପ୍ରଶସ୍ତୀକରଣ ପାଇଁ ସର୍ଭେ କରାଯିବାକୁ ସେ ପରାମର୍ଶ ଦେଇଥିଲେ। ଏଥିମଧ୍ୟରେ ରାଣୀହାଟ-ତାଳଦଣ୍ଡା ରାସ୍ତା ମଧ୍ୟ ରହିଛି। ଏହାଦ୍ୱାରା ତାଳଦଣ୍ଡା ପାର୍ଶ୍ୱରେ ବସବାସ କରୁଥିବା ବସ୍ତିବାସିନ୍ଦାଙ୍କର ଯେପରି ଅସୁବିଧା ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ। ବସ୍ତି ଉଚ୍ଛେଦ ପୂର୍ବରୁ ସେମାନଙ୍କୁ ଥଇଥାନ କରାଯିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହା ବ୍ୟତୀତ ସେ ମାଲଗୋଦାମ, ଛତ୍ରବଜାର ଆଦି ଅଞ୍ଚଳ ପରିଦର୍ଶନ କରିଥିବା ଜଣାପଡ଼ିଛି। ଏହି ସମୟରେ ତାଙ୍କ ସହ ୱାର୍କ ସେକ୍ରେଟାରି ଡ. କୃଷ୍ଣ କୁମାର, ଜିଲାପାଳ ଭାବନୀ ଶଙ୍କର ଚୟନୀ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ, ସିଏମ୍‌ସି କମିଶନର ଅନନ୍ୟା ଦାସ, ଡିସିପି ପ୍ରତୀକ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ସଡ଼କ ଦୁର୍ଘଟଣାରେ ବାପା ମୃତ, ମା', ପୁଅ ଗୁରୁତର

କେନ୍ଦୁଝର, ୯।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ନରଣପୁରଠାରୁ ବ୍ରାହ୍ମଣୀପାଳ ରାସ୍ତାର ଖଡ଼ିବାହାଳୀ ଛକ ନିକଟରେ ଶୁକ୍ରବାର ଏକ ବାଇକ୍‌କୁ ଟ୍ରକ୍ ଧକ୍କା ଦେବାରୁ ବାପାଙ୍କ ମୃତ୍ୟୁ ହୋଇଥିବା ବେଳେ ମା' ଓ ସାନପୁଅ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସୁଦର୍ଶନ ମହାକୁଡ। ମୟୂରଭଞ୍ଜ ଜିଲା ତୁଳସୀବଣୀସ୍ଥିତ ଶଶୁର ଘରୁ ଏକ ବାଇକ ଯୋଗେ ସୁଦର୍ଶନ, ତାଙ୍କ ସ୍ତ୍ରୀ ରାଇମଣି ଓ ଦୁଇପୁଅ ରାହୁଲ(୯) ଓ ଚିନ୍ମୟ(୬) ଯାଜପୁର ଜିଲା କାଳିଆପାଣିସ୍ଥିତ ନିଜ ଘରକୁ ଫେରୁଥିଲେ। ଅପରାହ୍ନ ୪ଟା ବେଳେ ଖଡ଼ିବାହାଳୀ ଛକ ନିକଟରେ ଅଚାନକ ବିପରୀତ ଦିଗରୁ ଏକ ଲୁହାପଥର ବୋଝେଇ ଟ୍ରକ ଆସି ଧକ୍କା ଦେଇଥିଲା। ଫଳରେ ବାଇକରୁ ଛିଟିକି ପଡ଼ି ସମସ୍ତେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସକୁ ଫୋନ ଯୋଗେ ଜଣାଇଥିଲେ। ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଚିକିତ୍ସାଳୟରେ ଡାକ୍ତର ସୁଦର୍ଶନଙ୍କୁ ମୃତ ଘୋଷଣା କରିଥିଲେ। ରାଇମଣି ଓ ପୁଅ ଚିନ୍ମୟଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ହରିଚନ୍ଦନପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ପରିବାର ଲୋକଙ୍କୁ ଖବର ଦେଇ ଘଟଣାର ତଦନ୍ତ ଆରମ୍ଭ କରିଛି।

# ରାଜ୍ୟ ସ୍ଥିତି ଚିନ୍ତାଜନକ: ଚେଲ୍ଲା କୁମାର

ଭୁବନେଶ୍ୱର, ୯।୧୦(ବ୍ୟୁରୋ)

ଓଡ଼ିଶା ଭଳି ପ୍ରାକୃତିକ ସମ୍ପଦରେ ଭରପୂର ରାଜ୍ୟର ଜନତା କର୍ମନିଯୁକ୍ତି ନ ପାଇ ଦାଦନ ଖଟିବାକୁ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଶାସନ ଗାଦିରେ ୨୧ ବର୍ଷ ଧରି ରହିବା ସତ୍ତ୍ୱେ ନିଯୁକ୍ତି ସୁଯୋଗ ସୃଷ୍ଟି କରି ନ ପାରିବା ଶାସକ ଦଳର ଅପାରଗତାକୁ ପଦାରେ ପକାଇଛି। ରାଜ୍ୟର ଆର୍ଥିକସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ବୋଲି କହିଛନ୍ତି ପ୍ରଦେଶ କଂଗ୍ରେସ କମିଟି (ପିସିସି) ପ୍ରଭାରୀ ଚେଲ୍ଲା କୁମାର। ଶୁକ୍ରବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିବା ସହିତ ସେ ଏପରି ବିଷୋଦ୍‌ଗାର କରିଥିଲେ।

୨୦୦୦ରେ ରାଜ୍ୟର ଋଣ ପରିମାଣ ୧୮,୧୦୦ କୋଟି ଥିଲା। ବର୍ତ୍ତମାନ ଏହା ୧,୩୦,୦୦୦ କୋଟିରେ ପହଞ୍ଚିଛି। ରାଉରକେଲା ଷ୍ଟିଲ ପ୍ଲାଣ୍ଟ, ପାରାଦ୍ୱୀପ ପୋର୍ଟ, ନାଲ୍‌କୋ ଓ ହାଲ୍ ଆଦି କଂଗ୍ରେସ ଶାସନ ସମୟରେ ପ୍ରତିଷ୍ଠା ହୋଇଥିଲା। ୨.୫ ଲକ୍ଷ ମଧ୍ୟମ ଓ କ୍ଷୁଦ୍ର ଶିଳ୍ପ, ୯ ସୂତାକଳ ସ୍ଥାପନ କରାଯାଇଥିଲା। ଏବେ ଅଧିକାଂଶ ଶିଳ୍ପ ପ୍ରତିଷ୍ଠାନ ବନ୍ଦ ହୋଇଯାଇଛି। କୃଷିପ୍ରଧାନ ଓଡ଼ିଶାରେ କଂଗ୍ରେସ ସରକାର ସମୟରେ ବୃହତ୍ ଜଳସେଚନ ପ୍ରକଳ୍ପ ହୀରାକୁଦ ଡ୍ୟାମ, ରେଙ୍ଗାଲି ପ୍ରୋଜେକ୍ଟ, ସୁବର୍ଣ୍ଣରେଖା ପ୍ରୋଜେକ୍ଟ, ଅପର ଇନ୍ଦ୍ରାବତୀ, ଲୋୟର ଇନ୍ଦ୍ରାବତୀ, କୋଲାବ ସମେତ ୧୨ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଗତ ୨୧ ବର୍ଷରେ ଗୋଟିଏ ବି ଜଳସେଚନ ପ୍ରକଳ୍ପ ହୋଇନାହିଁ। ଏହା ବିଜେଡି ସରକାରଙ୍କ ପ୍ରଶାସନିକ ବିଫଳତାର ଉଦାହରଣ। କୋଭିଡ୍ ସମୟରେ ଫେରିଥିବା ପ୍ରବାସୀ ଶ୍ରମିକ ରୋଜଗାର ନ ପାଇ ପୁଣି ବାହାର ରାଜ୍ୟକୁ ଯିବା ଆରମ୍ଭ କଲେଣି। ଓଡ଼ିଶା ସରକାରଙ୍କ ସ୍କିଲ୍ ମ୍ୟାପିଂ କାର୍ଯ୍ୟ ଘୋଷଣାରେ ସୀମିତ ରହିଛି। ଶିକ୍ଷାକ୍ଷେତ୍ରରେ ମଧ୍ୟ ସ୍ଥିତି ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ପ୍ରାଥମିକସ୍ତରରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ଓଡ଼ିଶାରେ ସର୍ବାଧିକ। ପାଖାପାଖି ୨୦ ହଜାର ସ୍କୁଲ ବନ୍ଦ ହେବାକୁ ବସିଛି। ନିକଟରେ ଅଣାଯାଇଥିବା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ୍ ବିଶ୍ୱବିଦ୍ୟାଳୟରେ ସରକାରୀ ହସ୍ତକ୍ଷେପ ପାଇଁ ରାସ୍ତା ପରିଷ୍କାର କରିଛି। ରାଜ୍ୟର ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ୫ ବର୍ଷରୁ କମ୍ ଶିଶୁଙ୍କ ମୃତ୍ୟୁହାରରେ ଓଡ଼ିଶା ଆଗରେ। ନିର୍ବାଚିତ ପ୍ରତିନିଧିଙ୍କ ଦ୍ୱାରା ଶାସନ ଚାଲିବା ପରିବର୍ତ୍ତେ ହାତଗଣତି ପ୍ରଶାସନିକ ଅଧିକାରୀ ଏହାକୁ ନିୟନ୍ତ୍ରଣ କରୁଛନ୍ତି। ବିଧାୟକ ତଥା ମନ୍ତ୍ରୀଙ୍କ ପ୍ରଶାସନିକ କାର୍ଯ୍ୟରେ କୌଣସି ଭୂମିକା ରହୁନାହିଁ। ପଞ୍ଚାୟତିରାଜ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ୍ ମାରିଛି ବୋଲି ଚେଲ୍ଲା କୁମାର ଅଭିଯୋଗ ଆଣିଛନ୍ତି।

## ଫାଷ୍ଟଫୁଡ୍ ଦୋକାନରେ ନିଆଁ, ୭ ଆହତ



ଜଳୁଛି ଫାଷ୍ଟଫୁଡ୍ ଦୋକାନ।

ବାଲେଶ୍ୱର ଅଫିସ, ୯।୧୦

ବାଲେଶ୍ୱର ଜିଲା ରେମୁଣା ବଜାରରେ ଥିବା ଏକ ଫାଷ୍ଟଫୁଡ୍ ଦୋକାନରେ ଏଲ୍‌ପିଜି ସିଲିଣ୍ଡରରୁ ପାଇପ୍ ଖସି ଶୁକ୍ରବାର ସନ୍ଧ୍ୟାରେ ନିଆଁ ଲାଗିଛି। ଏଥିରେ ୭ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ୩ଜଣଙ୍କୁ ଅଧିକ ଚିକିତ୍ସା ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସନ୍ଧ୍ୟା ପ୍ରାୟ ୭ଟା ବେଳେ ଫାଷ୍ଟଫୁଡ ଦୋକାନରେ ବସି ୪ଜଣ ଝିଅ, ଜଣେ ମହିଳା, ଜଣେ ପୁରୁଷ ଓ ଜଣେ ପିଲା ଚାଓମିନ୍ ଖାଉଥିଲେ। ଏହି ସମୟରେ ଅଗ୍ନିକାଣ୍ଡ ଘଟିଥିଲା। ଦୋକାନରେ ଥିବା ଗ୍ରାହକ ଚିତ୍କାର କରିବାରୁ ନିକଟସ୍ଥ ଦୋକାନୀ ଏବଂ ସ୍ଥାନୀୟ ଲୋକେ ଦୌଡ଼ି ଆସିଥିଲେ। ସେମାନେ ସିଲିଣ୍ଡର ଉପରେ ବାଲି ବସ୍ତା ପକାଇ ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହେବା ସହ ୭ଜଣଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରିଥିଲେ।

# 'କୋଭିଡ୍ ନିୟମକୁ ମାନୁନାହାନ୍ତି ଅପରାଜିତା'

ଭୁବନେଶ୍ୱର, ୯।୧୦(ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ଦିବ୍ୟଶଙ୍କର

ଭାଜପା ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ବିରୋଧରେ କେନ୍ଦ୍ର ନିକଟରେ ରାଜ୍ୟ ସରକାର ଅଭିଯୋଗ କରିଛନ୍ତି। ଷଡ଼ଙ୍ଗୀ ତାଙ୍କ ଜନ୍ମଦିନ ପାଳନବେଳେ କୋଭିଡ ନିୟମର ଉଲ୍ଲଂଘନ କରିଥିବା ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାଏଙ୍କୁ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଚିଠି ଲେଖି ଜଣାଇଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଷଡ଼ଙ୍ଗୀ ବାରମ୍ବାର କୋଭିଡ୍ ନିୟମ ଉଲ୍ଲଂଘନ କରିଛନ୍ତି। ଏଭଳି ଦାୟିତ୍ୱହୀନ କାର୍ଯ୍ୟ ପାଇଁ ଷଡ଼ଙ୍ଗୀଙ୍କ ସମେତ ଅନ୍ୟମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ଏମ୍‌ପି କୋଭିଡ ନିୟମ ପାଳନରେ ସମସ୍ତଙ୍କ ଆଦର୍ଶ ହେବା କଥା। ଭୁବନେଶ୍ୱରରେ କରୋନାରେ ୧୦୯ଜଣଙ୍କ ଜୀବନ ଯାଇଛି। ଏଭଳି ସମୟରେ ଷଡ଼ଙ୍ଗୀଙ୍କ ଜନ୍ମଦିନ ପାଳନ ସ୍ଥିତିକୁ ପରିହାସ କରୁଛି। ଜନ୍ମଦିନ ଉତ୍ସବରେ ବହୁ ମହିଳା ବିନା ମାସ୍କରେ ଏବଂ ସାମାଜିକ ଦୂରତା ନିୟମକୁ ନ ମାନି ନାଚୁଥିବା ଦେଖିବାକୁ ମିଳିଛି। ଏଥିରେ ନ୍ୟାଶନାଲ ଡିଜାଷ୍ଟର ମ୍ୟାନେଜମେଣ୍ଟ ଆକ୍ଟର ଖୋଲା ଉଲ୍ଲଂଘନ ହୋଇଛି। ଏହା ପ୍ରଥମ ଘଟଣା ନୁହେଁ। ଏଭଳି ୩ଥର ନିୟମ ଉଲ୍ଲଂଘନ କରିବା ନେଇ ଏମ୍‌ପିଙ୍କ ବିରୋଧରେ ମାମଲା ହୋଇଛି। ଏହି ଚିଠି ନିଶ୍ଚିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଦୃଷ୍ଟିକୁ ଆଣି ଏମ୍‌ପିଙ୍କୁ ତାଗିଦ କରିବେ ବୋଲି ଦିବ୍ୟଶଙ୍କର ଚିଠିରେ ଉଲ୍ଲେଖ କରିଛନ୍ତି। ଚିଠିର ଉତ୍ତରରେ ଅପରାଜିତା ପାଲଟା ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି, ଦୁଇଟି ଘଟଣାରେ ଦୁଇଜଣ ଲୋକଙ୍କ ପ୍ରତି ଭିନ୍ନ ନିୟମ କ'ଣ ପାଇଁ ବୋଲି ସେ ପ୍ରଶ୍ନ କରିଛନ୍ତି। କିଛିଦିନ ତଳେ ବିଧାୟକ ପ୍ରଦୀପ ମହାରଥୀଙ୍କ ଅନ୍ତ୍ୟେଷ୍ଟିରେ ଏଭଳି କିଛି ଘଟିଥିଲା। ଜଣେ ମନ୍ତ୍ରୀ ଏବଂ ଆଉ ଜଣେ ବିଧାୟକ ସଂକ୍ରମିତ ଥାଇ ଅନ୍ତ୍ୟେଷ୍ଟିକୁ ଯାଇଥିଲେ। ସେ କ୍ଷେତ୍ରରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ଏନେଇ ମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ଚିଠି କରିଛନ୍ତି କି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ପ୍ରଧାନମନ୍ତ୍ରୀ କରୋନା ନିୟମ ମାନିବାକୁ କହିଛନ୍ତି। ନ ମାନିବାର ପ୍ରଶ୍ନ ଉଠୁନାହିଁ ବୋଲି ଅପରାଜିତା କହିଛନ୍ତି।

# ବିସ୍ଫୋରଣସ୍ଥଳରୁ ମିଳିଲା ମଣିଷ କଙ୍କାଳ

ଭୁବନେଶ୍ୱର,୯।୧୦(ବ୍ୟୁରୋ)

**ପେଟ୍ରୋଲ ପମ୍ପରେ ବିସ୍ଫୋରଣ ଘଟଣା**

- ଯାଞ୍ଚବେଳେ ସହଯୋଗ କରିଥିଲେ ଗ୍ୟାରେଜ ମିସ୍ତ୍ରି
- ଡିଏନ୍‌ଏ ଟେଷ୍ଟ ରିପୋର୍ଟ ଆସିବା ପରେ ପରିଚୟ ସ୍ପଷ୍ଟ ହେବ



ରାଜଭବନ ନିକଟ ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପରେ ଘଟିଥିବା ବିସ୍ଫୋରଣର ତୃତୀୟ ଦିନରେ ତଦନ୍ତକୁ ତ୍ୱରାନ୍ୱିତ କରାଯାଇଛି। କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ ଆଣ୍ଡ ଏକ୍ସପ୍ଲୋସିଭ୍ ସେଫ୍ଟି ଅର୍ଗାନାଇଜେଶନ (ପେସୋ) ଅଧିକାରୀଙ୍କ ସମେତ ରାଜ୍ୟ ଫରେନ୍‌ସିକର ୫ଜଣିଆ ଟିମ୍ ଏଥିରେ ସାମିଲ୍ ଅଛନ୍ତି। ଅନ୍ୟପକ୍ଷରେ ବିସ୍ଫୋରଣଠାରୁ ନିଖୋଜ ଥିବା ସାଇଟ୍ ଇଞ୍ଜିନିୟର ଗଞ୍ଜାମର ସୀମାଞ୍ଚଳ ପରିଡ଼ାଙ୍କ ପରିବାର ଲୋକେ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତକୁ ବ୍ୟାପକ କରିଛି। ଏପରିସ୍ଥିତିରେ ବିସ୍ଫୋରଣସ୍ଥଳକୁ ଖୋଳିବାବେଳେ ଶୁକ୍ରବାର ସେଠାରେ ଏକ ମଣିଷ କଙ୍କାଳ ମିଳିଛି। ଉକ୍ତ କଙ୍କାଳକୁ କ୍ୟାପିଟାଲ ଥାନା ପୋଲିସ ଜବତ କରି ଅଧିକ ତଦନ୍ତ କରୁଛି। ସାଇଣ୍ଟିଫିକ ଟିମ୍‌ର ଡିଏନ୍‌ଏ ଟେଷ୍ଟ ରିପୋର୍ଟ ଆସିବା ପରେ କଙ୍କାଳଟି ନିଖୋଜ ସୀମାଞ୍ଚଳଙ୍କର କି ନୁହେଁ ତାହା ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି।

ଏପଟେ ସାଇଣ୍ଟିଫିକ ଟିମ ସିସିଟିଭି ଫୁଟେଜଠାରୁ ଆରମ୍ଭ କରି ବିସ୍ଫୋରଣସ୍ଥଳରେ ଚିକିନିଖି ଯାଞ୍ଚ ଚଳାଇଛନ୍ତି। ଦିନକୁ ଦିନ ନୂଆ ତଥ୍ୟ ମିଳୁଛି। ଘଟଣା ଦିନ ଉକ୍ତ ପେଟ୍ରୋଲ ପମ୍ପର ସିଏନ୍‌ଜି ୟୁନିଟ୍‌ର ଅଣ୍ଡରଗ୍ରାଉଣ୍ଡ୍ ଚାମ୍ବର ଯାଞ୍ଚ ସହ ଏଲ୍‌ପିଜି ରିଫିଲିଂ ସମୟରେ ତାହା ବିସ୍ଫୋରିତ ହୋଇଥିଲା। ଟାଙ୍କିକୁ ସଂଯୋଗ କରୁଥିବା ଭାଲ୍‌ଭ ଖୋଲିବା ସମୟରେ ଅସାବଧାନତା କାରଣରୁ ତାହା ନାଇଟ୍ରୋଜେନ ସଂସ୍ପର୍ଶରେ ଆସିବାରୁ ଏହି ଭୟଙ୍କର ବିସ୍ଫୋରଣ ହୋଇଥିଲା ବୋଲି ଫରେନସିକ ଟିମ୍‌ର ତଦନ୍ତକାରୀ ଅଧିକାରୀଙ୍କ ପକ୍ଷରୁ ସୂଚନା ମିଳିଛି। ତେବେ ସବୁଠାରୁ ବଡ କଥା ହେଉଛି ଘଟଣାସ୍ଥଳରେ ଗ୍ୟାସ ଭର୍ତ୍ତି ସମୟରେ ଅଭିଜ୍ଞ ଲୋକଙ୍କ ଉପସ୍ଥିତି ଜରୁରୀ ହୋଇଥାଏ। ମାତ୍ର ଉକ୍ତ କାର୍ଯ୍ୟରେ ଭୁବନେଶ୍ୱରର ଏକ ମୋଟର ଗ୍ୟାରେଜ ମିସ୍ତ୍ରି ତଥା ଡ୍ରାଇଭର ଗ୍ୟାସ ଟାଙ୍କି ଓ ପାଇପ୍‌ରେ ନଟ୍‌ବୋଲ୍ଟ ଟାଇଟ୍ କରିବାରେ ସହଯୋଗ କରିବା ପରେ ନିକଟରେ ଠିଆ ହୋଇ ଦେଖୁଥିଲେ। ବିସ୍ଫୋରଣରେ ସେ ମଧ୍ୟ ଆହତ ହୋଇଥିବା ଜଣାପଡିଛି। ଏହି କାର୍ଯ୍ୟ ଯାଞ୍ଚ କରୁଥିବା କୋଲକାତା ସଂସ୍ଥାର ଏପରି ଖାମଖିଆଲି ପାଇଁ ବିସ୍ଫୋରଣ ଘଟିଥିବା ମଧ୍ୟ କୁହାଯାଉଛି।

ଅନ୍ୟପଟେ ବିସ୍ଫୋରଣ ସ୍ଥଳରେ ଉପସ୍ଥିତ ଥିବା ୪ଜଣଙ୍କ ପରିଚୟ ମିଳିପାରିଛି। ସୂର୍ଯ୍ୟ ଶକ୍ତି ଭେସେଲ ପ୍ରାଇଭେଟ ଲିମିଟେଡର ଇଞ୍ଜିନିୟର ହର୍ଷବର୍ଦ୍ଧନ ଶ୍ରୀବାସ୍ତବ, ଇଂ. ସୀମାଞ୍ଚଳ ପରିଡା, ସତ୍ୟ ନାୟକ ଓ ଗ୍ୟାରେଜ ମିସ୍ତ୍ରି ଅଲେଖ ମଲ୍ଲିକ। କଟକ ଏସ୍‌ସିବିରେ ଚିକିତ୍ସାଧୀନ ଅବସ୍ଥାରେ ସତ୍ୟଙ୍କର ମୃତ୍ୟୁ ଘଟିଥିବାବେଳେ ଇଞ୍ଜିନିୟର ହର୍ଷବର୍ଦ୍ଧନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଛି। ସେହିଭଳି ଗୁରୁତର ଆହତ ଗ୍ୟାରେଜ ମିସ୍ତ୍ରି ଅଲେଖ ମଧ୍ୟ ସୁସ୍ଥ ହେଉଛନ୍ତି। ତେବେ ନିଖୋଜ ଥିବା ଇଂ. ସୀମାଞ୍ଚଳଙ୍କୁ ନେଇ ନାନା ସନ୍ଦେହ ପ୍ରକାଶ ପାଇଛି। ବିସ୍ଫୋରଣ ପରେ ଘଟଣାସ୍ଥଳ ଓ ଆଖପାଖରେ ଖଣ୍ଡବିଖଣ୍ଡିତ ଅବସ୍ଥାରେ ପଡିଥିବା ମାଂସ ଓ ଶରୀରର ବିଭିନ୍ନ ଅଙ୍ଗ ମିଳିଥିବାବେଳେ ଶୁକ୍ରବାର ମାଟିତଳୁ ମଣିଷ କଙ୍କାଳ ମିଳିବା ପରେ ନିଖୋଜ ସୀମାଞ୍ଚଳଙ୍କୁ ନେଇ ନାନା ଆଲୋଚନା ଚାଲିଛି।

## ଗୁଳିମାଡ଼ରେ ଠିକାଦାର ଆହତ

ନୂଆପଡା ଅଫିସ/ଖଡିଆଳ,- ନୂଆପଡ଼ା ଜିଲା ଖଡିଆଳ ସହରରେ ଶୁକ୍ରବାର ସନ୍ଧ୍ୟାରେ ଏକ ଠିକା କାମକୁ ନେଇ ଜଣେ ଠିକାଦାରଙ୍କୁ ଗୁଳିମାଡ଼ ହୋଇଛି। ପବନ ଅଗ୍ରୱାଲ (୫୫)ନାମକ ଏହି ଠିକାଦାରଙ୍କ ହାତରେ ଗୁଳି ବାଜିବାରୁ ସେ ଆହତ ହୋଇଛନ୍ତି। ଘଟଣାସ୍ଥଳରୁ ପୋଲିସ ଗିରିରାଜ ମାଝି(୩୪), ଶୋଭା ମାଝି (୨୫) ଏବଂ ଚୈତନ୍ୟ ମାଝି (୪୦) ନାମକ ୩ ଜଣ ଯୁବକଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨ଟି ବନ୍ଧୁକ ସହ ୨୪ଟି ଗୁଳି ଜବତ ହୋଇଛି। ପୋଲିସ କହିଛି ଯେ, ଗ୍ରାମ୍ୟ ଉନ୍ନୟନ ବିଭାଗର ଠିକା କାମକୁ ନେଇ ଦୁଇପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଉତକ୍ଷିପ୍ତ ହୋଇ ଗୋଟିଏ ପକ୍ଷର ଯୁବକମାନେ ଗୁଳି ଫୁଟାଇଥିଲେ।

**ସଂକ୍ଷେପରେ**

## କରୋନାରେ ଆଉ ଜଣେ ମୃତ

ବରଗଡ଼ ଅଫିସ୍,୯।୧୦: ବରଗଡ଼ ଜିଲାରେ କରୋନା (କୋଭିଡ୍-୧୯) ସଂକ୍ରମଣରେ ଆଉ ଜଣେ ମୃତ୍ୟୁବରଣ କରିଥିବା ଶୁକ୍ରବାର ଘୋଷଣା କରାଯାଇଛି। ମୃତକ ଜଣକ ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ଼ ନଂ-୮ର ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି । ସେହିପରି ଶୁକ୍ରବାର ଜିଲାରେ ପୁଣି ୮୬ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଆକ୍ରାନ୍ତଙ୍କ ମଧ୍ୟରେ ସୋହେଲା ବ୍ଲକର ସର୍ବାଧିକ ୧୪ଜଣ ରହିଛନ୍ତି । ସେହିପରି ଭେଡ଼େନ ବ୍ଲକର ୧୨, ବରଗଡ଼ ପୌରାଞ୍ଚଳର ୮, ବରଗଡ଼ ୩, ଭଟଲି ୪, ଅତାବିରା ବ୍ଲକର ୫, ଅତାବିରା ଏନଏସିର ଜଣେ, ବରପାଲି ବ୍ଲକର ୫, ପଦ୍ମପୁର ବ୍ଲକର ୯, ପଦ୍ମପୁର ଏନଏସିର ୧୦, ପାଇକମାଳ ବ୍ଲକର ୪, ବିଜେପୁର ବ୍ଲକର ୭, ଅମ୍ବାଭୋନା ବ୍ଲକର ଜଣେ, ଝାରବନ୍ଧ ବ୍ଲକର ୨ଜଣ ଏବଂ ଗାଇସିଲେଟ ବ୍ଲକର ଜଣେ ଆକ୍ରାନ୍ତ ରହିଛନ୍ତି । ଏହାପରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୭୨୫୮ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୬୪୨୯ଜଣ ସୁସ୍ଥ ହୋଇଥିବାବେଳେ ଅନ୍ୟ ଆକ୍ରାନ୍ତମାନେ ବିଭିନ୍ନ କୋଭିଡ୍ ହସପିଟାଲ, ହୋମ ଆଇସୋଲେଶନରେ ରହି ଚିକିତ୍ସାଧୀନ ଥିବା ସୂଚନା ଦିଆଯାଇଛି ।

## ଭାଗଚାଷୀଙ୍କୁ ସଶକ୍ତ କରିବ ବଳରାମ ଯୋଜନା

ସୁନ୍ଦରଗଡ,୯।୧୦(ଡି.ଏନ୍.ଏ): ରାଜ୍ୟ ସରକାରଙ୍କ ପକ୍ଷରୁ ଭାଗଚାଷୀଙ୍କ ସକାଶେ ଆରମ୍ଭ ହୋଇଥିବା ନୂତନ ବଳରାମ ଯୋଜନା ସମ୍ପର୍କରେ ଜିଲାସ୍ତରୀୟ ଅଧିକାରୀମାନଙ୍କ ସକାଶେ ଏକ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆତ୍ମା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ ନିଖିଲ ପବନକଲ୍ୟାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସନ୍ତା ୧ ସପ୍ତାହ ମଧ୍ୟରେ ସମସ୍ତ ବ୍ଲକରେ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମ୍ପାଦନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସୁନ୍ଦରଗଡ ଜିଲାରେ ଚଳିତ ରବିଋତୁ ୨୦୨୦-୨୧ ଠାରୁ ଏହି ବଳରାମ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସ୍ଥିର ହୋଇଛି। ଏହି ଯୋଜନା ମାଧ୍ୟମରେ ଜିଲାର ଭାଗଚାଷୀମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କୁ କୃଷି ଋଣ ଯୋଗାଇ ଦେବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ଭାଗଚାଷୀମାନେ ନିକଟସ୍ଥ କୃଷି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ପାଇଁ କୁହାଯାଇଛି । ଏହି ବୈଠକରେ ଜିଲା ଆତ୍ମା ପ୍ରକଳ୍ପ ନିର୍ଦ୍ଦେଶକ ଡଃ ଲକ୍ଷ୍ମୀ ନାରାୟଣ ଦାଶ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ରୋଗପୋକ ଉଜାଡ଼ିଲା ଧାନ ଫସଲ


ରୋଗପୋକ ଯୋଗୁ ବରଗଡ଼ ଜିଲା ଝାରବନ୍ଧ ଅଞ୍ଚଳରେ ପ୍ରଭାବିତ ଧାନ ଫସଲ ।

ବରଗଡ଼ ଅଫିସ୍,୯।୧୦

**ବଢୁଛି ଚାଷୀଙ୍କ ଦୁଃଖ**

ରାଜ୍ୟର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲାର ଚାଷୀଙ୍କୁ ସମସ୍ୟା ପିଛା ଛାଡୁନାହିଁ। ଖରିଫ ଫସଲରେ ଧାନ ଗର୍ଭଣୀ ଏବଂ କେଣ୍ଡା ଧରୁଥିବା ଅବସ୍ଥାରେ ରହିଥିବାବେଳେ ରୋଗପୋକଙ୍କ ପ୍ରାଦୁର୍ଭାବ ଦେଖାଯାଇଛି। ଜିଲାର ଉଭୟ ଜଳସେଚିତ ଏବଂ ଅଣଜଳସେଚିତ ଅଞ୍ଚଳର ଧାନ ଫସଲ ଏଥିରେ ପ୍ରଭାବିତ ହୋଇଛି। ପତ୍ରମୋଡ଼ା ରୋଗ, ଉକୁଣିଆ ପୋକଙ୍କ ପ୍ରାଦୁର୍ଭାବ ଦେଖାଯାଇଛି। ଜିଲାର ଅଣଜଳସେଚିତ ପଦ୍ମପୁର ଉପଖଣ୍ଡ ଝାରବନ୍ଧ, ପାଇକମାଳ ଅଞ୍ଚଳରେ ମୁଖ୍ୟତଃ ଫସଲ ଏଭଳି ପ୍ରଭାବିତ ହୋଇଥିବା ଯୋଗୁ ତାହା ଚାଷୀଙ୍କ ପାଇଁ ଚିନ୍ତା ପାଲଟିଛି। କୀଟନାଶକ ପ୍ରୟୋଗ କରିବା ସତ୍ତ୍ୱେ ତାହା କାମ ଦେଉନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଧାନଗଛ ତଥା କେଣ୍ଡାଗୁଡ଼ିକ ସମ୍ପୂର୍ଣ୍ଣ ଶୁଖି ଯାଉଛି ଏବଂ ଧାନ ଅଗାଡ଼ି ହୋଇଯିବା ଏବେଠାରୁ ସ୍ପଷ୍ଟ ହୋଇଛି। ଏହାର ନିରାକରଣ ବ୍ୟବସ୍ଥା କରା ନ ଗଲେ ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ବ୍ୟାପି ଜିଲାରେ ଚାଷୀଙ୍କ ଧାନ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ିଯିବା ଆଶଙ୍କା ରହିଛି। ଏ ସମ୍ପର୍କରେ ମୁଖ୍ୟ ଜିଲା କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀଙ୍କୁ ପଚାରିବାରୁ ସେ କହିଲେ, ଯେଉଁ ଚାଷୀମାନେ ହାଇବ୍ରିଡ଼ କିସମ ବିହନରେ ଚାଷ କରିଛନ୍ତି ମୁଖ୍ୟତଃ ସେଭଳି ଫସଲରେ ନୂଆ ରୋଗପୋକ ଦେଖାଯାଉଛି । ଏବେ ପତ୍ରମୋଡ଼ା ରୋଗ, ଉକୁଣିଆ ପୋକ କିଛି ଅଞ୍ଚଳର ଫସଲରେ ଲାଗିଥିବା ଖବର ମିଳିଛି। ଏହାର ନିୟନ୍ତ୍ରଣ ପାଇଁ ପ୍ରତି ବ୍ଲକକୁ କୀଟନାଶକ ଯୋଗାଇ ଦିଆଯାଉଛି ଏବଂ ଅଧାଦାମରେ ବିକ୍ରି କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଗାନ୍ଧୀ କହିଥିଲେ।

**ଏମାନେ କୁହନ୍ତି**

**ଏବେଠୁ ଋଣ ପରିଶୋଧ ଚିନ୍ତା**



"ଧାର, କରଜ କରି ୨ଏକର ଜମିରେ ଧାନ ଫସଲ କରିଛି। ଭଲ ଫସଲ ହେବ ବୋଲି ଆଶା ମଧ୍ୟ ରହିଥିଲା। କିନ୍ତୁ ଏବେ ଫସଲର ଅବସ୍ଥା ଯାହା ହୋଇଛି ତାହା ଦେଖି ଋଣ ପରିଶୋଧ ଚିନ୍ତା ଘାରୁଛି । ସରକାରୀସ୍ତରରେ ଆର୍ଥିକ ସହାୟତା ପ୍ରଦାନ କଲେ ଉପକୃତ ହୁଅନ୍ତୁ ।

-ଦ୍ରୁବରାଜ ବରିହା

**ଚାଷବାସ ହିଁ ଜୀବିକା**



"ଚାଷବାସ ଛଡ଼ା ଅନ୍ୟ କିଛି ଜୀବିକା ନାହିଁ । ଅଣଜଳସେଚିତ ଅଞ୍ଚଳ ହୋଇଥିବା ଯୋଗୁ ବର୍ଷକ ଥରେ ଧାନ ଫସଲ କରୁଛି । ସେଥିରୁ ଯାହା ମିଳେ ବର୍ଷଯାକ ଚଳିଥାଉ । ଏଥର ଭଲ ବର୍ଷା ହୋଇଥିବାରୁ ଫସଲ ମଧ୍ୟ ଠିକ୍ ଥିଲା । ହେଲେ ରୋଗପୋକ ଯୋଗୁ ତାହା ଉଜୁଡ଼ି ଗଲା ।

-ଜଗତ ରଞ୍ଜନ ପ୍ରଧାନ

**କାମ କରୁନି କୀଟନାଶକ**



"୧୦ଏକର ଜମିରେ ଧାନଚାଷ କରିଛି । ଏବେ ୨ଏକର ଜମିର ଫସଲ ନଷ୍ଟ ହୋଇ ଗଲାଣି । ବାରମ୍ବାର କୀଟନାଶକ ପ୍ରୟୋଗ କରୁଛୁ । କିନ୍ତୁ କିଛି ସୁଫଳ ମିଳୁନାହିଁ। କାମ ଦେବ ବୋଲି ଆଶା କରି ଚଢ଼ାଦରରେ ମଧ୍ୟ କୀଟନାଶକ କିଣୁଛୁ । କିନ୍ତୁ ସେଥିରେ ମଧ୍ୟ ରୋଗପୋକ ନିୟନ୍ତ୍ରଣ ହେଉନାହିଁ ।

-କ୍ଷୀରସିନ୍ଧୁ ପ୍ରଧାନ

## ମହିଳା ମୃତ: ସ୍ୱାମୀ, ଶିଶୁପୁତ୍ର ଗୁରୁତର

**ବାଇକ୍-ହାଇୱା ମୁହାଁମୁହିଁ ଧକ୍କା**

ଦେବଗଡ଼,୯।୧୦(ଡ଼ି.ଏନ୍.ଏ.)

କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ନୂଆଡିହି ପଞ୍ଚାୟତ ମହାସିନ୍ଧୁ ଗ୍ରାମରେ ଶୁକ୍ରବାର ଏକ ହାଇୱା ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତା ମହିଳା ହେଲେ ଲିପିକା ପ୍ରଧାନ(୨୫) । ଏହି ଦୁର୍ଘଟଣାରେ ମୃତା ମହିଳାଙ୍କ ସ୍ୱାମୀ ସୟ ପ୍ରଧାନ(୩୧) ଓ ଶିଶୁପୁତ୍ର କ୍ରିଶ ପ୍ରଧାନ(୪) ଗୁରୁତର ଆହତ ହୋଇଛନ୍ତି ।

ସୂଚନା ଅନୁଯାୟୀ, ଶୁକ୍ରବାର ପୂର୍ବାହ୍ନରେ କୁଣ୍ଢେଇଗୋଳା ଥାନା ଫୁଲଝରୀ ଗ୍ରାମର ସୟ ତାଙ୍କ ସ୍ତ୍ରୀ ଲିପିକା ଓ ପୁଅ କ୍ରିଶଙ୍କ ସହ ଏକ ବାଇକ୍ (ନଂ.୧୪ଡବ୍ଲୁ/୬୮୯) ଯୋଗେ କୌଣସି କାମରେ ରିଆମାଳ ଆସିଥିଲେ। ସେମାନେ ଅପରାହ୍ନ ପ୍ରାୟ ୧ଟା ସମୟରେ ଘରକୁ ଫେରୁଥିବା ବେଳେ ସମ୍ମୁଖ ପଟୁ ଆସୁଥିବା ଏକ ୧୦ ଚକିଆ ହାଇୱା (ନଂ.୦୫ଏଏର୍/୬୨୦୪) ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ବାଇକ୍‌ରେ ଥିବା ୩ଜଣ ଯାକ ଛିଟିକି ପଡିଥିଲେ । ସମସ୍ତ ଆହତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଲିପିକାଙ୍କ ମୃତ୍ୟୁ ଘଟିଥିଲା । ସୂଚନା ପାଇ କୁଣ୍ଢେଇଗୋଳା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ସେହିପରି ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି ।

## ଗ୍ରାମ୍ୟ ଜଙ୍ଗଲର ସୁରକ୍ଷା ପାଇଁ ଜିଲା ପ୍ରଶାସନର ଦ୍ୱାରସ୍ଥ

ସୁନ୍ଦରଗଡ, ୯।୧୦(ଡି.ଏନ୍.ଏ)

ସୁନ୍ଦରଗଡ ଜିଲା ସବଡେଗା ବ୍ଲକ କରମଡିହି ପଞ୍ଚାୟତ ରସରାଜପୁର ମୌଜା କୁମବାହାଲ ଗ୍ରାମ୍ୟ ଜଙ୍ଗଲର ସୁରକ୍ଷା ପାଇଁ ଗ୍ରାମବାସୀ ଶୁକ୍ରବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମବାସୀ ଜିଲାପାଳଙ୍କୁ ସାକ୍ଷାତ କରି ଏ ନେଇ ଲିଖିତ ଅଭିଯୋଗ କରି ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି, କିଛି ମାଫିଆ ଶ୍ରେଣୀର ଲୋକ ଗରିବ ଲୋକଙ୍କୁ ହାତ କରି ଗତ ୧୫/୨୦ବର୍ଷ ହେବ କୁମବାହାଲ ଗ୍ରାମ୍ୟ ଜଙ୍ଗଲ ସଫା କରି ଜବରଦଖଲ କରିବା ସହ ବ୍ୟାପକ କାଠ ଚାଲାଣ କରିଆସୁଛନ୍ତି। ଏପରିକି ଏହି ଗ୍ରାମ୍ୟ ଜଙ୍ଗଲ ପାର୍ଶ୍ୱ ଦେଇ ରାଜ୍ୟ ରାଜପଥ ନଂ. ୧୦ ବିଜୁ ଏକ୍ସପ୍ରେସ ୱେ ଯାଇଥିବା ବେଳେ ଜଣେ ବ୍ୟକ୍ତି ଢାବା ଖୋଲିଛନ୍ତି । ଏଥିସହ ଢାବା ମାଲିକ ଦେଶୀ ମଦ ପ୍ରସ୍ତୁତ କରି ବିକ୍ରି କରିବା ସହ ଗ୍ରାମ୍ୟ ଜଙ୍ଗଲ ସଫା କରି ସେଠାରେ ଘର ତିଆରି କରି ତାଙ୍କ ସମର୍ଥକମାନଙ୍କୁ ରଖାଇଛନ୍ତି । ଏହାକୁ ବିରୋଧ କରୁଥିବା ଗ୍ରାମବାସୀଙ୍କୁ ବିଭିନ୍ନ ସମୟରେ ଧମକ ଦିଆଯାଉଥିବା ସେମାନେ ଅଭିଯୋଗ କରିଛନ୍ତି । ଏ ଦିଗରେ ଜିଲା ପ୍ରଶାସନ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସକାଶେ ଗ୍ରାମବାସୀ ଦାବି କରିଛନ୍ତି ।


ଗ୍ରାମ୍ୟ ଜଙ୍ଗଲର ସୁରକ୍ଷା ପାଇଁ କୁମବାହାଲ ଗ୍ରାମବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ।

# କଟକଣା କୋହଳ ଲାଗି ଦେଲେ ଦାବିପତ୍ର



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଡିଜେ ସାଉଣ୍ଡ, ଲାଇଟ ମାଲିକ ଓ କର୍ମଚାରୀମାନେ ।

ସମ୍ବଲପୁର,୯।୧୦(ବ୍ୟୁରୋ)

**ବେରୋଜଗାର ସାଉଣ୍ଡ, ଲାଇଟ ବ୍ୟବସାୟୀ**

ସମ୍ବଲପୁର ଜିଲାରେ ସାଉଣ୍ଡ ଓ ଲାଇଟ୍ କାମ କରି ପରିବାର ଚଳାଉଥିବା ଲୋକେ ଏବେ ବେରୋଜଗାର ହୋଇପଡିଛନ୍ତି। କରୋନା କଟକଣା ଯୋଗୁ କୌଣସି ସାମାଜିକ, ସାଂସ୍କୃତିକ ଏବଂ ଧାର୍ମିକ କାର୍ଯ୍ୟକ୍ରମ ହୋଇପାରୁନାହିଁ । ଏହିସବୁ କାର୍ଯ୍ୟକ୍ରମରେ ଲାଇଟ୍ ଓ ସାଉଣ୍ଡ କାମ ହେଉନାହିଁ । ଫଳରେ ସେମାନେ ପରିବାର ଚଳାଇବା କଷ୍ଟକର ହୋଇପଡିଲାଣି । ତେଣୁ କଟକଣା କୋହଳ ପାଇଁ ସମ୍ବଲପୁର ଲାଇଟ ଆଣ୍ଡ ସାଉଣ୍ଡ ସଙ୍ଗଠନ ପକ୍ଷରୁ ଶୁକ୍ରବାର ପ୍ରଶାସନ ପାଖରେ ଦାବି କରାଯାଇଛି । ଏହି ମର୍ମରେ ସେମାନେ ପ୍ରଶାସନକୁ ଏକ ଦାବିପତ୍ର ଦେଇଛନ୍ତି । କରୋନା କଟକଣା ଯୋଗୁ ପ୍ରାୟ ୮ମାସ ହେଲା ବ୍ୟବସାୟ ଠପ୍ ହୋଇଯାଇଛି। ଏବେ ଧୀରେ ଧୀରେ ପ୍ରାୟ ସମସ୍ତ ବ୍ୟବସାୟ ଉପରେ କଟକଣା କୋହଳ କରାଯାଉଛି। ସେହିପରି ଲାଇଟ ଓ ସାଉଣ୍ଡ ବ୍ୟବସାୟ ଉପରେ କଟକଣା କୋହଳ କରିବାକୁ ସେମାନେ ଦାବି କରିଛନ୍ତି । ପ୍ରତ୍ୟକ୍ଷ ଭାବେ ମାଙ୍ଗଳିକ ଓ ସାମାଜିକ କାର୍ଯ୍ୟ ଉପରେ ସେମାନେ ନିର୍ଭର କରନ୍ତି। ତେଣୁ କାର୍ଯ୍ୟକ୍ରମଗୁଡିକରେ ପ୍ରାୟ ୩୦୦ ଲୋକ ଉପସ୍ଥିତ ପାଇଁ ଅନୁମତି ଦେବାକୁ ମଧ୍ୟ ସଙ୍ଗଠନ କହିଛି । ଜିଲାରେ ପ୍ରାୟ ୩୦୨ ବ୍ୟବସାୟୀ ସଂଘର ସଦସ୍ୟ ଅଛନ୍ତି । ଏହା ସହ ପରୋକ୍ଷ ଭାବେ ଏହାର ପରିଚାଳନା କରିବା ପାଇଁ ଗୋଟିଏ ସେଟ୍‌ରେ ପ୍ରାୟ ୧୦ରୁ ୧୨ଜଣ ରୋଜଗାର ପାଆନ୍ତି। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ସଭାପତି ଆଶିଷ ମିଶ୍ର, ଉପସଭାପତି ମଣ୍ଟୁ ପାଣିଗ୍ରାହୀ, ସମ୍ପାଦକ ଚନ୍ଦନ ପାଣ୍ଡେ, ସହ ସମ୍ପାଦକ ମହେଶ ବହିଦାର ଅନୁରୋଧ କରିଛନ୍ତି ।

## ଶ୍ମଶାନରେ କରୋନା ପଜିଟିଭ ଶବଦାହକୁ ବିରୋଧ

ବଲାଙ୍ଗୀର ଅଫିସ, ୯।୧୦

ବଲାଙ୍ଗୀର ବିଭୂତିପଡା ଶ୍ମଶାନରେ କରୋନା ପଜିଟିଭ ଶବଦାହକୁ ମନା କରିଛନ୍ତି ପଡାବାସୀ। ଏ ନେଇ ଶ୍ମଶାନ ଗେଟ୍‌ରେ ଏକ ବ୍ୟାନର ଲଗାଇ ଦେଇ ଜଗି ରହିଛନ୍ତି। ଏଠାରେ କରୋନା ପଜିଟିଭଙ୍କ ଶବଦାହ କଲେ ପଡାବାସୀଙ୍କୁ ବାୟୁରେ ସଂକ୍ରମଣ ବ୍ୟାପିବ ବୋଲି ସେମାନେ ଏହାକୁ ବିରୋଧ କରୁଥିବା କହିଛନ୍ତି। ଏ ନେଇ ଜିଲାପାଳ, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ, ସିଡିଏମ୍‌ଓଙ୍କ ନିକଟକୁ ଲିଖିତ ଜଣାଇ ଏ ଦିଗରେ ପ୍ରଶାସନ ସହଯୋଗ କରୁ ବୋଲି ଜଣାଇଥିଲେ। ଏହାପରେ ପ୍ରଶାସନ କରୋନା ପଜିଟିଭଙ୍କ ମୃତଦେହ ଦାହ ପାଇଁ ଟିଟିଲାଗଡ ରାସ୍ତା ନିକଟରେ ଏକ ସ୍ୱତନ୍ତ୍ର ଶ୍ମଶାନ ବ୍ୟବସ୍ଥା କରିଛି। ତେବେ କରୋନା ସଂକ୍ରମିତଙ୍କ ମୃତଦେହକୁ ଦାହ କଲେ କୌଣସି ସଂକ୍ରମଣ ବ୍ୟାପେନାହିଁ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନିକ ଅଧିକାରୀମାନେ କହୁଥିଲେ ମଧ୍ୟ ପଡାବାସୀଙ୍କ ଭିତରେ କରୋନା ଭୟ ଲାଗି ରହିଛି। ଏହି କାରଣରୁ ସେମାନେ ଶ୍ମଶାନ ସମ୍ମୁଖରେ ଜଗି ରହି ସେଠାରେ ଯେପରି କରୋନା ସଂକ୍ରମିତଙ୍କ ଶବଦାହ ନ ହେବ ସେ ନେଇ ପହରା ମଧ୍ୟ ଦେଉଛନ୍ତି। ଏହି ଘଟଣାକୁ ନେଇ ସହରର ବୁଦ୍ଧିଜୀବୀ ମହଲରେ ମଧ୍ୟ ଅସନ୍ତୋଷ ବୃଦ୍ଧି ପାଇବା ସହ ତୁରନ୍ତ କରୋନାକୁ ନେଇ ଜନସଚେତନତା କରାଯିବା ଜରୁରୀ ବୋଲି ମତପ୍ରକାଶ କରିଛନ୍ତି।

## ବିନିକା ଛାତ୍ର କଂଗ୍ରେସ ପକ୍ଷରୁ ସ୍ମାରକପତ୍ର ପ୍ରଦାନ

ବିନିକା,୯।୧୦(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଛାତ୍ର କଂଗ୍ରେସ ପକ୍ଷରୁ ବିଭିନ୍ନ ଦାବି ନେଇ ଶୁକ୍ରବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତହସିଲଦାର ଅଲେଖ ଘୁଟାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ୟୁପିର ହାଥରସ ଠାରେ ଘଟିଥିବା ଗଣବଳାତ୍କାର ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି ପୀଡିତାଙ୍କୁ ନ୍ୟାୟ ଦେବା, କୃଷି ବିଲ୍‌କୁ ପ୍ରତ୍ୟାହାର କରିବା ଆଦି ଦାବି ରହିଛି । ବିନିକା ଛାତ୍ର କଂଗ୍ରେସ ସଭାପତି ଗୋବିନ୍ଦା ଝାଙ୍କରଙ୍କ ନେତୃତ୍ୱରେ ଛାତ୍ରନେତା ବିଜୟ କୁମାର ଭୋଇ, ଟିଙ୍କୁ ହୋତା, ସୋସିଆଲ ମିଡିଆ ସଂଯୋଜକ ସୁମନ୍ତ କୁମାର ସାହୁ, ସୁରେଶ କୁମାର ବଢେଇ, ରମେଶ ମୁଦୁଲି, ପ୍ରଶାନ୍ତ ନିଆଲ, ଉମାକାନ୍ତ ଦୀପ, ପ୍ରକାଶ ପଣ୍ଡା, ନରେନ୍ଦ୍ର ସାହୁ, ନରେନ୍ଦ୍ର ପଣ୍ଡା ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ରହିଥିଲେ ।

## ଆଇନଶୃଙ୍ଖଳା ପରିସ୍ଥିତିକୁ ଗୁରୁତ୍ୱ

କୁଆଁରମୁଣ୍ଡା,୯।୧୦(ଡିଏନଏ)

ଓଡିଶା–ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ସୁନ୍ଦରଗଡ଼ ଜିଲାର ବୀରମିତ୍ରପୁର ଥାନା ଅଞ୍ଚଳରେ ପିଏଲଏଫଆଇ, ଝାଡ଼ଖଣ୍ଡ ଲିବରେସନ ଟାଇଗର ଓ ଅନ୍ୟ ଆପରାଧିକ ସଙ୍ଗଠନ ସକ୍ରିୟ ରହୁଛନ୍ତି। ଉକ୍ତ ସଙ୍ଗଠନଗୁଡିକର ଆପରାଧିକ କାର୍ଯ୍ୟକଳାପଗୁଡିକୁ ରୋକିବା ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ନେବି ବୋଲି ବୀରମିତ୍ରପୁର ଥାନାର ନୂତନ ଆଇଆଇସି ସ୍ମିତିପ୍ରଭା ପ୍ରଧାନ ଶୁକ୍ରବାର ସୂଚନା ଦେଇଛନ୍ତି । ଏହାସହ ଥାନା ଅଞ୍ଚଳର ସାଧାରଣ ଲୋକଙ୍କ ସହ ସୁସମ୍ପର୍କ ରଖି ପାଟ୍ରୋଲିଂ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦେବି ବୋଲି ଆଇଆଇସି ପ୍ରଧାନ କହିଛନ୍ତି ।

## ନାବାଳିକା ଝିଅଙ୍କୁ ବାପାଙ୍କ ବଳାତ୍କାର

ବରଗଡ଼ ଅଫିସ୍,୯।୧୦

ବରଗଡ଼ ସହରର ଜଣେ ନାବାଳିକା (୯ବର୍ଷ) ଝିଅଙ୍କୁ ନିଜ ବାପା ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ସ୍ଥାନୀୟ ଟାଉନ ଥାନାରେ ଗୁରୁବାର ଏତଲା ହେବା ପରେ ପୋଲିସ ଦଫା ୩୭୬ (ଏ), (ବି) ଏବଂ ୬ ପକ୍ସୋ ଆକ୍ଟରେ ଏକ ମାମଲା (ନଂ.୪୧୯/୨୦୨୦) ରୁଜୁ କରିଛି। ଅଭିଯୁକ୍ତ ବାପା ଫେରାର୍ ହୋଇଯାଇଛନ୍ତି। ତାଙ୍କୁ ଗିରଫ କରିବାକୁ ତନାଘନା ଚାଲିଥିବା ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ କହିଛନ୍ତି ।

## ଜୁନାଗଡ଼ରେ ଓଡ଼ିଶୀ ନୃତ୍ୟ, ସଙ୍ଗୀତ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

ଜୁନାଗଡ,୯।୧୦(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ କଳାବିକାଶ କେନ୍ଦ୍ରଠାରେ ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଓଡିଶୀ ନୃତ୍ୟ ଓ ସଙ୍ଗୀତ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ କୁମାର ରଥ ଯୋଗଦେଇ ଓଡିଶୀ ନୃତ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ କଳାବିକାଶ କେନ୍ଦ୍ରକୁ ବାର୍ଷିକ ୧ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ତଥା ସଂସ୍କୃତି ପରିଷଦର ସଦସ୍ୟ ଡ. ଅଜୟ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ କର୍ତ୍ତବ୍ୟର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଶୋକ ପଟ୍ଟନାୟକ, ଜୁନାଗଡ ପିଆଇ କଲେଜର ଅଧ୍ୟାପକ ବିଭୁତି ଭୂଷଣ ମେହେର, ଧ୍ୟାନ ରଞ୍ଜନ ପଣ୍ଡା, ଭବାନୀ ଶଙ୍କର ନିଆଲ, ଦିନେଶ କୁମାର ବରଗୋଁ ଉପସ୍ଥିତ ଥିଲେ। ସମାରୋହରେ ଜୁନାଗଡ ବିଧାୟକ ତଥା ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଭିଡିଓ କନଫରେନ୍ସ ମାଧ୍ୟମରେ ସାମିଲ ହୋଇଥିଲେ। କେନ୍ଦ୍ର ନିର୍ଦ୍ଦେଶକ ମାନସ ରଞ୍ଜନ ସେଠି ଓ ଖେଳ ଅଧ୍ୟାପକ ସମୀର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରିୟଙ୍କା ପ୍ରଧାନ ଧନ୍ୟବାଦ ଦେଇଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ଦୟାକରୀ ଧ୍ୟାନ ଦିଅନ୍ତୁ !!
ଶ୍ରୀ କ୍ରିଷ୍ଣା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ଘରେ ବସି ପାଆନ୍ତୁ ।। ୦% ସୁଧ ୫୦%ଛାଡ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7206213932
8765994255

AMBA Finance
ମାର୍କସିଟ | ବ୍ୟବସାୟ | ବ୍ୟକ୍ତିଗତ | ଆଧାରକାର୍ଡ | ସମ୍ପତି ଋଣ | ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

BIDIKA FINANCE
ସମସ୍ତ ପ୍ରକାର LOAN ପାଇଁ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ ।
LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ ।
Bausnpola, Bijepur, Bargarh
7656825220
7656825217

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ, ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122, 8456845313, 9040009727 (M)

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ ।
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ (ପାରାମେଡିକାଲ କୋର୍ସ)
A.N.M : 2 Years (+2 Pass)
G.N.M : 3 Years (+2 Pass)
Post Basic Nurshing : 2 Years (GNM Pass)
DMLT 2 Year, OT.Tech 2 Year, Dialysis 2 Year, I.C.U 1 Year, E.C.G 1 Year — 10th Pass Above
HOSTEL, TRANSPORT, HOSPITAL PRACTICAL FACILITY AVAILABLE — LIMITED SEAT
KIMS, KHANDAGIRI, BBSR
Mob. 8658179869

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

Hindustan Tower Group (ପଞ୍ଜୀକୃତ)
କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ । 90 ଲକ୍ଷ ଆଡଭାନ୍ସ, 60,000 ଭଡ଼ା + ବାଇକ୍ + ଅନ୍ୟାନ୍ୟ ସୁବିଧା ।
20 ବର୍ଷର କୋର୍ଟ ଏଗ୍ରିମେଣ୍ଟ
9473618663

ବିଶ୍ୱ ପ୍ରସିଦ୍ଧ ତାନ୍ତ୍ରିକ ବାବାଙ୍କର ଖୋଲା ଚ୍ୟାଲେଞ୍ଜ
୨ ଘଣ୍ଟା ମଧ୍ୟରେ ଗ୍ୟାରେଣ୍ଟି ସମାଧାନ
୨,୮୮,୩୭୪ ପ୍ରକାର ସମସ୍ୟାର ସଫଳ ସମାଧାନ
ତାନ୍ତ୍ରିକ ବାବା ଆଲାମ ଖାନ
9773820765
ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ପ୍ରେମ ବିବାହ ଯାଦୁ ଟୋଣା, ବିବାହ, ମୁଠ୍ କରଣୀ, ନିଜର ହଜିଯାଇଥିବା ପ୍ରେମକୁ ଫେରି ପାଆନ୍ତୁ । ଏ ସବୁ ସମସ୍ୟାର ଶୀଘ୍ର ସମାଧାନ ପାଆନ୍ତୁ ମାତା ଏବଂ ଭଉଣୀ ମାନଙ୍କର ଗୁପ୍ତ ସମସ୍ୟାର ସମାଧାନ । ସ୍ପେଶାଲିଷ୍ଟ-ବଶୀକରଣ, ମନ୍ତ୍ରମନ୍ତ୍ର କଳାଯାଦୁ, ଯଦି କେହି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରୁଥିବା କାମକୁ କାଟି ଦିଅନ୍ତି, ମନ ମୁତାବକ ପୁରସ୍କାର ଦିଆଯିବ । କାମ ନହେଲେ ପଇସା ଫେରସ୍ତ ।
9910560681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165



ଫ୍ରେଞ୍ଚ୍ ଓପନ୍ ଟେନିସ୍ ମହିଳା ଡବଲ୍ସ ଫାଇନାଲ୍‌ରେ ପ୍ରବେଶ କରିବା ପରେ କ୍ରିଷ୍ଟିନା ମ୍ଲାଡେନୋଭିଚ୍ ଓ ଟିମିଆ ବାବୋସ।

# ଫାଇନାଲରେ ନାଡାଲ

**ପ୍ୟାରିସ୍,୯।୧୦(ଏପି)**

କ୍ଲେ କୋର୍ଟର ରାଜା ବିବେଚିତ ହେଉଥିବା ସ୍ପେନର ରାଫାଲ ନାଡାଲ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସର ପ୍ରଥମ ସେମିଫାଇନାଲ୍‌ରେ ଦ୍ୱିତୀୟ ସିଡ୍ ନାଡାଲ ଦ୍ୱାଦଶ ସିଡ୍ ଆର୍ଜେଣ୍ଟିନାର ଡିଏଗୋ ସ୍କାର୍ଜମ୍ୟାନଙ୍କୁ ୬-୩, ୬-୩, ୭-୬ ସେଟ୍‌ରେ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି। ଗତ ମାସ ଇଟାଲିଆନ ଓପନ୍ ଫାଇନାଲରେ ନାଡାଲଙ୍କୁ ପରାସ୍ତ କରି ସ୍କାର୍ଜମ୍ୟାନ ଟାଇଟଲ ଜିତିଥିଲେ ମଧ୍ୟ ସେହି ସଫଳତାକୁ ଏଠାରେ ଦୋହରାଇ ପାରି ନ ଥିଲେ। ଏଥିସହ ନାଡାଲ ୨୦ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲରୁ ଆଉ ମାତ୍ର ଗୋଟିଏ ପାଦ ଦୂରରେ ରହିଛନ୍ତି।

ପ୍ରଥମ ଦୁଇଟି ସେଟ୍‌କୁ ୩୪ ବର୍ଷୀୟ ନାଡାଲ ଅତି ସହଜରେ ଜିତି ନେଇଥିଲେ। ତେବେ ତୃତୀୟ ସେଟ୍‌ରେ ସ୍କାର୍ଜମ୍ୟାନ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ବିଜୟୀ ହେବାକୁ ନାଡାଲଙ୍କୁ ୩ ଘଣ୍ଟା ୯ ମିନିଟ୍ ସମୟ ଆବଶ୍ୟକ ହୋଇଥିଲା। ରୋଲାଣ୍ଡ ଗାରୋସ୍‌ରେ ନାଡାଲ ମାତ୍ର ୨ଥର ପରାସ୍ତ ହୋଇଛନ୍ତି। ସେ ୧୩ଥର ଫ୍ରେଞ୍ଚ୍ ଓପନ ସେମିରେ ପ୍ରବେଶ କରି ସବୁଥିରେ ବିଜୟ ହାସଲ କରିଛନ୍ତି। ଫାଇନାଲରେ ନାଡାଲ ଟପ୍ ସିଡ ସର୍ବିୟାର ନୋଭାକ ଜୋକୋଭିଚ୍ କିମ୍ବା ଗ୍ରୀସ୍‌ର ପଞ୍ଚମ ସିଡ୍ ଖେଳାଳି ଷ୍ଟିଫାନୋଜ ସିଟିସପାସ୍‌ଙ୍କୁ ଭେଟିବେ। ୧୩ଥର ଫ୍ରେଞ୍ଚ୍ ଓପନ ଫାଇନାଲରେ ପ୍ରବେଶ କରିଥିବା ନାଡାଲ ବିଜୟୀ ହେଲେ ସୁଇଜରଲାଣ୍ଡର ରୋଜର ଫେଡେରରଙ୍କ ୨୦ତମ ଗ୍ରାଣ୍ଡସ୍ଲାମ ବିଜୟ ରେକର୍ଡର ସମକକ୍ଷ ହେବେ। ନାଡାଲ ଏହାକୁ ମିଶାଇ ୨୮ଥର ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି। ଫ୍ରେଞ୍ଚ୍ ଓପନରେ ନାଡାଲ ଏପର୍ଯ୍ୟନ୍ତ ୧୦୧ଟି ମ୍ୟାଚ୍ ଖେଳିଛନ୍ତି। ସେଥିରୁ ସେ ୯୮ଟିରେ ବିଜୟୀ ହୋଇଥିବା ବେଳେ ୨ଟିରେ ପରାସ୍ତ ହୋଇଛନ୍ତି। ଅପରପକ୍ଷରେ ପ୍ରଥମଥର ପାଇଁ ଫ୍ରେଞ୍ଚ୍ ଓପନ ଫାଇନାଲରେ ଖେଳିବାକୁ ଲକ୍ଷ୍ୟ ରଖିଥିବା ସ୍କାର୍ଜମ୍ୟାନଙ୍କ ଆଶା ଧୂଳିସାତ ହୋଇଛି। ବିଜୟ ନିଶ୍ଚିତ ଭାବେ କଷ୍ଟସାଧ୍ୟ ଥିଲା ବୋଲି ନାଡାଲ କହିଛନ୍ତି। ସ୍କାର୍ଜମ୍ୟାନଙ୍କ ପ୍ରଦର୍ଶନକୁ ସେ ପ୍ରଶଂସା କରିଛନ୍ତି।



ଫ୍ରେଞ୍ଚ୍ ଓପନ୍ ଟେନିସ୍ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ୍ ମ୍ୟାଚ୍ ଅବସରରେ ଶଟ୍ ଖେଳୁଛନ୍ତି ସ୍ପେନ୍‌ର ରାଫାଲ ନାଡାଲ।


## ପ୍ରଥମ ଜନ୍ମଦିନର ଶୁଭେଚ୍ଛା



**ଗୁଡିଆ,**

ଆଜି ତୋର ପ୍ରଥମ ବାର୍ଷିକ ଜନ୍ମଦିନ, ତୁ ବର୍ଷକର ହେଲୁଣି ମୁଁ ତୋତେ ଦେଖିପାରିଲି ନାହିଁ। ହଉ ଯେବେ ତୁ ତୋ ଜେଜେବାପାର ପରିଚୟ ପାଇବୁ ନିଶ୍ଚୟ ଆସିବୁ। ମୁଁ ତୋ ପାଇଁ ଢେର୍‌ସାରା ଖେଳନା ରଖିଛି, ଆସିଲେ ଖେଳିବୁ। ବହୁତ ବହୁତ ଶୁଭକାମନା ସହିତ:

"ତୋ ଜେଜେବାପା"

ଧ-୧୮୫୩୦


# କ୍ରିଷ୍ଟିନା-ବାବୋସ ଫାଇନାଲରେ

**ଫ୍ରେଞ୍ଚ୍ ଓପନ୍ ଟେନିସ୍**

**ପ୍ୟାରିସ, ୯।୧୦**

ଫ୍ରେଞ୍ଚ୍ ଓପନ ଟେନିସ ପୁରୁଷ ଡବଲ୍ସର ଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ଆନ୍ଦ୍ରେସ ମାଇଲ୍ସ ଓ କେଭିନ କ୍ରାୱିଜ୍ ଯୋଡ଼ି ଫାଇନାଲରେ ବ୍ରୁନୋ ସୋଆରେସ ଓ ମ୍ୟାଟ ପାଭିକ୍ ଯୋଡ଼ିଙ୍କୁ ଭେଟିବେ। ପ୍ରଥମ ସେମିଫାଇନାଲରେ ମାଇଲ୍ସ-କ୍ରାୱିଜ ଯୋଡ଼ି ୬-୩, ୭-୫ ସେଟ୍‌ରେ ୱେସ୍‌ଲି କୋଲୋଫ ଓ ନିକୋଲା ମେକ୍‌ଟିକ୍ ଯୋଡ଼ିଙ୍କୁ ପରାସ୍ତ କରିଛନ୍ତି। ସେହିପରି ଦ୍ୱିତୀୟ ସେମିରେ ସୋଆରେସ-ପାଭିକ୍ ୭-୬(୭/୪), ୭-୫ ସେଟ୍‌ରେ ରବର୍ଟ ଫାରା ଓ ଜୁଆନ ସେବାଷ୍ଟିଆନ କାବାଲ ଯୋଡ଼ିଙ୍କୁ ପରାସ୍ତ କରିଛନ୍ତି। ମହିଳା ଡବଲ୍ସରେ କ୍ରିଷ୍ଟିନା ମ୍ଲାଡେନୋଭିଚ୍ ଓ ଟିମିଆ ବାବୋସ ଫାଇନାଲରେ ପହଞ୍ଚିଛନ୍ତି। ଏହି ଯୋଡ଼ି ପ୍ରଥମ ସେମିଫାଇନାଲରେ ବାର୍ବରା କ୍ରେଜିକୋଭା ଓ କାଟରିନା ସିନିଆକୋଭା ଯୋଡ଼ିଙ୍କୁ ୬-୨, ୪-୬, ୭-୫ ସେଟ୍‌ରେ ହରାଇ ଦେଇଛନ୍ତି।

# କମ୍ ସମୟରେ ପ୍ରସ୍ତୁତିକୁ ନେଇ ପ୍ରଶ୍ନ

**ନୂଆଦିଲ୍ଲୀ, ୯।୧୦(ପି.ଟି.)**

ମହିଳା ଟି୨୦ ଚ୍ୟାଲେଞ୍ଜ କ୍ରିକେଟ ଟୁର୍ନାମେଣ୍ଟ ଆସନ୍ତା ମାସରେ ୟୁନାଇଟେଡ ଆରବ ଏମିରେଟ୍ସ(ୟୁଏଇ)ରେ ଅନୁଷ୍ଠିତ ହେବ। ଏଥିରେ ୩୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିବେ। ଖେଳାଳିମାନଙ୍କୁ ଚଳିତମାସ ୧୩ ତାରିଖରେ ମୁମ୍ବାଇରେ ଏକତ୍ରିତ ହେବାକୁ କୁହାଯାଇଛି। ଖେଳାଳିମାନଙ୍କୁ କ୍ୱାରାଣ୍ଟାଇନ୍ ଔପଚାରିକତା ପୂରଣ କରିବାକୁ ଥିବାରୁ ୩ ଦଳର ପ୍ରସ୍ତୁତିକୁ ନେଇ ପ୍ରଶ୍ନ ଉଠିଛି।

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ଏପର୍ଯ୍ୟନ୍ତ ଦଳ ଘୋଷଣା କରାଯାଇ ନ ଥିଲେ ହେଁ ଅନ୍ତର୍ଜାତୀୟ ଖେଳାଳି ଏବଂ କେତେକ ଘରୋଇ ଖେଳାଳିଙ୍କୁ ସେମାନଙ୍କ ଚୟନ ସମ୍ପର୍କରେ ଅବଗତ କରାଯାଇଛି। ଦେଶର ବିଭିନ୍ନ ଭାଗରୁ ଖେଳାଳିମାନେ ମୁମ୍ବାଇରେ ଏକତ୍ରିତ ହେବାପରେ ଏକସପ୍ତାହରୁ ଊର୍ଦ୍ଧ୍ୱ କ୍ୱାରାଣ୍ଟାଇନ୍‌ରେ ରହିବେ। ଏହି ସମୟ ମଧ୍ୟରେ ସେମାନେ ଏକାଧିକଥର କୋଭିଡ ଟେଷ୍ଟ ଦେବେ। ରିପୋର୍ଟ ନେଗେଟିଭ୍ ଥିବା ଖେଳାଳିମାନେ ଚଳିତମାସ ୨୨ ତାରିଖରେ ୟୁଏଇ ଯିବା ସମ୍ଭାବନା ରହିଛି। ସେଠାରେ ସେମାନେ ଆଇପିଏଲ ଖେଳାଳିଙ୍କ ଭଳି ୬ ଦିନ ପାଇଁ କ୍ୱାରାଣ୍ଟାଇନ୍‌ରେ ରହିବେ। ୩ ଥର ଆରଟି-ପିସିଆର ଟେଷ୍ଟ ନେଗେଟିଭ୍ ହେବାପରେ ଖେଳାଳିଙ୍କୁ ବାୟୋ-ବବ୍‌ଲ ଅଞ୍ଚଳକୁ ପ୍ରବେଶ ସୁଯୋଗ ମିଳିବ। ଟୁର୍ନାମେଣ୍ଟ ନଭେମ୍ବର ୪ରୁ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଟି୨୦ ଅନ୍ତର୍ଜାତୀୟରୁ ଅବସର ଘୋଷଣା କରିଥିବା ମିଥାଲି ରାଜ ଓ ଝୁଲଣ ଗୋସ୍ୱାମୀ ମଧ୍ୟ ଏହି ଟୁର୍ନାମେଣ୍ଟରେ ସାମିଲ ହେବେ। ଖେଳାଳିମାନଙ୍କୁ ବିଭିନ୍ନ ନୀତି ନିୟମ ସମ୍ପର୍କରେ ଅବଗତ କରାଇବା ପାଇଁ ଏକ ହ୍ୱାଟ୍ସଆପ୍ ଗ୍ରୁପ କରାଯାଇଛି। କେତେକ ୧୯ ବର୍ଷରୁ କମ୍ ଖେଳାଳିଙ୍କୁ ମଧ୍ୟ ସାମିଲ କରାଯାଇଛି। ତିନୋଟି ଆଇପିଏଲ ଭେନ୍ୟୁ ମଧ୍ୟରୁ ଛୋଟ ଶାରଜାରେ ୪ଟିଯାକ ମ୍ୟାଚ ଖେଳାଯିବ। ସେଠାରେ ୧୨ଟି ଆଇପିଏଲ ମ୍ୟାଚ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ମୁମ୍ବାଇ ଓ ୟୁଏଇରେ କ୍ୱାରାଣ୍ଟାଇନ୍ ଅବଧି କାଟିବାପରେ ଖେଳାଳିମାନେ ପରିବେଶ ସହିତ ଖାପଖୁଆଇବା ପାଇଁ ଏକସପ୍ତାହରୁ କମ୍ ସମୟ ପାଇବେ। ଖେଳାଳିମାନେ ୬ ମାସରୁ ଊର୍ଦ୍ଧ୍ୱ ଖେଳି ନ ଥିବାବେଳେ ଏତେ କମ୍ ସମୟ ମଧ୍ୟରେ ପ୍ରସ୍ତୁତ ହେବାକୁ ନେଇ ପ୍ରଶ୍ନ ଉଠିଛି। ଆଇପିଏଲ ଖେଳାଳିମାନେ ମାସେ ଆଗରୁ ୟୁଏଇରେ ପହଞ୍ଚିଥିଲେ।

## ଆଇପିଏଲ୍

(ଶନିବାର ମ୍ୟାଚ୍)

**କିଙ୍ଗ୍ସ ଇଲେଭେନ ପଞ୍ଜାବ ବନାମ କୋଲକାତା ନାଇଟ ରାଇଡର୍ସ**

**ସ୍ଥାନ:** ଆବୁଧାବି, **ସମୟ:** ଅପରାହ୍ନ ୩ଟା ୩୦

**ଚେନ୍ନାଇ ସୁପରକିଙ୍ଗ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର**

**ସ୍ଥାନ:** ଦୁବାଇ, **ସମୟ:** ରାତି ୭ଟା ୩୦

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ଧୋନୀ-କୋହଲି ମୁକାବିଲା

**ଦୁବାଇ,୯।୧୦(ପି.ଟି.):** ତୃତୀୟ ଡବଲ ହେଡରର ଦ୍ୱିତୀୟ ମ୍ୟାଚ୍‌ରେ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ଓ ବିରାଟ କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଶନିବାର ପରସ୍ପରକୁ ଭେଟିବେ। ବ୍ୟାଟିଂକୁ ନେଇ ଉଭୟ ଦଳ ସଂଘର୍ଷ କରୁଛନ୍ତି। କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷରେ ବ୍ୟାଟିଂରେ ସାଂଘାତିକ ଭାବେ ଫେଲ ମାରିଥିବାରୁ କେଦାର ଯାଦବଙ୍କ ଚୟନ ନେଇ ଟିମ୍ ମ୍ୟାନେଜମେଣ୍ଟ ନିଷ୍ପତ୍ତି ନେବ। ବୁଧବାର ଚେନ୍ନାଇ ମାତ୍ର ୧୦ ରନରେ କୋଲକାତାଠାରୁ ପରାସ୍ତ ହୋଇଥିଲା। ନିହାତି ମାମୁଲି ବ୍ୟାଟିଂ କରି କେଦାର ବେଶ୍ ସମାଲୋଚିତ ହୋଇଛନ୍ତି। ଟପ୍ ଅର୍ଡରରେ ଶେନ୍ ୱାଟସନ ଓ ଫାଫ୍ ଡୁପ୍ଲେସି ଭଲ ପ୍ରଦର୍ଶନ କରୁଥିଲେ ମଧ୍ୟ ମିଡିଲ ଅର୍ଡରରେ ବ୍ୟାଟ୍ସମ୍ୟାନମାନେ ଅସ୍ଥିର ପ୍ରଦର୍ଶନ କରୁଛନ୍ତି। ନିଜେ ଧୋନୀ ମଧ୍ୟ ଶ୍ରେଷ୍ଠ ଫର୍ମରେ ନାହାନ୍ତି। କେଦାରଙ୍କୁ ବାଦ୍ ଦିଆଗଲେ ଋତୁରାଜ ଗାଏକ୍ୱାଡ କିମ୍ବା ଏନ୍. ଜଗଦୀଶନ ଦଳରେ ସାମିଲ ହୋଇପାରିନ୍ତି। ୨୦୧୮ରୁ ଏହି ଦୁଇ ଖେଳାଳି ବେଞ୍ଚ୍‌ରେ ବସିଆସୁଛନ୍ତି। ବ୍ୟାଟିଂରେ ସଂଘର୍ଷ କରୁଥିଲେ ମଧ୍ୟ ଚେନ୍ନାଇର ବୋଲିଂରେ ସୁଧାର ଆସିଛି। ପୀୟୂଷ ଚାୱଲାଙ୍କ ବଦଳରେ ଦଳରେ ସ୍ଥାନ ପାଇଥିବା କର୍ନ ଶର୍ମା ପ୍ରଭାବୀ ବୋଲିଂ କରି ୨ ଉଇକେଟ ନେଇଛନ୍ତି। ଦ୍ରୁତ ବୋଲର ଦୀପକ ଚହର, ସାମ କୁରାନ ଓ ଶାର୍ଦ୍ଦୁଳ ଠାକୁରଙ୍କ ଉପରେ ଧୋନୀ ପୁଣି ଭରସା କରିବେ।

ଅପରପକ୍ଷରେ ବାଙ୍ଗାଲୋର ବ୍ୟାଟିଂ ଲାଇନ୍ ଇତିମଧ୍ୟରେ ବେଶ ଦୃଢ ହୋଇଛି। ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଅଧିନାୟକ ବିରାଟ କୋହଲି ଦମ୍‌ଦାର ପ୍ରଦର୍ଶନ କରି ଫର୍ମକୁ ଫେରିଛନ୍ତି। ଯୁବ ଓପନର ଦେବଦତ୍ତ ପଡିକାଲ, ଅଭିଜ୍ଞ ଏବି ଡିଭିଲର୍ସ, ଆରୋନ ଫିଞ୍ଚ୍ ଟପ୍ ଅର୍ଡରରେ ବାଙ୍ଗାଲୋର ପାଇଁ ଅଧିକ ରନ୍ ସଂଗ୍ରହ କରିବେ ବୋଲି ଆଶା କରାଯାଉଛି। ତେବେ ବୋଲିଂ ନେଇ କୋହଲି ଚିନ୍ତିତ ଥିବେ। ଯଦିଓ ଲେଗ୍ ସ୍ପିନର ୟୁଜବେନ୍ଦ୍ର ଚହଲ ଭଲ ପ୍ରଦର୍ଶନ କରୁଛନ୍ତି। ୱାଶିଂଟନ ସୁନ୍ଦର ମଧ୍ୟ ଭଲ ପ୍ରଦର୍ଶନ କରୁଛନ୍ତି। ତେବେ ଦ୍ରୁତ ବୋଲର ଉମେଶ ଯାଦବ, ମହମ୍ମଦ ସିରାଜ ଓ ନବଦୀପ ସଇନି ଅତ୍ୟଧିକ ରନ ବ୍ୟୟ କରୁଛନ୍ତି। ଶ୍ରୀଲଙ୍କା ଦ୍ରୁତ ବୋଲର ଇସିରୁ ଉଡାନା ସାମିଲ ହେବା ପରେ ଦଳରେ ସନ୍ତୁଳନ ଆସିଛି। ବାଙ୍ଗାଲୋରର ବୋଲିଂକୁ ସଂଘର୍ଷ କରୁଥିବା ଚେନ୍ନାଇ ବ୍ୟାଟ୍ସମ୍ୟାନ କିପରି ସାମ୍ନା କରୁଛନ୍ତି ତାହା ଉପରେ ଏହି ମୁକାବିଲାର ଫଳାଫଳ ନିର୍ଭର କରିବ। ମୋଟ ଉପରେ ମ୍ୟାଚ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

# ଫାଓଲର ଇଷ୍ଟବେଙ୍ଗଲ ମୁଖ୍ୟ କୋଚ୍

**କୋଲକାତା, ୯।୧୦ (ପି.ଟି.):** ପରବର୍ତ୍ତୀ ୨ ବର୍ଷ ପାଇଁ ଇଂଲଣ୍ଡର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ତଥା ଲିଭରପୁଲ୍ କିମ୍ବଦନ୍ତୀ ରୋବି ଫାଓଲରଙ୍କୁ ଇଷ୍ଟବେଙ୍ଗଲ ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ଦିଆଯାଇଛି। ଫୁଟ୍‌ବଲ ଟିମ୍‌ର ପ୍ରମୁଖ ମାଲିକ ହରିମୋହନ ବାଙ୍ଗର ଶୁକ୍ରବାର ପ୍ରକାଶ କରିଛନ୍ତି। ଫାଓଲରଙ୍କ ସହ ଗୁରୁବାର ରାତିରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ସେ ସପ୍ତାହକ ମଧ୍ୟରେ ଗୋଆରେ ଯାଇ ଦଳ ସହିତ ଯୋଗଦେବେ ବୋଲି ଆଶା କରାଯାଉଛି। କାର୍ଯ୍ୟ ସନ୍ତୋଷଜନକ ହେଲେ ଫାଓଲରଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇପାରେ ବୋଲି ବାଙ୍ଗର କହିଛନ୍ତି। ଭାରତର ପୂର୍ବତନ ଅଧିନାୟକ ରିନେଡି ସିଂ ତାଙ୍କ ଡେପୁଟି ଭାବେ କାର୍ଯ୍ୟକରିବେ। ରିନେଡି ଇଷ୍ଟବେଙ୍ଗଲର ମଧ୍ୟ ପୂର୍ବତନ ଅଧିନାୟକ। ବାଙ୍ଗର ହେଉଛନ୍ତି ଶ୍ରୀ ସିମେଣ୍ଟ ଲିମିଟେଡ୍‌ର ମାଲିକ ଓ ପରିଚାଳନା ନିର୍ଦ୍ଦେଶକ।

# ଚେନ୍ନାଇ ବ୍ୟାଟ୍ସମ୍ୟାନ ସରକାରୀ ଚାକିରି କରୁଛନ୍ତି ବୋଲି ଭାବୁଛନ୍ତି: ସେହ୍ୱାଗ

**ନୂଆଦିଲ୍ଲୀ,୯।୧୦(ପି.ଟି.):** ପୂର୍ବତନ ଭାରତୀୟ ଓପନର ବିରେନ୍ଦ୍ର ସେହ୍ୱାଗ ଚେନ୍ନାଇ ସୁପର କିଙ୍ଗ୍ସ ବ୍ୟାଟ୍ସମ୍ୟାନଙ୍କୁ ସମାଲୋଚନା କରିଛନ୍ତି। ଚେନ୍ନାଇର କେତେଜଣ ବ୍ୟାଟ୍ସମ୍ୟାନ ସରକାରୀ ଚାକିରି କରୁଛନ୍ତି ବୋଲି ଭାବୁଛନ୍ତି ଓ ପ୍ରଦର୍ଶନ ଯାହା ହେଉ ସେମାନେ ଦଳରେ ସ୍ଥାନ ବଜାୟ ରଖିବେ ବୋଲି ଭାବୁଥିବା ସେହ୍ୱାଗ କହିଛନ୍ତି। ବୁଧବାର ୧୬୮ ରନ ଟାର୍ଗେଟର ପିଛା କରି ଚେନ୍ନାଇ ୧୫୭/୫ରେ ସୀମିତ ରହିଥିଲା ଓ ଚତୁର୍ଥ ପରାଜୟ ବରଣ କରିଥିଲା। ଶେନ୍ ୱାଟସନ କ୍ରମାଗତ ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିଲେ ମଧ୍ୟ ଅନ୍ୟ ବ୍ୟାଟ୍ସମ୍ୟାନ ଏହାର ଫାଇଦା ଉଠାଇପାରି ନ ଥିଲେ। କେଦାର ଯାଦବ ଓ ରବୀନ୍ଦ୍ର ଜାଡେଜା ବହୁ ଡଟ୍ ବଲ୍ ଖେଳି ଦଳକୁ ପରାଜୟ ମୁହଁକୁ ଠେଲି ଦେଇଥିଲେ ବୋଲି ସେହ୍ୱାଗ କହିଛନ୍ତି। ମୋ ମତରେ ଚେନ୍ନାଇ ବ୍ୟାଟ୍ସମ୍ୟାନ ସରକାରୀ ଚାକିରି କରୁଛନ୍ତି ଓ ପ୍ରଦର୍ଶନ କରନ୍ତୁ କି ନା ସେମାନେ ପାଉଣା ପାଇବେ ବୋଲି ଭାବୁଛନ୍ତି। ୱାଟସନ ଓ ଅମ୍ବାତି ରାୟୁଡୁ ଆଉଟ୍ ହେବା ପରେ ଦଳ ଧିମା ବ୍ୟାଟିଂ କରିଥିଲା। ଡ୍ୱେନ ବ୍ରାଭୋଙ୍କ ପୂର୍ବରୁ ବ୍ୟାଟିଂ କରିବାକୁ ଆସିଥିବା କେଦା ୧୨ ବଲ ଖେଳି ୭ ରନ ସଂଗ୍ରହ କରିଥିଲେ। ଫଳରେ ଦଳ ୧୦ ରନରେ ପରାସ୍ତ ହୋଇଥିଲା ବୋଲି ସେ କହିଛନ୍ତି। ଗତ ସପ୍ତାହରେ ମଧ୍ୟ ଚେନ୍ନାଇ ସମାନ ତ୍ରୁଟି କରି ହାଇଦ୍ରାବାଦଠାରୁ ୭ ରନରେ ପରାସ୍ତ ହୋଇଥିଲା। ଏହି ମ୍ୟାଚ୍‌ରେ ଟପ୍ ଅର୍ଡର ଫେଲ୍ ମାରିଥିଲା।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**NORTHERN CIRCLE,RURAL WORKS,ANGUL**
**E-Mail - sencrwangul@yahoo.co.in, Ph.No. 06764 – 236404**

No. 1634 // Dt.05.10.2020 //

**e-Procurement Notice for Road works in Odisha**

No.O-446:- 1. Name of the work : Road work. 2. Total No. of work : 1 No. 3. Estimated cost : Rs. 154.60 lakhs. 4. Class of Contractor : 'B' & 'A' Class. 5. Period of completion. : 09(Nine) Calendar Months. 6. Other details.

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Northern Circle, Angul | Road Online AGL-08/ 2020-21 | 13.10.20 at 10.00 A.M. | 02.11.20 upto 5.30 P.M. | 22.10.20 upto 1.00 P.M. | 03.11.20 at 11.00 A.M. | 06.11.20 at 11.00 A.M. |

(1) For detailed Notice inviting Tenders,Please visit to the website www.tendersorissa.gov.in.

Sd./- Superintending Engineer, N.C, Rural Works, Angul

OIPR-25049/11/0008/2021

**HIRAKUD COLLEGE, HIRAKUD**
**(LARPANK), SAMBALPUR, PIN- 766016**
**Phone No.; 0663-2481323, www.hirakudcollege.org**

**QUOTATION CALL / TENDER FOR CIVIL WORK**

Letter No. 587 Date. 06.10.2020

Undersigned invites quotation in sealed covers procures of goods services and work contracts of following items from recognized firms/ builders/ having GSTIN within 15 days from the date of advertisement:-

| Sl. No. | Items | Size (Height/ Length) | Inclusive | Height | Given Period or Completion | Remarks |
|---|---|---|---|---|---|---|
| 1 | Pre-cast Boundary | 8' x 500' | Running | | 30 days | In old Block (HSS) |
| 2 | Pre-cast Boundary | 8' x 750' | Running | | 30 days | In New Block (Degree) |
| 3 | Solar Panel | 7MW | Roof Top | | 30 days | In New Block (Degree) |
| 4 | Hydro Electricity | 25 KVA | Transformer (Three Phase) | | 30 days | In New Block (Degree) |

Sealed tenders are invited from eligible qualified Civil Contractor having PAN and IT return clearance within 15 days from the date of Advertisement:-

| Sl. No. | Items | Size (Length and width) | Inclusive | Height | Given Period or Completion | Remarks |
|---|---|---|---|---|---|---|
| 1 | Two (02) Smart Class Room | 40' x 50' | Column Structure with Separate Bathroom, Toilets & Stair Case | Standard size | From the date of receipt of the work order | First Floor/ Ground Floor for vehicle stand |
| 2 | Computer Lab- cum- SAMS Room | 40' x 40' | RCC with two toilet one for Ground Floor and another for First Floor | Standard size | From the date of receipt of the work order | First Floor |
| 3 | Running Compound wall | 8'X 350' (Height & Length) | | Standard size | From the date of receipt of the work order | In the side of Lariapada from Road Point to Last Boundary |

N.B.: The undersigned reserves the right to accept/ reject any part therof or all the quotations and tenders without assigning any reason thereof.

Sd./- Principal
Hirakud College



# ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ଦଶାହ ଉପଲକ୍ଷେ**



**ସ୍ୱର୍ଗତ ଆଖଣ୍ଡଳ ମିଶ୍ର**

ସା/ପୋ: ଶାସନ ଦାମୋଦରପୁର, ପୁରୀ
ଆବିର୍ଭାବ: ୧୮।୦୭।୧୯୨୮
ତିରୋଧାନ: ୦୧।୧୦।୨୦୨୦

ଆପଣଙ୍କ ପାର୍ଥିବ ଅନୁପସ୍ଥିତିରେ ସବୁ ଯେମିତି ନୀରବ। ଏକ ବିରାଟ ଶୂନ୍ୟତା ଯାହାକି ଅପୂରଣୀୟ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ବନ୍ଧୁବାନ୍ଧବ।

ଧ-୧୮୫୬୩

**ଏକାଦଶାହ ଉପଲକ୍ଷେ**



**୰ ବିଦ୍ୟୁଲତା ପାଣି**

ଛଇତନା, ପୁରୀ
ଆବିର୍ଭାବ: ୨୫.୦୧.୧୯୪୪
ତିରୋଧାନ: ୩୦.୦୯.୨୦୨୦

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।

-: ଶୋକସନ୍ତପ୍ତ :-
ବିଜୟ, ବିନୟ, ବିକ୍ରମ, ବଳରାମ, ମାଧବ, ସୁକାନ୍ତ, ସମସ୍ତ ଝିଅ, ଜ୍ୱାଇଁ, ନାତି, ନାତୁଣୀ ତଥା ସମସ୍ତ ବନ୍ଧୁ ଓ ପରିବାର ବର୍ଗ।

ଧ-୧୮୫୬୧

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ପ୍ରସନ୍ନ କୁମାର ମହାରଣା**

ୟୁନିଟ୍-୬, ଭୁବନେଶ୍ୱର
ଆବିର୍ଭାବ: ୨୪।୦୧।୧୯୫୮
ତିରୋଧାନ: ୩୦।୦୯।୨୦୨୦

"ପିତା ସ୍ୱର୍ଗ, ପିତା ଧର୍ମ, ପିତା ହିଁ ପରମ ତପ ପିତରି ପ୍ରୀତିମାପନ୍ନେ, ପ୍ରିୟନ୍ତେ ସର୍ବ ଦେବତା।"

ଜୀବନର ସବୁ ଦୁଃଖକୁ ଭୁଲି ଯେ ଖୁସି ଦିଏ ସେ ହେଉଛନ୍ତି ମୋ ବାପା। ନିଜେ ଭୋକରେ ରହି ଆମମାନଙ୍କ ସ୍ୱପ୍ନକୁ ଯେ ପୂରଣ କରନ୍ତି ସେ ମୋ ବାପା। ଜୀବନର ରାସ୍ତାରେ ଆମକୁ ଏକା ଛାଡି ଚାଲିଗଲ ସିନା ଆଜି ବି ତମର ସେଇ ଗେହ୍ଲି ଓ ଗୁଲୁରି ଡାକକୁ ଏ ମନ ଝୁରେ। ଯୋଉଠି ବି ଥାଅ, ଭଲରେ ଥାଅ। ଭଗବାନ ତୁମ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ।

-:ଶୋକସନ୍ତପ୍ତ:-
ପତ୍ନୀ: ଅନୁପମା ମହାରଣା, ପୁତ୍ରୀ: ରିଙ୍କୁ, ପିଙ୍କୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୧୮୫୬୨

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ନବକିଶୋର ମହାନ୍ତି**

ଆବିର୍ଭାବ- ୧୩.୦୭.୧୯୩୪
ତିରୋଧାନ- ୩୦.୦୯.୨୦୨୦
ବି-୩୮, ବିଡିଏ ଡୁପ୍ଲେକ୍ସ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର
ଗ୍ରାମ- କୁଆପୁଟ, ହଳଦିଆ, ଖୋର୍ଦ୍ଧା

ଆପଣଙ୍କ ସ୍ନେହ ଏବେବି ଶକ୍ତିଦିଏ, ଆପଣଙ୍କ ଦିଗଦର୍ଶନ ଏବେ ଆଶାଦିଏ। ଆଉ ଆପଣଙ୍କ ସ୍ମୃତି ଆମ ଆଖିକୁ ଭରିଦିଏ ଅମାନିଆ ଲୁହରେ। ସବୁବେଳେ ଅମର ଆପଣ ଆମମାନଙ୍କ ହୃଦୟରେ। କାଳିଆ ରଖିଥାନ୍ତୁ ଆପଣଙ୍କୁ ତାଙ୍କ ପାଦପଦ୍ମରେ।

ଶୋକସନ୍ତପ୍ତ : ବନ୍ଧୁ ଓ ପରିବାରବର୍ଗ

ଧ-୬୯୭୮୧

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ପ୍ୟାରୀମୋହନ ମହାନ୍ତି**

କୋଠବାଡ଼, ଦାଣ୍ଡମକୁନ୍ଦପୁର, ଜିଲ୍ଲା-ପୁରୀ
ଆବିର୍ଭାବ: ୨୮।୦୬।୧୯୩୦
ତିରୋଧାନ: ୩୦।୦୯।୨୦୨୦

ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥ, ଶ୍ରୀରାଧାମୋହନଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ:
ପୁତ୍ର: ରଞ୍ଜୁ, ନାଲୁ, ବୋହୂ: ଇତି, ନିନା, ଝିଅ: ସଞ୍ଜୁ, ଜ୍ୱାଇଁ: ସୁଶୀଲ୍, ନାତି: ଲୁଲୁ, ଟିକୁ, ଖୁକୁନ, କାହ୍ନା, ନାତୁଣୀ: ଲିପି, ପରିବାର ଓ ବନ୍ଧୁ ପରିଜନ।

ଧ-୬୩୯୮୬

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଉମାଚରଣ ପଟ୍ଟନାୟକ**

ତଳତେଲେଙ୍ଗା ବଜାର, କଟକ-୯
ଆବିର୍ଭାବ: ୧୦।୦୬।୧୯୩୪
ତିରୋଧାନ: ୩୦।୦୯।୨୦୨୦

ଆଜିର ଏହି ଏକାଦଶାହ ତିଥିରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଚରଣାରବିନ୍ଦରେ ଆମର ପ୍ରାର୍ଥନା।

ଶୋକସନ୍ତପ୍ତ:
ସହଧର୍ମିଣୀ, ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।

ଧ-୬୯୩୫୦


## ଖିଲିଖିଲି ହସ

ଥରେ ବଣ୍ଟି ଏବଂ ବବଲି ବସି କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ବଣ୍ଟି ପଚାରିଲା, ଆରେ ବବଲି, ତୁମର ପରା ମହୁମାଛି ଚାଷ କରିଥିଲ ? ସେଥିରୁ କ'ଣ ଉପକାର ମିଳିଲା କହିଲୁ ? ଏକଥା ଶୁଣି ବବଲି କହିଲା, ଆରେ ତୁମର ମଧ୍ୟ ଏହି ଚାଷ କରିବା ଦରକାର। କାରଣ ମହୁମାଛି ଚାଷ କରିବା ଦ୍ୱାରା ଆମର ବଡ ଉପକାର ହୋଇଛି। ମହୁମାଛି ଭୟରେ ଆମ ଘରକୁ ଆଉ ବେଶୀ କୁଣିଆ ଆସୁନାହାନ୍ତି।

ଥରେ ରାମ ବାବୁ କାର୍‌ରେ ଯାଉଥିଲେ। ଏହି ସମୟରେ ସେ ଦେଖିଲେ ଯେ ରାସ୍ତା କଡରେ ବସି ଦୁଇ ଜଣ ଲୋକ ଘାସ ଖାଉଛନ୍ତି। ସେ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। କାର୍ ଅଟକାଇ ବାହାରକୁ ଆସି ସେମାନଙ୍କ ପାଖକୁ ଗଲେ। ତାଙ୍କୁ ଦେଖି ସେହି ଲୋକଦ୍ୱୟ ଭୟଭୀତ ହୋଇଗଲେ। ଏହା ଦେଖି ରାମ ବାବୁ କହିଲେ, 'ଆରେ ତୁମେ ମତେ ଦେଖି ଭୟ କରନା। କାରଣ ତୁମମାନଙ୍କ ପାଖରେ ମୋର ଏକ କାମ ଅଛି। ସେମାନେ ଏକସ୍ୱରରେ ପଚାରିଲେ, କି' କାମ ? ରାମ ବାବୁ କହିଲେ, ମୋର ଘର ସାମନାରେ ପ୍ରବଳ ଘାସ ହୋଇଛି। ତୁମକୁ ମୁଁ ସାଙ୍ଗରେ ନେଇଗଲେ ତୁମେମାନେ ସେଠାରେ ଥିବା ଘାସକୁ ଖାଇ ସଫା କରିଦେବ !

# ସାଧୁ ଆଉ ଠକ

ଦିନକର କଥା । ଗୋଟିଏ ଗାଁର ମନ୍ଦିରରେ ଦେବଶର୍ମା ନାମରେ ଜଣେ ପ୍ରତିଷ୍ଠିତ ସାଧୁ ରହୁଥିଲେ । ଗାଁରେ ସବୁ ଲୋକ ତାଙ୍କୁ ସମ୍ମାନ କରନ୍ତି। ତାଙ୍କର ଭଲ ଗୁଣ ଯୋଗୁଁ ଦାନରେ ବହୁତ ପ୍ରକାରର ବସ୍ତ୍ର,ଉପହାର, ଖାଦ୍ୟ ପଦାର୍ଥ ମିଳେ ଆଉ କିଛି ଟଙ୍କା ମଧ୍ୟ ଦାନ ଆକାରରେ ମିଳେ । ସେ ଲୁଗାପଟାକୁ ବିକି ବହୁତ ପଇସା ରୋଜଗାର କରି ସାରିଥିଲେ । ସାଧୁ କେବେ କାହା ଉପରେ ବିଶ୍ୱାସ କରନ୍ତିନାହିଁ। ଆଉ ନିଜର ଧନର ସୁରକ୍ଷା ପାଇଁ ସେ ସବୁବେଳେ ଚିନ୍ତିତ ଥାଆନ୍ତି। ସେ ନିଜର




ଧନକୁ ଗୋଟିଏ ଗଣ୍ଠିଲି ଭିତରେ ରଖୁଥିଲେ ଆଉ ତାକୁ ସାଙ୍ଗରେ ସବୁବେଳେ ନେଇକରି ଯାଉଥିଲେ । ସେ ଗାଁରେ ଗୋଟିଏ ଠକ ରହୁଥିଲା । ବହୁତ ଦିନ ହେଲା ସେ ସାଧୁଙ୍କର ଗଣ୍ଠିଲି ଉପରେ ନଜର ରଖିଥିଲା । ଠକ ସବୁବେଳେ ସାଧୁଙ୍କର ପିଛା କରୁଥିଲା। କିନ୍ତୁ ସାଧୁ ସେ ଗଣ୍ଠିଲିକୁ କେବେ ନିଜଠୁ ଅଲଗା କରିବାକୁ ଦେଉ ନ ଥିଲେ।

ଶେଷରେ ସେ ଠକ ଦିନେ ଛାତ୍ର ବେଶରେ ଆସି ସାଧୁଙ୍କୁ ପ୍ରଣାମ କଲା। ଆଉ ସାଧୁଙ୍କର ଗୋଡ ତଳେ ପଡି ବହୁତ କାକୁତି ମିନତି କଲା ତାଙ୍କର ଶିଷ୍ୟ ହେବା ପାଇଁ। ଠକ କହିଲା ସେ ତାଙ୍କଠୁ ଜ୍ଞାନ ପ୍ରାପ୍ତ କରିବା ପାଇଁ ଚାହୁଁଛି। ସାଧୁ ବହୁତ କଷ୍ଟରେ ମାନିଲେ ତା' କଥାକୁ। ଆଉ ସେ ଠକ ସାଧୁଙ୍କ ସହିତ ମନ୍ଦିରରେ ରହିବାକୁ ଲାଗିଲା ।

ଠକ ମନ୍ଦିରର ସଫା ସୁତୁରା କାମ କରୁଥିଲା ଆଉ ତା' ସହିତ ଅନ୍ୟାନ୍ୟ କାମ ମଧ୍ୟ କରୁଥିଲା । ଆଉ ସେ ସାଧୁଙ୍କର ସେବା ମଧ୍ୟ କରୁଥିଲା । ସେ ବହୁତ ଶୀଘ୍ର ସାଧୁଙ୍କର ବିଶ୍ୱାସର ପାତ୍ର ହୋଇଗଲା । ଦିନେ ସାଧୁଙ୍କ ପାଖକୁ ପାଖ ଗାଁରେ ଗୋଟିଏ ଅନୁଷ୍ଠାନ ପାଇଁ ନିମନ୍ତ୍ରଣ ଆସିଲା । ସାଧୁ ସେ ନିମନ୍ତ୍ରଣକୁ ସ୍ୱୀକାର କଲେ ଅଉ ନିର୍ଦ୍ଧାରିତ ଦିନ ସାଧୁ ନିଜ ଶିଷ୍ୟ ସହିତ ସେହି ଅନୁଷ୍ଠାନରେ ଭାଗ ନେବା ପାଇଁ ବାହାରି ପଡିଲେ ।

ରାସ୍ତାରେ ଗଲାବେଳେ ଗୋଟିଏ ନଦୀ ପଡିଲା । ସାଧୁ ସେ ନଦୀରେ ଗାଧୋଇବାର ଇଚ୍ଛା ପ୍ରକାଶ କଲେ । ସେ ତାଙ୍କର ଗଣ୍ଠିଲିକୁ ଗୋଟିଏ କମ୍ବଳ ଭିତରେ ଗୁଡେଇ ଦେଲେ ଆଉ ନଦୀର କୂଳରେ ରଖିଦେଲେ । ସେ ଶିଷ୍ୟକୁ ନିଜର ଜିନିଷର ଦେଖାଶୁଣା କରିବାକୁ କହି ନଦୀ ଆଡକୁ ଚାଲିଗଲେ ଗାଧୋଇବା ପାଇଁ । ଠକ ବହୁତ ଦିନ ହେଲା ସୁଯୋଗର ଅପେକ୍ଷା କରି ରହିଥିଲା । ସାଧୁ ଯେମିତି ନଦୀ ଭିତରେ ପଶି ମୁଣ୍ଡକୁ ପାଣି ଭିତରକୁ ପୂରେଇଲେ, ସେ ଠକ ତୁରନ୍ତ ଗଣ୍ଠିଲିକୁ ଧରି ସେଠାରୁ ଦୌଡିକରି ପଳେଇଲା ।

**–ମନୋଜ କୁମାର ବେହେରା**
୨୧୭, ୟୁନିଟ-୯(ଫ୍ଲାଟ), ବାୟାବାବା ମଠ ଲେନ, ଭୁବନେଶ୍ୱର

## ଆଇନା


ବର୍ଷାରାଣୀ
୧୧ବର୍ଷ

## ଗିନିଜ୍ ୱାର୍ଲ୍ଡ ରେକର୍ଡ

# ଟାଏକୋଣ୍ଡୋରେ ବିଶ୍ୱ ରେକର୍ଡ



ପିଲାମାନେ, ତୁମେ ତ ଜାଣ କି ଅଭ୍ୟାସ ବଳରେ ସବୁକିଛି ସମ୍ଭବ। କୈଣସି କାମ ଯେତେ କଷ୍ଟ ଲାଗୁଥିଲେ ବି ବାରମ୍ବାର ଅଭ୍ୟାସ କରିବା ଫଳରେ ତାହା ଅତି ସହଜରେ କରିହୁଏ। ଠିକ୍ ଏମିତି ଅଭ୍ୟାସ ବଳରେ ଟାଏକୋଣ୍ଡୋରେ ବିଶ୍ୱ ରେକର୍ଡ କରିଛନ୍ତି ୫ ବର୍ଷର ବାଳକ ଆଶ୍‌ମାନ୍ ତାନେଜା। ସେ ଲଗାତର ୧ ଘଣ୍ଟା ଆଣ୍ଠୁରେ ୧୨୦୦ ଥର ଫୁଲ ଷ୍ଟ୍ରାଇକ୍ କରି ଏହି ରେକର୍ଡର ଅଧିକାରୀ ହୋଇପାରିଛନ୍ତି।

ଆଶ୍‌ମାନ୍ ହେଉଛନ୍ତି ହାଇଦ୍ରାବାଦର ଓକ୍ରିଡ୍ ସ୍କୁଲର ଗ୍ରେଡ୍ ୱାନ୍‌ର ଛାତ୍ର। ସେ ପୂର୍ବରୁ ଆମେରିକାରେ ହୋଇଥିବା ବିଶ୍ୱ ଟାଏକୋଣ୍ଡୋ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ମେଡାଲ ହାସଲ କରଥିଲେ। ତେବେ ଗିନିଜ୍ ୱାର୍ଲ୍ଡ ରେକର୍ଡ ନିମନ୍ତେ ସେ ବର୍ଷେ ପୂର୍ବରୁ ଜୋରଦାର ଅଭ୍ୟାସ କରୁଥିଲେ। ତେବେ ଟାଏକୋଣ୍ଡୋରେ ରେକର୍ଡ ନିମନ୍ତେ ସେ ତାଙ୍କ ଭଉଣୀଙ୍କ ଠାରୁ ପ୍ରେରଣା ପାଇଥିଲେ। ତାଙ୍କ ଭଉଣୀ ମଧ୍ୟ ଟାଏକୋଣ୍ଡୋରେ ଗିନିଜ୍ ରେକର୍ଡ କରିଛନ୍ତି। ଛୋଟବେଳରୁ ଆସ୍‌ମାନ୍‌ଙ୍କର ଖେଳପ୍ରତି ସ୍ୱତନ୍ତ୍ର ଆଗ୍ରହ ରହିଥିଲା ସେଥିପାଇଁ ସେ ଖୁବ୍ କମ୍ ବୟସରୁ ଏହି ଖେଳ ଖେଳୁଥିଲେ। ଆଉ ପ୍ରବଳ ଆଗ୍ରହ ଥିବାରୁ ସେ ଅତି ଶୀଘ୍ର ଖେଳରେ ସନ୍ତୁଳନ ରକ୍ଷା କରିପାରିଥିଲେ। ଆଉ ବାରମ୍ବାର ଅଭ୍ୟାସ ଫଳରେ ସେ ଏକ ଘଣ୍ଟାରେ ଏତେ ଷ୍ଟ୍ରାଇକ୍ କରି ରେକର୍ଡ କରିବାକୁ ସକ୍ଷମ ହୋଇଛନ୍ତି।

## କହିଲ ଦେଖି



ଉଡି ଉଡି ସିଏ ଫୁଲରେ ବସେ
ଆନନ୍ଦ ମନରେ ମୁରୁକି ହସେ
ଦେହସାରା ତା'ର ପଡିଛି ଛିଟ
ଭାରି ମନଲୋଭା ଅଟେ ସେ କୀଟ ।
**ଉତ୍ତର : ପ୍ରଜାପତି**



ଭାରି ଉପକାରୀ ବନ୍ଧୁଟେ ସିଏ
ସୁଖମୟ ଜୀବନ ତା'ପାଇଁ ହୁଏ
ଫୁଲ ଫଳ କେତେ ଆମକୁ ଦିଏ
ସାଥେ ଥିଲେ ମନୁଷ୍ୟ ଶାନ୍ତିରେ ଜିଏଁ ।
**ଉତ୍ତର: ଗଛ**



ସାଜୁଥାଏ ସିଏ ଘର ଛପର
ଗୋମାତା ପାଇଁ ଅଟେ ଆହାର
ବଳି ଦେଲେ ସାଜେ ପାଳଦଉଡି
କିଏ ସେ କହିବ କୁହ ନାମ ତାହାରି ।
**ଉତ୍ତର : ଛଣ**

**–ପ୍ରଶାନ୍ତ କୁମାର ନାଥ,** ସୁନ୍ଦରପୁର, ଉତ୍ତରକୂଳ ହାଟ୍, ପ୍ରୀତିପୁର, ଯାଜପୁର

## କବିତା

### କିଏ କେଉଁଠି ହଜେ



ବୁଦ୍ଧି ହଜିଯାଏ ରାଗରେ
ଖରା ହଜେ ମେଘ ପାଗରେ।
ବାଟ ହଜେ ଘନ ଅନ୍ଧାରେ
ବେଳ ହଜେ କାମ ଧନ୍ଦାରେ।
ପିଲା ହଜେ ଯାତ୍ରା ମେଳାରେ
ସ୍ୱର ହଜେ ଚଢା ଗଳାରେ।
ଗୋରୁ ହଜେ ଖରା ଦିନରେ
ବାଦଲ ଉହାଡ଼େ ଜହ୍ନରେ।
ପାଦଚିହ୍ନ ହଜେ ବାଲିରେ
ଛୁଆକାନ୍ଦ ହଜେ ଦୋଳିରେ।
ନିଦ ହଜେ ଚିନ୍ତା ଛଳରେ
ଧନ ହଜେ ଜୁଆ ଖେଳରେ।
ମହତ ହଜଇ ହାଟରେ
ସଭା କଥା ଭୁଟୁଭାଟରେ।
ମନହଜେ ଫୁଲ ବାସରେ
ପାଠ ହଜେ ସ୍ମୃତି ନାଶରେ।

*–ଡ. ନାରାୟଣ ବାରିକ୍, ୮–ରୟାଲ ଗାର୍ଡନ, ଆଇଗିଣିଆ, ଭୁବନେଶ୍ୱର–୧୯*


### ସୁନା ପିଲାଟିଏ ହେବି



ସକାଳୁ ସକାଳୁ ସଅଳ ଉଠିବି
କରିବିନି ଜମା ଡେରି,
ବାପା ମାଆ ପାଦେ ପ୍ରଣାମ କରିବି
ମୁଣ୍ଡକୁ ନୁଆଁଇ କରି।
ଦୈନନ୍ଦିନ କାର୍ଯ୍ୟ କରିବି ଯତନେ
ମନକୁ କରି ମୁଁ ସ୍ଥିର,
ଗୁରୁ ଜନ ପାଶେ ମୋର ମନକଥା
କହିବି ମୁଁ ଅତି ଧୀର।
ବିଭୁଙ୍କୁ ପ୍ରାର୍ଥନା କରୁଥିବି ନିତି
ରଖି ତାଙ୍କ ପାଦେ ଲୟ,
ସାହସ ଶକତି ଦେବାକୁ କହିବି
ବିପଦେ ନ କରି ଭୟ।
ବହି ଖୋଲି ପାଠ ପଢୁଥିବି ନିତି
ରଖିବିନି କିଛି ବାକି,
ସାଙ୍ଗ ସାଥୀ ମେଳେ ହସିବି ପଢିବି
ସତ କହିବି ମୁଁ ନିତି।
ଭଲ ପାଠ ପଢି ସୁନା ପିଲା ହେବି
ରଖିବି ଏ ମାଟି ମାନ,
ଦେଶ ଜାତି ପାଇଁ ସେବା କରି ମୁହିଁ
ଗାଇବି ଭାରତ ଗାନ।

**–ଅଶୋକ କୁମାର ପ୍ରଧାନ,**
ଶିକ୍ଷକ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ, ରୋହିଗାଁ, ଗଞ୍ଜାମ

### ସାବଧାନ



ଅଜା କହୁଛନ୍ତି , କରୋନା ଆମର
ହଜେଇ ଦେଲାଣି ନିଦ
ଉପାୟ ନ ପାଇ ଚାଇନା ଆମକୁ
କରିଛି ଭୂତାଣୁ–ବିଦ୍ଧ।
ହେଉନି ଏସନ ମେଳା ମଉଛବ
ଆସନ୍ତି ଦୁରୁଗା ମାଆ
ହେବନି ମେଲୋଡ଼ି ନାଚଗୀତ, ଖାଲି
ପୂଜାପାଠ ହେବ ଯାହା।
ବାହା କି ବରତ ବିନା ଆଡମ୍ବରେ
ହେଉଛି କେଉଁଠି କେବେ
ନିୟମ ନ ମାନି ଲୋକ ରୁଣ୍ଡହେଲେ
ମାମୁ ଆସି ଧରି ନେବେ।
ଟିକା ଯେତେଦିନ ବାହାରିନି ଆମେ
ସାବଧାନ ଟିକେ ହେବା
ମୁଖା ପିନ୍ଧି , ହାତ ସାବୁନ୍‌ରେ ଧୋଇ
ରୋଗକୁ ଦୂରେଇ ଦେବା।

***–ଶିଶିର କୁମାର ପଣ୍ଡା,***
*କୁଆଁସ , ମେରଦା କାଟିଆ, ଯାଜପୁର*

## ତଗଲା ଭୀମୁ




## ଜଣା-ଅଜଣା

## ସେଓ



- ସେଓ ଏପରି ଏକ ଗଛ, ଯାହା ଶୀଘ୍ର ବଢ଼ିଥାଏ।
- ସମଗ୍ର ପୃଥିବୀରେ ପ୍ରାୟ ୧୦୦୦ ପ୍ରକାର ସେଓ ଦେଖିବାକୁ ମିଳିଥାଏ। ସେଗୁଡିକ ମଧ୍ୟରୁ ଫୁଜି, ଗଳା, ରେଡ୍ ଡେଲିସିୟସ, ଗୋଲଡେନ୍ ଡେଲିସିୟସ, ପିଙ୍କି ଲେଡି ଏବଂ ଗ୍ରାନି ସ୍ମିଥର ଆଦିର ଚାହିଦା ବେଶୀ।
- ତଟକା ସେଓ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଅନେକ ଏହାକୁ ଖାଉଥିବା ବେଳେ ଏହାର ଜୁସ୍ ମଧ୍ୟ ଉପକାରୀ।
- ଗ୍ରାନି ସ୍ମିଥ ସେଓ ପ୍ରଥମେ ଅଷ୍ଟ୍ରେଲିଆରେ ଦେଖିବାକୁ ମିଳିଥିଲା। ମାରିଆନ୍ ସ୍ମିଥ୍ ନାମ୍ନୀ ଜଣେ ମହିଳା ପ୍ରଥମେ ଏହାକୁ ଚାଷ କରିଥିଲେ।
- ସେଓ ଚାଷରେ ଚାଇନା ଆଗୁଆ। ଏହି ଦେଶରେ ସବୁଠାରୁ ଅଧିକ ସେଓ ଉତ୍ପାଦିତ ହୋଇଥାଏ।
- ସେଓ ଗଛରେ ବସନ୍ତ ଋତୁରେ ଫୁଲ ଫୁଟେ ଏବଂ ଶୀତ ଦିନରେ ସେଓ ପାଚିଥାଏ।
- ଜଣେ ବ୍ୟକ୍ତି ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସେଓକୁ ସାମିଲ କରିବା ଭଲ। ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପାକାରୀ ସାବ୍ୟସ୍ତ ହୋଇଥାଏ।

## ତୁମ ତୂଳୀରୁ



**ଅଙ୍କିତା ଦାସ**
କ୍ଲାସ–୯, ଷ୍ଟୁଆର୍ଟ ସ୍କୁଲ, ଭୁବନେଶ୍ୱର



**ଓମ୍‌ପ୍ରକାଶ ବାରିକ,** କ୍ଲାସ– ୬, ବସନ୍ତପୁର ଇଂଲିଶ୍ ମିଡିୟମ୍ ସ୍କୁଲ, ମୁର୍ସିଦାବାଦ, ପଶ୍ଚିମବଙ୍ଗ



**ଭାସ୍ୱତୀ ବିଶୋଇ**
କ୍ଲାସ–୫, କେନ୍ଦ୍ରୀୟ ବିଦ୍ୟାଳୟ ନଂ ୩, ଭୁବନେଶ୍ୱର

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ଶନିବାର, ଅକ୍ଟୋବର ୧୦/୨୦୨୦ Saturday, October 10/ 2020




# ପଞ୍ଚମ ବିଜୟ ସହ ଶୀର୍ଷରେ ଦିଲ୍ଲୀ

**ଶାରଜା, ୯।୧୦**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ରାଜସ୍ଥାନ ରୟାଲ୍ସକୁ ୪୬ ରନରେ ହରାଇ ଦିଲ୍ଲୀ କ୍ୟାପିଟାଲ୍ସ ପଏଣ୍ଟ ଟେବୁଲର ଶୀର୍ଷକୁ ଫେରିଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦିଲ୍ଲୀ ୮ ଉଇକେଟ ହରାଇ ୧୮୪ ରନ କରିଥିବାବେଳେ ରାଜସ୍ଥାନ ୧୯.୪ ଓଭରରେ ୧୩୮ ରନ କରି ଅଲଆଉଟ ହୋଇ ଯାଇଥିଲା। ଦିଲ୍ଲୀ ୬ ମ୍ୟାଚରୁ ୫ମ ବିଜୟ ସହ ୧୦ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ରାଜସ୍ଥାନ ୬ ମ୍ୟାଚରୁ ୪ର୍ଥ ପରାଜୟ ସହ ୭ମ ସ୍ଥାନରେ ଅପରିବର୍ତ୍ତିତ ରହିଛି।

ଶାରଜା କ୍ରିକେଟ ଷ୍ଟାଡିୟମରେ ୨୨୩ ରନ ଚେଜ୍ କରି ରେକର୍ଡ କରିଥିବା ରାଜସ୍ଥାନ ଏଥର କିନ୍ତୁ ଫେଲ୍ ମାରିଥିଲା। କୌଣସି ବ୍ୟାଟ୍ସମ୍ୟାନ ଦିଲ୍ଲୀ ବୋଲରଙ୍କୁ ଦକ୍ଷତାର ସହ ମୁକାବିଲା କରିପାରି ନ ଥିଲେ। ରାହୁଲ ଟେୱାଟିଆ ସର୍ବାଧିକ ୩୮(୨୯ ବଲ, ୩ ଚୌକା, ୨ ଛକା) ରନ କରିଥିବାବେଳେ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ୩୪(୩୬ ବଲ, ୧ ଚୌକା, ୨ ଛକା) ଓ ଅଧିନାୟକ ଷ୍ଟିଭେନ ସ୍ମିଥ ୨୪(୨ ଚୌକା, ୧ ଛକା) ରନ କରିଥିଲେ। ଦିଲ୍ଲୀ ବୋଲରଙ୍କ


ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଅଲ୍‌ରାଉଣ୍ଡ୍ ପ୍ରଦର୍ଶନ କରିଥିବା ମାର୍କୁସ୍ ଷ୍ଟୋଇନିସ୍।

ମଧ୍ୟରେ କାଗିଶୋ ରାବାଡ଼ା ସର୍ବାଧିକ ୩ଟି, ମାର୍କୁସ ଷ୍ଟୋଇନିସ ଓ ରବିଚନ୍ଦ୍ରନ ଅଶ୍ୱିନ ୨ଟି ଲେଖାଏ ଏବଂ ଏନରିଚ୍ ନର୍ଜେ, ଅକ୍ଷର ପଟେଲ ଓ ହର୍ଷଲ ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ରାଜସ୍ଥାନ ରୟାଲ୍ସ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଅଧିନାୟକ ଷ୍ଟିଭ୍ ସ୍ମିଥଙ୍କ ନିଷ୍ପତ୍ତିକୁ ବୋଲରମାନେ ଉଚିତ ସାବ୍ୟସ୍ତ କରି କୌଣସି ଉଇକେଟ ଯୋଡ଼ିରେ ବଡ଼ ପାର୍ଟନରଶିପ୍ ହେବାକୁ ଦେଇ ନ ଥିଲେ। ଦିଲ୍ଲୀ ସ୍କୋର ମାତ୍ର ୧୨ ଥିବାବେଳେ ଅଭିଜ୍ଞ ଓପନର ଶିଖର ଧାୱନ ମାତ୍ର ୫ ରନ କରି ଜୋଫ୍ରା ଆର୍ଚରଙ୍କ ଶିକାର ହୋଇଥିଲେ। ଫର୍ମରେଥିବା ପୃଥ୍ୱୀ ଶ' ୧୯ (୧୦ ବଲ, ୨ ଚୌକା, ୧ ଛକା) ରନ କରି ସେହି ଆର୍ଚରଙ୍କ ବଲ୍‌ରେ ଆଉଟ ହୋଇଥିବାବେଳେ ଅଧିନାୟକ ଶ୍ରେୟାସ ଆୟାର(୨୨ ରନ, ୧୮ ବଲ, ୪ ଚୌକା) ରନ ଆଉଟ ହେବା ଦଳକୁ ଶକ୍ତ ଧକ୍କା ପହଞ୍ଚାଇଥିଲା। ବିପକ୍ଷ ଦଳର ଯୁବ ଖେଳାଳି ଯଶସ୍ୱୀ ଜୟସ୍ୱାଲ ଡାଇରେକ୍ଟ ଥ୍ରୋ କରି ଆୟାରଙ୍କୁ ପ୍ୟାଭିଲିୟନ ପଥ ଦେଖାଇଥିଲେ। ୫୦ ରନ ମଧ୍ୟରେ ଦଳ ୩ଟି ଉଇକେଟ ହରାଇଥିଲା। ମଧ୍ୟଭାଗରେ ରିଷଭ ପନ୍ତ ଆଶାନୁରୂପ ଖେଳି ନ ପାରି ୯ ବଲ୍‌ରୁ ମାତ୍ର ୫ ରନ କରି ରନଆଉଟ ହୋଇଥିଲେ। ମାର୍କୁସ ଷ୍ଟୋଇନିସ୍ ଓ ଶିମରନ ହେଟମେର କିଛି ସମୟ ପ୍ରତିପକ୍ଷ ବୋଲରଙ୍କୁ ମୁକାବିଲା କରି ଦଳକୁ ସମ୍ମାନଜନକ ସ୍କୋର ପଥରେ ଅଗ୍ରସର କରାଇଥିଲେ। ତେବେ ଷ୍ଟୋଇନ୍ସ ୩୦ ବଲ୍‌ରୁ ୩୯(୪ ଛକା) ରନକରି ଏବଂ ହେଟମେର ବିପକ୍ଷ ଦଳର ଯୁବ ବୋଲର କାର୍ତ୍ତିକ ତ୍ୟାଗୀଙ୍କୁ କ୍ରମାଗତ ୨ଟି ଛକା ମାରିବାପରେ ପରବର୍ତ୍ତୀ ବଲ୍‌ରେ ଆଉଟ ହୋଇ କ୍ରିଜ୍ ଛାଡ଼ିଥିଲେ। ସେ ୨୪ ବଲ୍‌ରୁ ୧ ଚୌକା ଓ ୫ ଛକା ସହ ଦ୍ରୁତ ୪୫ ରନ ସ୍କୋର କରିଥିଲେ। ଶେଷଭାଗରେ ଅକ୍ଷର ପଟେଲ ୧୭(୮ ବଲ, ୨ ଚୌକା, ୧ ଛକା) ଓ ହର୍ଶଲ ପଟେଲ ୧୬ ରନ କରିବାରୁ ଦିଲ୍ଲୀ ସ୍କୋର ୧୮୪/୮ରେ ପହଞ୍ଚିଥିଲା। ରାଜସ୍ଥାନ ବୋଲରଙ୍କ ମଧ୍ୟରେ ଜୋଫ୍ରା ଆର୍ଚର ୩ଟି ଏବଂ କାର୍ତ୍ତିକ ତ୍ୟାଗୀ, ରାହୁଲ ଟେୱାଟିଆ ଓ ଆଣ୍ଡ୍ର୍ୟୁ ଟାଏ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୫ | ୧ | ୧୦ | +୧.୨୬୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୪ | ୨ | ୮ | +୧.୪୮୮ |
| ସନ୍‌ରାଇଜର୍ସ | ୬ | ୩ | ୩ | ୬ | +୦.୨୩୨ |
| ନାଇଟ ରାଇଡର୍ସ | ୫ | ୩ | ୨ | ୬ | +୦.୦୦୨ |
| ରୟାଲ ଚ୍ୟାଲେଞ୍ଜର୍ସ | ୫ | ୩ | ୨ | ୬ | -୧.୩୫୫ |
| ଚେନ୍ନାଇ ସୁପରକିଙ୍ଗ୍ସ | ୬ | ୨ | ୪ | ୪ | -୦.୩୭୧ |
| ରାଜସ୍ଥାନ ରୟାଲ୍ସ | ୬ | ୨ | ୪ | ୪ | -୧.୦୭୩ |
| କିଙ୍ଗ୍ସ ଇଲେଭେନ | ୬ | ୧ | ୫ | ୨ | -୦.୪୩୧ |

## ସଂକ୍ଷିପ୍ତ ସ୍କୋର

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୮୪/୮(ହେଟମେର-୪୫, ଷ୍ଟୋଇନିସ୍-୩୯, ଆୟାର-୨୨, ଆର୍ଚର-୩/୨୪, ତ୍ୟାଗୀ-୧/୩୫, ଟେୱାଟିଆ-୧/୨୦, ଟାଏ-୧/୫୦)। ରାଜସ୍ଥାନ ରୟାଲ୍ସ ୧୯.୪ ଓଭରରେ ୧୩୮/ଅଲଆଉଟ (ଟେୱାଟିଆ-୩୮, ଜୟସ୍ୱାଲ-୩୪, ରାବାଡ଼ା-୩/୩୫, ଅଶ୍ୱିନ-୨/୨୨, ଷ୍ଟୋଇନିସ-୨/୧୭, ନର୍ଜେ-୧/୨୫, ଅକ୍ଷର-୧/୮, ହର୍ଷଲ-୧/୨୯)।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ